


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 24 | ଭାଗ ୩୪ | ସଂଖ୍ୟା ୨୪ | Bhubaneswar | Wednesday 16 April 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୧୬ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ଟିକେ ବୁଝିଥିଲେ ଆଜି ପରୀ, ପିହୁ ମା'କୋଳରେ ଥାନ୍ତେ

# ମୋହନଙ୍କଠାରୁ ଶିଖନ୍ତୁ ନବୀନ

## ପରୀ ସ୍ୱର୍ଗରେ, ପିହୁକୁ ଏବେ ବି ଖୋଜୁଛି ମା'





**ଭୁବନେଶ୍ୱର,୧୫।୪ (ସଂଚାର ବ୍ୟୁରୋ):** ରାଜଧାନୀରେ ରାତି ଅଧରେ ଦୃଷ୍ଟିହୀନ ମା' କୋଳରୁ ଚୋରି ଯାଇଥିବା ଶିଶୁପୁତ୍ର ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତତ୍କାଳ ହସ୍ତକ୍ଷେପ କରିବା ପରେ ପୁଲିସ୍ କୁନି ପିଲାଟିକୁ ଖୋଜି ଆଣିବାରେ ସଫଳ ହୋଇଛି। ପିଲାକୁ ଫେରାଇ ଆଣିବାର ସମସ୍ତ ଶ୍ରେୟ ପୁଲିସ୍‌କୁ ଯାଉଥିବା ବେଳେ ମୋହନଙ୍କ ତତ୍କାଳ ହସ୍ତକ୍ଷେପର ଏହା ଯେ ବଡ଼ ପ୍ରଭାବ, ତାହାକୁ ସମସ୍ତେ ସ୍ୱୀକାର କରୁଛନ୍ତି। ଦୁନିଆ ଦେଖିପାରୁ ନଥିବା ମା' ବି ପିଲାକୁ ଫେରିପାଇବା ପରେ ବାଷ୍ପରୁଦ୍ଧ କଣ୍ଠରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ ହୋଇଛି।

ଏହି ପିଲା ଚୋରି ହେବା ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ତୁରନ୍ତ ଉଦ୍ଧାର ହେବା ପୁଣିଥରେ ନୟାଗଡ଼ର ପରୀ ଓ ଯାଜପୁରର ପିହୁ ଘଟଣାକୁ ମନେ ପକାଇ ଦେଇଛି। ସରକାରୀ ସ୍ତରରେ ଉଦାସୀନତା ଯୋଗୁଁ ପରୀ ମା' କୋଳକୁ ଫେରିବା ବଦଳରେ ଅଫେରା ରାଇଜକୁ ଚାଲିଯାଇଥିବା ବେଳେ ପିହୁର ମା' ଏବେ ବି ଝିଅକୁ ଖୋଜି ଆଣିବାକୁ କାନ୍ଦି କାନ୍ଦି ସମସ୍ତଙ୍କୁ ନେହୁରା ହେଉଛନ୍ତି। ଆଜିର ଘଟଣା ଦେଖିଲା ପରେ ସମସ୍ତଙ୍କର ଗୋଟିଏ ମତ ଯେ ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଦି ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନଙ୍କ ଭଳି ତତ୍କାଳ ହସ୍ତକ୍ଷେପ କରିଥାନ୍ତେ, ତା'ହେଲ ଦୁଇ ଦୁଇଟି ମା'ର କୋଳ ଆଜି ଖାଲି ହୋଇ ନଥାନ୍ତା। ଉଲ୍ଲେଖନୀୟ ଯେ ନୟାଗଡ଼ ଜିଲ୍ଲାର କୁନିଝିଅ ପରୀ ହଜିବା ନେଇ ଗତ ୨୦୨୦ ଜୁଲାଇ ୧୪ ତାରିଖରେ ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ମାମଲା ରୁଜୁ ପରେ ପରେ ଏଥିରେ ରାଜନୀତି ପଶିଥିଲା। କ୍ଷମତାରେ ଥିବା ଦଳ କିମ୍ବା ମୁଖ୍ୟମନ୍ତ୍ରୀ କେହି ବି ଏଥିରେ ହସ୍ତକ୍ଷେପ କରିନଥିଲେ। ବରଂ ବିରୋଧୀଦଳ ଯେଉଁସବୁ ଅଭିଯୋଗ କରିଥିଲା, ତାହାକୁ କିଭଳି ଖଣ୍ଡନ କରିହେବ ସେଥିରେ ଶାସକ ଦଳ ଲାଗିପଡିଥିଲା। ଯାହାର ଫଳସ୍ୱରୂପ ସେହି ମାସ ୨୩ ତାରିଖରେ ପରୀର ଗଳିତ ମୃତଦେହ ମିଳିଥିଲା। ସେତେବେଳେ ଏହି ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହେବାରୁ ସରକାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ଯେଉଁ ତଦନ୍ତ କଲା, ସେଥିରେ ଗୋଟିଏ ନାବାଳକ ଗିରଫ ହେବା ସହ ଜେଲ ଦଣ୍ଡ ଭୋଗୁଛି। ହେଲେ କ୍ରାଇମବ୍ରାଞ୍ଚ ଅଧିକାରୀ ପରୀ ହତ୍ୟାକୁ ନେଇ ➪ପୃଷ୍ଠା-୬

ସଶକ୍ତ ହେବ ପୁଲିସ୍ ବାହିନୀ

# ୨୫୦୦ ହୋମ୍‌ଗାର୍ଡ ପଦବୀକୁ ମଞ୍ଜୁରୀ



**ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ):** ରାଜ୍ୟରେ ୨୫୦୦ ହୋମଗାର୍ଡ ପଦବୀ ପୂରଣ କରାଯିବ। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଖୁବ୍‌ଶୀଘ୍ର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁହାଯାଇଛି। ପୂର୍ବରୁ ରାଜ୍ୟରେ ଗୃହରକ୍ଷୀଙ୍କ ସଂଖ୍ୟା ୧୭,୬୭୫ ରହିଥିବା ବେଳେ ଏହି ନୂତନ ନିଯୁକ୍ତି ପରେ ଏହା ୨୦ ହଜାର ୧୭୫ରେ ପହଞ୍ଚିବ। କ୍ଷମତାକୁ ଆସିବା ପରେ ବିଜେପି ସରକାର ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ସକାଶେ ପୁଲିସ୍ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେଇଆସିଛି।

## ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ସୁଧହାର ଶୂନ

ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ): ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ମାନଙ୍କ ପାଇଁ ସୁଧ ମୁକ୍ତ ଋଣ ବ୍ୟବସ୍ଥାକୁ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହି ସୁଧ ମୁକ୍ତ ଋଣ ମୁକ୍ତ ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଗତ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରଖିଥିଲେ। ଆଜି ଏହାକୁ ୨୦୨୫-୨୬ ➪ପୃଷ୍ଠା-୬

## ୧୭ରେ ଆସିବେ ଗଡ଼କରୀ



**ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ):** ଓଡ଼ିଶା ଆସିବେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ। ସେ ଆସନ୍ତା ୧୭ ତାରିଖରେ ଓଡ଼ିଶା ଆସି ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବେ। କଟକରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ହରେକୃଷ୍ଣ ➪ପୃଷ୍ଠା-୬



ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରୀ ଜିତନ୍ ରାମ ମାଂଝୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।

## ରାଜଧାନୀରେ ବ୍ୟାପିଲା ଝାଡ଼ାବାନ୍ତି

**୧୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ**

ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଝାଡ଼ାବାନ୍ତି ବ୍ୟାପିଛି। ସ୍ମାର୍ଟ ସିଟିର ନୀଳାଦ୍ରି ବିହାରର ୧୩ ନମ୍ବର ୱାର୍ଡରେ ପ୍ରାୟ ୧୫୦ ଜଣ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କୁ ନୀଳାଦ୍ରି ବିହାର ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓ ଆଉ କେତେ ଜଣଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପାଣି ସମ୍ପରୁ ଦୂଷିତ ପାଣି ପିଇବା ଫଳରେ ଏହି ଅଞ୍ଚଳର ଲୋକମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଆକ୍ରାନ୍ତମାନଙ୍କ ମଧ୍ୟରୁ କେତେକ ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ କେତେକଙ୍କଠାରେ ବାନ୍ତି, କୁଣ୍ଡାଇ ହେବା, ପେଟ ଦରଜ ଆଦି ଲକ୍ଷଣ ମଧ ଦେଖାଦେଇଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପାଖାପାଖି ୨୦ ଦିନ ହେଲା ଏପରି ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ଶାରୀରିକ ସମସ୍ୟା ଦେଖାଦେଲାଣି। ଏହି ୱାର୍ଡର ବାସିନ୍ଦାମାନେ ବ୍ୟବହାର କରୁଥିବା ପାଣି ସମ୍ପକୁ ନିୟମିତ ଭାବେ ପରିଷ୍କାର ➪ପୃଷ୍ଠା-୬

# ମାମଲତକାରଙ୍କ ପାଇଁ ଅଟକିଛି ସଭାପତି ତାଲିକା




**ପଦାରେ ପଡିଲା ଧ୍ରୁବ-ଦେବୀ କଳି**

**ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ):** ବହୁ ଘଣ୍ଟାଚକଟା ପରେ ବିଜେଡି ୧୮ ଜିଲ୍ଲା ପାଇଁ ସଭାପତି ଚୂଡ଼ାନ୍ତ କରିପାରିଛି। ଅବଶିଷ୍ଟ ସାଙ୍ଗଠନିକ ଜିଲ୍ଲାରେ ସଭାପତି ପଦ ପାଇଁ ଚାଲିଥିବା ଝିଙ୍କାଟଣା ପାଇଁ ତାଲିକା ଚୂଡ଼ାନ୍ତ ହୋଇପାରୁନି। ନିର୍ବାଚନ ଦାୟିତ୍ୱରେ ଥିବା ନେତାମାନେ ନବୀନ ନିବାସକୁ ସୁହାଇଲା ଭଳି ଜିଲ୍ଲା ସଭାପତି ଚୟନ ପାଇଁ ଚାପ ପକାଉଥିବା ବେଳେ ଜିଲ୍ଲା ସ୍ତରର ନେତାମାନେ କିନ୍ତୁ ଏଥିରେ ରାଜି ହେଉନଥିବା ଜଣାପଡିଛି। କେନ୍ଦ୍ରାପଡା ଜିଲ୍ଲା ସଭାପତି ଚୟନକୁ ନେଇ ବିଧାୟକ ଧ୍ରୁବ ସାହୁ ଓ ଦେବୀ ମିଶ୍ରଙ୍କ ମଧରେ ତୁ ତୁ ମେଁ ମେଁ ପରେ ଏଭଳି ବିବାଦ ପଦାକୁ ଆସିଛି।

ଅଙ୍କ ଛିଣ୍ଡୁ ନଥିବା ଜିଲ୍ଲା ମଧ୍ୟରୁ କେନ୍ଦ୍ରାପଡା ଅନ୍ୟତମ। କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ପଦ ନେଇ ଶଙ୍ଖ ଭବନରେ ଚାଲିଥିଲା ବୈଠକ। ସଭାପତି ନାଁକୁ ନେଇ କିଛି ବିଧାୟକ ଧ୍ରୁବ ସାହୁଙ୍କ ନାଁ ପ୍ରସ୍ତାବ ଦେଇଥିଲେ। ଯାହାକୁ ନେଇ ଶଙ୍ଖ ଭବନରେ ଉଚ୍ଚବାଚ ହୋଇଥିଲା। କେନ୍ଦ୍ରାପଡ଼ାରେ ପ୍ରତାପ ଦେବଙ୍କ କ୍ୟାମ୍ପ ଧ୍ରୁବ ସାହୁଙ୍କୁ ଚାହୁଁଥିବା ବେଳେ ଆଉ ଏକ ଗ୍ରୁପ ଅଂଶୁମାନ ମହାନ୍ତି ଓ ଶଶିଭୂଷଣ ବେହେରାଙ୍କ ନାଁ ସୁପାରିସ୍ କରୁଛନ୍ତି। ଯାହାକୁ ନେଇ ଆଜି ବିବାଦ ତୀବ୍ର ହୋଇଥିଲା। ଏପରିକି କିଛି ନେତା କହୁଛନ୍ତି ଧ୍ରୁବ ବିବାଦର ସମାଧାନ ପାଇଁ ଗଣେଶ୍ୱର ବେହେରାଙ୍କୁ ସଭାପତି କରାଯାଇପାରେ। ଏହାକୁ ନେଇ ଧ୍ରୁବ ସାହୁ ଓ ଦେବୀ ମିଶ୍ରଙ୍କ ମଧ୍ୟରେ ପ୍ରବଳ କଥା କଟାକଟି ଯୋଗୁଁ ଆଜି ➪ପୃଷ୍ଠା-୬

# ଗାଁକୁ ନେଇ ରବି-ଅରୁଣ ମୁହାଁମୁହିଁ

**ଗଳାବାଟ ରଖିଛନ୍ତି ସରକାର: ଅରୁଣ**

**ନାଁ କାହିଁକି ବଦଳାଇଥିଲା ବିଜେଡି: ରବି**

**ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାକୁ ନେଇ ମୁହାଁମୁହିଁ ହୋଇଛନ୍ତି ବିଜେଡି ଓ ବିଜେପି। ପୂର୍ବ ବିଜେଡି ସରକାରର ବହୁ ପ୍ରଚାରିତ ଆମ ଗାଁ ଆମ ବିକାଶ ଓ ପରେ ପରିବର୍ତ୍ତିତ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ବିଫଳତାର ଲମ୍ବା ତାଲିକା ଦେଇ ବିଜେପି ସରକାର ଏହି ଯୋଜନା ନାଁ ପୁଣି ବଦଳାଇଛନ୍ତି। ଏବେ ଏହି ଯୋଜନା ବିକଶିତ ଗାଁ ବିକଶିତ ଓଡିଶା ନାଁରେ କାର୍ଯ୍ୟକାରୀ ହେଉଛି। ଗୋଟିଏ ଯୋଜନାର ନାଁ ନିଜେ ଦୁଇ ଥର ବଦଳାଇଥିବା ବିଜେଡି ଏବେ ପ୍ରଶ୍ନ ଉଠାଉଛି ବିକଶିତ ଗାଁ, ବିକଶିତ ଓଡ଼ିଶାକୁ ନେଇ। ବିଜେଡିର ଅଭିଯୋଗ ରାଜ୍ୟ ସରକାର ଯୋଜନାର ଗାଇଡ ଲାଇନ ପରିବର୍ତ୍ତନ କରି ଦୁର୍ନୀତି ପାଇଁ ଗଳା ବାଟ ରଖିଛନ୍ତି। ଯେଉଁଥିରୁ ସ୍ପଷ୍ଟ ହେଉଛି ଯେ ଦଳୀୟ ଭିତ୍ତିରେ ସରକାର ତ୍ୱିଷ୍ଟ କରି କାମ କରିବେ। ଏମାନେ ➪ପୃଷ୍ଠା-୬

# ଜାଳିଦେଲେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି



**ଛକ ନାମକରଣକୁ ନେଇ ରହିଥିଲା ବିବାଦ**

**ମାନସିକ ବିକାରଗ୍ରସ୍ତ ଗିରଫ**

ବଲାଙ୍ଗୀର,୧୫।୪(ସଂଚାର ବ୍ୟୁରୋ): ବଲାଙ୍ଗୀରର ପାଟଣାଗଡ଼ ବ୍ରହ୍ମପୁରା ବ୍ଲକ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଇଦେଇଛନ୍ତି କେତେକ ଦୁର୍ବୃତ୍ତ। ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଆଜି ସକାଳେ ଜଳୁଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ତୁରନ୍ତ ପୁଲିସ୍ ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁକୁ ଲିଭାଇଥିଲା। ଏହି ଘଟଣା ପରେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସିସିଟିଭି ଫୁଟେଜ୍ ଆଧାରରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଜଣେ ମାନସିକ ଅଗ୍ରସର ବ୍ୟକ୍ତିକୁ ପୁଲିସ୍ ଗିରଫ କରିଥିବା ଜଣାପଡ଼ିଛି। ତେବେ ଏହାକୁ ➪ପୃଷ୍ଠା-୬

## ନିନ୍ଦା କଲେ ମୁଖ୍ୟମନ୍ତ୍ରୀ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର: ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ଠାରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡ଼ି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତି ନିଶ୍ଚିତ ଭାବେ ଜଣେ ହୀନ ଓ ରୁଗ୍ଣ ମାନସିକତାର ବ୍ୟକ୍ତି ହୋଇଥିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ପୁଲିସ୍‌କୁ ସେ ନିର୍ଦ୍ଦେଶ ମଧ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ଜଣେ ବ୍ୟକ୍ତି ଗିରଫ ମଧ ହୋଇସାରିଛନ୍ତି । ଯଦି ଏହି ଘଟଣା ପଛରେ କିଛି ଷଡ଼ଯନ୍ତ୍ର ଥାଏ, ତା'ହେଲେ ଏହାର ମଧ ପର୍ଦ୍ଦାଫାସ୍ କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସମସ୍ତ ବରପୁତ୍ରଙ୍କୁ ସରକାର ସମ୍ମାନ ଦେବାରେ ବିଶ୍ୱାସ କରନ୍ତି ➪ପୃଷ୍ଠା-୬

## ବିଜୁ ମୂର୍ତ୍ତି ବିବାଦ ପଛର କାହାଣୀ

ଭୁବନେଶ୍ୱର: ପାଟଣାଗଡର ବ୍ରହ୍ମପୁରା ବ୍ଲକ ଛକରେ ଦୀର୍ଘଦିନରୁ ମୁହଁ ଢଙ୍କାହୋଇ ଛିଡା ହୋଇଥିବା ବିଜୁ ପ୍ରତିମୂର୍ତ୍ତିରେ ନିଆଁ ଲାଗିବା ପରେ ଏହି ବିବାଦ ଉପରୁ କ୍ରମଶଃ ପରଦା ଉଠିବାରେ ଲାଗିଛି। ଯେଉଁଠାରେ ବିଜୁ ମୂର୍ତ୍ତି ଛିଡା ହୋଇଛି, ସେଠାରେ ପର୍ଶୁରାମ ଶତପଥୀଙ୍କ ମୂର୍ତ୍ତି ଛିଡ଼ା କରିବାକୁ ନେଇ ଅସଲ ବିବାଦ। ତେବେ କିଏ ଏହି ପର୍ଶୁରାମ ? ପର୍ଶୁରାମ ଶତପଥୀ ହେଉଛନ୍ତି ୭୦ ଦଶକର ଛାତ୍ରନେତା। ପାଟଣାଗଡ଼ର ଏହି ଯୁବକ ଜଣଙ୍କ ସେତେବେଳେ ସାଗର ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଥିଲେ। ଉଚ୍ଚଶିକ୍ଷିତ ସହ ଜଣେ ଦକ୍ଷ ଛାତ୍ରନେତା ହୋଇଥିବାରୁ ସେତେବେଳର ବିରୋଧୀଦଳ ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କର ସେ ଅତ୍ୟନ୍ତ ପ୍ରିୟପାତ୍ର ଥିଲେ। ରାଜ୍ୟରେ ସେତେବେଳେ ନନ୍ଦିନୀ ଶତପଥୀଙ୍କ ସରକାର ଥିଲା। ପଶ୍ଚିମ ଓଡ଼ିଶା ରାଜନୀତିରେ ପର୍ଶୁରାମଙ୍କର ପ୍ରଭାବ ବଢ଼ି ଚାଲିଥିବାବେଳେ ୧୯୭୪ରେ ଏକ ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ➪ପୃଷ୍ଠା-୬

## ବିଜୁଙ୍କ ବିରୋଧରେ ହୋଇଛି ଷଡ଼ଯନ୍ତ୍ର



ଭୁବନେଶ୍ୱର: ଏହି ଘଟଣାରେ ବିଜେଡି ଅଭିଯୋଗ କରିଛି ଯେ ଏହା ହେଉଛି ଶାସକ ଦଳର ସୁଚିନ୍ତିତ ଷଡ଼ଯନ୍ତ୍ର। ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଜାଳିଦେବା ଏକ ହୀନ ପ୍ରୟାସ ଓ ଷଡ଼ଯନ୍ତ୍ର ଯାହା ଧାରାବାହିକ ଭାବେ ଚାଲିଛି। ବିଜୁବାବୁଙ୍କ ନାଁରେ ଥିବା କାର୍ଯ୍ୟକ୍ରମକୁ ବିଜେପି ସରକାର ବଦଳାଇଦେଇଛି। ଏବେ ତାଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଇ ଦିଆଗଲା। ବିଜୁ ପଟ୍ଟନାୟକ ଓଡ଼ିଶା ଓ ଭାରତର ଗର୍ବ। ତାଙ୍କ ଶବାଧାରରେ ୩ଟି ରାଷ୍ଟ୍ରର ଜାତୀୟ ପତାକା ପଡିଥିଲା। ତାଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଇବା ଉଦ୍ଦେଶ୍ୟମୂଳକ ଓ ଷଡ଼ଯନ୍ତ୍ରଭିତ୍ତିକ। ➪ପୃଷ୍ଠା-୬







## କଂଗ୍ରେସ ପକ୍ଷରୁ ମହିଳାମାନଙ୍କ ସୁରକ୍ଷା ପାଇଁ ମଶାଲ ଶୋଭାଯାତ୍ରା

**ରାଜକନିକା,୧୫।୪ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ଶାସିତ ସରକାରରେ ଦଶମାସ ମଧ୍ୟରେ ନାରୀ ନିର୍ଯ୍ୟାତନା ମାତ୍ରାଧିକ ଭାବେ ବଢ଼ି ଚାଲିଛି,ସ୍କୁଲ କଲେଜରେ ପଢୁଥିବା ନାବାଳିକା ଛାତ୍ରୀମାନେ ମଧ ଏ ବିଜେପି ସରକାରରେ ଅସୁରକ୍ଷିତ ନାରୀ ମାନଙ୍କୁ ସୁରକ୍ଷା ଓ ନ୍ୟାୟ ଦେବା ଦାବିରେ କଂଗ୍ରେସ ବିଧାନ ସଭା ଭିତରେ ବାହାରେ କ୍ରମାଗତ ଭାବେ ଆନ୍ଦୋଳନ ଜାରି ରଖିଛି ଏହି ପରିପ୍ରେକ୍ଷୀରେ ପିସିସି ସଭାପତି ଭକ୍ତ ଚାରଣ ଦାସଙ୍କ ଆହ୍ୱାନ କ୍ରମେ ଆଜି ମଙ୍ଗଳବାର ସନ୍ଧ୍ୟାରେ ରାଜକନିକା ଅଶୋକ ବଜାରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ହାତରେ ମଶାଲ ଓ ପ୍ଲାକ କାର୍ଡ ଧରି ରାଜ୍ୟ ସରକାର ବିରୁଦ୍ଧରେ ନାରାବାଜି ଦେଇ ମଶାଲ ଶୋଭାଯାତ୍ରା ଆରମ୍ଭ କରି ଚନ୍ଦନପୋଖରି ଛକ, ଷ୍ଟକ୍ଟର ଛକ ଦେଇ କଣ୍ଟପଡ଼ ବଜାରରେ ଶେଷ କରିଥିଲେ। ଏହି ମଶାଲ ଶୋଭାଯାତ୍ରା ଆଳି ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀନି ଡ଼ା.ଦେବସ୍ମିତା ଶର୍ମା, ବ୍ଲକ ପର୍ଯ୍ୟବେକ୍ଷକ ସତ୍ୟପ୍ରିୟ ସାମଲ, ଭରିଗଦା ପଞ୍ଚାୟତର ସମିତି ସଭ୍ୟ ଶରତ ରାଉତ,ବରୁଣାଦିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି,ପିସିସି ବାବୁ ରାମ ଜେନା,ନିରୋଦ ଜେନା,ଉମେଶ ପରିଡା, ପ୍ରମୋଦ ପତି, ଅଜୟ ଦାସ, ଅମିତ ନାୟକ, ପ୍ରମିଳା ସାହୁଙ୍କ ସମେତ ସମସ୍ତ ପଞ୍ଚାୟତ କଂଗ୍ରେସ କର୍ମୀ ମାନେ ଏହି ମଶାଲ ଶୋଭାଯାତ୍ରା ଯୋଗଦେଇ ଶୋଭାଯାତ୍ରାକୁ ସଫଳ କରିଥିବା ଦେଖିବାକୁ ମିଳିଥିଲା।

## ମହିଳା ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ମାହାଙ୍ଗା କଂଗ୍ରେସର ବିଶାଳ ମଶାଲ୍ ଶୋଭାଯାତ୍ରା



**ନିଶ୍ଚନ୍ତକୋଇଲି,୧୫।୪ (ସଂଚାର ବ୍ୟୁରୋ):** ମହିଳା ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ୍ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ସାରା ରାଜ୍ୟର ପ୍ରତ୍ୟେକ ବ୍ଲକ୍ ସ୍ତରରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେଉଅଛି। ଏହି ପରିପ୍ରେକ୍ଷିରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସଭ୍ୟ ପ୍ରଦୀପ୍ତ କୁମାର ଦାସଙ୍କ ସଂଯୋଜନାରେ ମଙ୍ଗଳବାର ସଂଧାରେ ନିଶ୍ଚିନ୍ତକୋଇଲି ମୁଖ୍ୟା ବଜାରରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମଶାଲ ଶୋଭାଯାତ୍ରାରେ ବ୍ଲକ ଯୁବ କଂଗ୍ରେସ ସଭାପତି ସେକ ସଦାମ, କଂଗ୍ରେସ କର୍ମୀ ଧରଣୀଧର ଚାନ୍ଦ, ରମେଶ ସାହୁ, ପ୍ରଶାନ୍ତ ସାମଲ, ରବୀନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ବେହେରା, ମୁନିଫ ଖାନ, ଅଫରନା ପରବିନ, କରିନା ବିବି, ସେକ ଅଫସର ଖାନ ଅମୀର ଖାନ, ଗୋପାଳ ସେଠୀ, ଅଜୟ କୁମାର ବାରିକ ପ୍ରମୁଖ ଶହ ଶହ ମହିଳା ପୁରୁଷ କର୍ମୀ ଯୋଗଦେଇ ନିଶ୍ଚିନ୍ତକୋଇଲି ବଉଳ ବଜାରରୁ ଏକ ବିଶାଳ ମଶାଲ୍ ଶୋଭାଯାତ୍ରା ବାହାରିଥିଲେ। ନାରୀ ସୁରକ୍ଷା ଓ ବିଜେପି ଉପରେ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ୬୦ ହଜାର ମହିଳା ନିଖୋଜ, ୧୬ ହଜାର ମହିଳା ନିର୍ଯାତିତ। ଜାଳେଣି ଗ୍ୟାସର ଅହେତୁକ ଦର ବୃଦ୍ଧି ଉପରେ ଏକ ସୁଚିପତ୍ର ବଣ୍ଟନ କରିଥିଲେ।

## ନାରୀ ସୁରକ୍ଷା ଦାବିରେ ଆଳି କଂଗ୍ରେସର ମଶାଲ ଶୋଭାଯାତ୍ରା



**ଆଳି,୧୫।୪ (ସଂଚାର ବ୍ୟୁରୋ):** ଆଳିରେ ନାରୀ ସୁରକ୍ଷା ଦାବି କରି କଂଗ୍ରେସର ମଶାଲ ଶୋଭାଯାତ୍ରା। ଏହି ଶୋଭାଯାତ୍ରା ନିଆଳ ହାଟରୁ ବାହାରି ଆଳି ବଜାର ହୋଇ ଆଠକଣିଆ ଛକରେ ଶେଷ ହୋଇଥିଲା। ଏହି ମଶାଲ ଶୋଭାଯାତ୍ରାର ମୁଖ୍ୟକାରଣ ଥିଲା ନୂଆ ସରକାର ଦଶ ମାସରେ ମହିଳାଙ୍କ ଠାରୁ ଆରମ୍ଭ କରି ଶିଶୁ ସମସ୍ତେ ଅସୁରକ୍ଷିତ। ଦିନକୁ ଦିନ ଅତ୍ୟାଚାର ସହ ନାରୀ ନିର୍ଯ୍ୟାତନା ବଢ଼ି ଚାଲୁ ଥିବା ବେଳେ ଏ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ଫେଲ ମାରିଛି। ଯାହାଫଳରେ ଏହି ସରକାରରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହ ମହିଳା ମାନେ ସୁରକ୍ଷା ମଣୁ ନାହାନ୍ତି ବୋଲି କଂଗ୍ରେସର ନେତୃ ବୃନ୍ଦ କହିଥିଲା ବେଳେ ଯେପର୍ଯ୍ୟନ୍ତ ନାରୀ ସୁରକ୍ଷା ହୋଇ ନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏହି ଶୋଭା ଯାତ୍ରା ରେ ଯୋଗଦେଇଥିଲେ ଆଳିର କଂଗ୍ରେସ ବିଧାୟିକା ପାର୍ଥୀ ଦେବସ୍ମିତା ଶର୍ମା ଆଳି ବ୍ଲକ୍ କଂଗ୍ରେସ ସଭାପତି ରବିନାରାୟଣ ବେହେରା ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା ରାଜକନିକା ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ବାବୁରାମ ଜେନା ସହ ପଞ୍ଚାୟତର ପ୍ରତିନିଧି ଓ ଛାମୁଆ କଂଗ୍ରେସ କର୍ମୀଙ୍କ ସହ ଶତାଧିକ ମହିଳାମାନେ ମଶାଲ ଶୋଭାଯାତ୍ରାରେ ଆସିଥିଲେ।

## କୁଜଙ୍ଗରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା




**କୁଜଙ୍ଗ,୧୫।୪ (ସଂଚାର ବ୍ୟୁରୋ):** ରାଜ୍ୟରେ ନାରୀ ନିର୍ଯାତନା, ଦୁଷ୍କର୍ମ,ଗଣ ଦୁଷ୍କର୍ମ, ମିଳା ନିଖୋଜ ଓ ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନାରୁ ବିରୋଧକରି କୁଜଙ୍ଗ ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ସଭାପତି ନିହାର ରଞ୍ଜନ ଦାସଙ୍କ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କୁଜଙ୍ଗ ପୋଷ୍ଟ ଅଫିସ ଛକଠାରୁ ଏହି ଶୋଭାଯାତ୍ରା ବାହାରି କୁଜଙ୍ଗ ବଜାର ପରିକ୍ରମା କରିବା ସହିତ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ନିକଟରେ ପହଁଚିଥିଲା । ସେଠାରେ କଂଗ୍ରେସ ଦଳର ପାରାଦୀପ ନିର୍ବାଚନ ମଣ୍ଡଳୀ ନେତା ଆଡଭୋକେଟ ନୀରଂଜନ ନାୟକ ଶୋଭାଯାତ୍ରାରେ ସାମିଲ ହୋଇ ରାଜ୍ୟ ଓ କେନ୍ଦ୍ରରେ ପରିଚାଳିତ ଡବଲ ଇଂଜିନ ସରକାର ବିଫଳ ହୋଇଥିହା କହି ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ଜାନକୀ ମହାରଥା,ପବିତ୍ର ମାଝୀ,ଟହଲି ପ୍ରସାଦ ବେହେରା, ସ୍ୱଧୀନ ସଙ୍ଗ୍ରାମ ପାଲ, ଲିପକ ସ୍ୱାଇଁ, ସାରଦା ପ୍ରସନ୍ନ ସ୍ୱାଇଁ, ବାବୁଲୀ ପଟ୍ଟନାୟକ, ସମିତ ମିଶ୍ର,ରଶ୍ମୀରଂଜନ ପରିଡା,ସୌମ୍ୟରଂଜନ ରାଉତ, ଦୀପକ ରାଉତ, ତ୍ରିନାଥ ସ୍ୱାଇଁ, ପ୍ରକାଶ ସ୍ୱାଇଁ, ବିଭୂଦତ୍ତ ଦାଶଙ୍କ ସମେତ ବିଭିନ୍ନ ପଂଚାୟତରୁ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

### ମାହାଙ୍ଗାରେ ବଣ୍ଟନ ହେଲା ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ

# ବିକାଶ ଦିଗରେ ନୂଆ ଇତିହାସର ସୃଷ୍ଟି: ସାରଦା ପ୍ରଧାନ

**ମାହାଙ୍ଗା,୧୫।୪ (ସଂଚାର ବ୍ୟୁରୋ):** ବହୁ ପ୍ରତିକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆଜି ଭଦ୍ରେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବଣ୍ଟନ ହୋଇଯାଇଥିବା ବେଳେ ମାହାଙ୍ଗାର ଜନପ୍ରିୟ ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ମାହାଙ୍ଗା ବ୍ଲକରେ ମୋଟ ୭ଟି ସ୍ଥାନରେ ସ୍ୱତନ୍ତ୍ର ଭାବେ ଏହି କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ମାହାଙ୍ଗାରେ ୬ହଜାର ଲୋକେ ଏହି କାର୍ଡ ଦ୍ୱାରା ଉପକୃତ ହେବେ।

ଏହି ଅବସରରେ ଆୟୁଷ୍ମାନ ଭାରତ ଯୋଜନା ଏକ ଇନସୁରାନ୍ସ ନୁହେଁ ଏହା ହେଉଛି ଏକ ଆସୁରାନ୍‌ସ। ଏହା ପୃଥିବୀର ସବୁଠାରୁ ବୃହତ୍ତମ ଯୋଜନା ବୋଲି ବିଧାୟକ ଶ୍ରୀଯୁକ୍ତ ପ୍ରଧାନ କହିଥିଲେ। ଓଡ଼ିଶାରେ ଶାସନ ଭାର ଗ୍ରହଣ କରିବାର ମାତ୍ର ୧୦ମାସ ମଧ୍ୟରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିବାରୁ ଉଭୟ କେନ୍ଦ୍ର




ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଦେବା ସହିତ ଟିବି ନିରାକରଣ ଦିଗରେ ଓଡ଼ିଶା ଉଲ୍ଲେଖନୀୟ କାର୍ଯ୍ୟ କରୁଛି ବୋଲି କହିଥିଲେ । ଏହି ଅବସରରେ ସେ ଅଧିକରୁ ଅଧିକ ହିତାଧିକାରୀ କିପରି ଏହି ଯୋଜନାରେ ସାମିଲ ହୋଇ ପାରିବେ ଏବଂ କାର୍ଡ ବନାଇବେ ସେଥିନେଇ ସଚେତନ କରିବାକୁ ପ୍ରତି ଘରୁକୁ ଆଶା, ସ୍ୱାସ୍ଥ୍ୟକର୍ମୀ ମାନେ ଯିବାକୁ ଅନୁରୋଧ କରିଥିଲେ। ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସାମାଜିକ ଓ ଆର୍ଥିକ ପ୍ରଗତିର ଏକ ମୂଳଭିତ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ନାଗରିକମାନଙ୍କୁ କାର୍ଯ୍ୟକ୍ଷମ, ଆତ୍ମବିଶ୍ୱାସୀ ଓ ସ୍ୱାଭିମାନୀ କରିବ ଏବଂ ସ୍ୱାଭିମାନୀ ନାଗରିକମାନେ ହିଁ ସମୃଦ୍ଧିର ସ୍ୱପ୍ନକୁ ସାକାର କରିବେ। ଏହି ସତ୍ୟକୁ ଅନୁଭବ କରି ପ୍ରଧାନମନ୍ତ୍ରୀ ମୋଦି ଦେଶରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଯାହାକୁ ନେଇ ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରିଣୀ ତନୁଜା ବିନ୍ଧାଣି,ଡକ୍ଟର ବିକାଶ ବେହେରା,ଡକ୍ଟର ସବିତା ରାଣୀ କର,ମାନସ କୁମାର ବେହେରା ଏବଂ ସମସ୍ତ ସ୍ୱାସ୍ଥ୍ୟକର୍ମଚାରୀ,ଭଦ୍ରେଶ୍ୱର ମଣ୍ଡଳ ସଭାପତି, ଭକ୍ତ ଚରଣ ସ୍ୱାଇଁ, ଭରତ ଚନ୍ଦ୍ର ପ୍ରଧାନ, ବିବେକାନନ୍ଦ ପାଣି, ଅସିତ ସାମଲ, ବିଜୟ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ରହିଥିଲେ ।

### ଆମ୍ବେଦକରଙ୍କ ଜୟନ୍ତୀ ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ

## ସମ୍ବିଧାନ ଠିକ୍ ଢଙ୍ଗରେ ଲାଗୁ ହୋଇପାରିନାହିଁ: ସୌମ୍ୟ

**ଡେରାବିଶ,୧୫।୪ (ସଂଚାର ବ୍ୟୁରୋ):** ଶିକ୍ଷିତ ତଥା ଯୋଗ୍ୟ ଓଡ଼ିଆ ନିଜର ସୁରକ୍ଷା ପାଇଁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି । ଫଳରେ ସବୁ ସମ୍ଭାବନା ଥାଇ ବି ଓଡ଼ିଶା ଆଜି ବହୁ ପଛୁଆ । ଅଧାପାଠୁଆ ଓ ଅପାଠୁଆମାନେ ଭୋଟ୍ କିଣି ବହୁ ସମୟରେ ଅଧିକାରକୁ ନିଜ ନିୟନ୍ତ୍ରଣରେ ରଖିବା ସହ ରାଜ୍ୟକୁ ପଛକୁ ନେଇ ଚାଲିଛନ୍ତି। ତେଣୁ ଦଳିତ, ଆଦିବାସୀ ଓ ପଛୁଆବର୍ଗଙ୍କ ଉନ୍ନତି ପାଇଁ ବ୍ୟବସ୍ଥା ଭିତରେ ସଫଳତା ହାସଲ କରିଥିବା ଏହି ବର୍ଗର ଯୋଗ୍ୟ ବ୍ୟକ୍ତି ଆଗେଇ ଆସନ୍ତୁ। ଆମ୍ବେଦକରଙ୍କ ପରି ଶିକ୍ଷିତ ହୋଇଥିବା ଏହି ଆଧୁନିକ ଆମ୍ବେଦକରମାନେ ବାବାସାହେବଙ୍କ ଭଳି ପୁନର୍ବାର ତ୍ୟାଗପୁତ ଆନ୍ଦୋଳନ କଲେ ରାଜ୍ୟ ଓ ଦେଶ ଶକ୍ତିଶାଳୀ ହେବ ବୋଲି ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି।

ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ହଳଦିଆପାଟଣାସ୍ଥିତ ଡକ୍ଟର ଆମ୍ବେଦକର ଯୁବକ ସଂଘ ଓ ପାଠାଗାର ପରିସରରେ ଆୟୋଜିତ ବାବାସାହେବଙ୍କ ଜୟନ୍ତୀ ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସମସ୍ତଙ୍କୁ ସମାନତାର ଅଧିକାର ପ୍ରଦାନ ପାଇଁ ସମ୍ବିଧାନ



ପ୍ରଣୟନ କରାଯାଇଥିଲା । ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ବହୁ ତ୍ୟାଗ ଓ କଷ୍ଟରେ ପ୍ରଣୟନ କରାଯାଇଥିବା ସମ୍ବିଧାନ କିନ୍ତୁ ଏଯାବତ୍ ଠିକ୍ ଢଙ୍ଗରେ ଲାଗୁ କରାଯାଇପାରି ନାହିଁ । ଏହି ଉତ୍ସବରେ ଯୁବକ ସଂଘ ଓ ପାଠାଗାରର ସଭାପତି ପ୍ରଫେସର ବସନ୍ତ କୁମାର ମଲ୍ଲିକ ଅଧକ୍ଷତା କରିଥିଲେ। କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟିକା ଡକ୍ଟର ସିପ୍ରା ମଲ୍ଲିକ ମୁଖ୍ୟବକ୍ତା ଓ ମଙ୍ଗଳପୁର ସରପଞ୍ଚ ଇତିଶ୍ରୀ ନାୟକ, ଆଇନଜୀବୀ ସ୍ୱରାଜରାଜ ସିଂହ, ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, କେନ୍ଦୁଝର ଜିଲ୍ଲାର ଏଡିଇଓ ଶ୍ରୀକାନ୍ତ ବେହେରା, ମାନବ ଅଧିକାର ଆନ୍ଦୋଳନର ପ୍ରବକ୍ତା ସଂଗ୍ରାମ କେଶରୀ ମଲ୍ଲିକ, ସାମାଜିକ କର୍ମୀ ଓ ସ୍ତମ୍ଭକାର ମାନସ ଜେନା, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଉମେଶଚନ୍ଦ୍ର ମଲ୍ଲିକ, ସାମାଜସେବୀ ଧର୍ମେନ୍ଦ୍ର ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଯୁବକ ସଂଘ ପରିସରରେ ବାବାସାହେବ ଆମ୍ବେଦକରଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ସଂଯୋଜନା କରିଥିଲେ। ଯୁବକ ସଂଘର ସାଧାରଣ ସମ୍ପାଦକ ଉତ୍ତମ କୁମାର ମଲିକ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ସମ୍ପାଦକ (ସଂସ୍କୃତି) ତ୍ରିଲୋଚନ ମଲିକ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

**ସାଲେପୁର,୧୫।୪ (ସଂଚାର ବ୍ୟୁରୋ):** ରାସ୍ତାରେ ମୁଗ ଶୁଖାଇବାକୁ କେନ୍ଦ୍ର କରି ଜନୈକା ମହିଳାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସାଲେପୁର ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ରାମେଶ୍ୱର ପଞ୍ଚାୟତ ଉଚ୍ଚଡିହ ଗ୍ରାମର ସାଗରିକା ଦାସ ନିଜ ଘର ସମ୍ମୁଖରେ ଥିବା ରାସ୍ତା ଉପରେ ଅମଳ ଉଦ୍ଦେଶ୍ୟରେ ମୁଗ ଶୁଖାଇଥିବାବେଳେ ଉକ୍ତ ଗ୍ରାମର ଜଗତାନନ୍ଦ ଦାସ ହଠାତ୍ ସେଠାରେ ପହଞ୍ଚି ଏହି ରାସ୍ତା ମୋର, କ'ଣ ପାଇଁ ଏଠି ମୁଗ ଶୁଖାଇଛୁ ବୋଲି କହି ସାଗରିକାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଜଗତାନନ୍ଦର ପାଟି ଶୁଣି ଅନ୍ୟ ଜଣେ ପଡ଼ୋଶୀ ସେଠାରେ ପହଞ୍ଚି ଜଗତାନନ୍ଦଙ୍କୁ ବାରଣ କରିବାରୁ ଜଗତାନନ୍ଦ ତାଙ୍କୁ ମଧ ଆକ୍ରମଣ କରିବାକୁ ପଛାଇନଥିଲେ। ଏହାନେଇ ସାଗରିକା ସାଲେପୁର ଥାନାରେ ଲିଖିତ ଅଭିଯୋଗ କଲାପରେ ସାଲେପୁର ପୁଲିସ କେସ୍ ନଂ-୧୬୦/୨୫ରେ ଏକ ମାମଲା ରୁଜୁ କରିବା ସହ ଜଗତାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

## ପାନୀୟ ଜଳ ବ୍ୟବସ୍ଥା ଦାବିରେ ବିଡିଓଙ୍କୁ ଭେଟିଲେ ଏଣ୍ଡୁଳାପୁର ବାସିନ୍ଦା



**ରାଜକନିକା,୧୫।୪ (ସଂଚାର ବ୍ୟୁରୋ):** ଗାଁରେ ନାହିଁ ପାନୀୟ ଜଳର ସୁବିଧା। ଦୁଇବର୍ଷ ହେବ ଟିଓ୍ୱେଲରୁ ବାହାରୁଛି ଲୁଣିପାଣି। ପାନୀୟ ଜଳ ପ୍ରକଳ୍ପ ଧର୍ମକୁ ଆଖିଠାର... ଏମିତି ସମସ୍ୟା ଦେଖିବାକୁ ମିଳିଛି ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଏଣ୍ଡୁଳାପୁର ଗାଁରେ। ପାଖାପାଖି କୋଡିଏ ପରିବାରର ସହେରୁ ଉର୍ଦ୍ଧ ଲୋକ ନିର୍ଭର କରୁଥିବା ଟିଓ୍ୱେଲରୁ ବାହାରୁଛି ଲୁଣା ପାଣି। ବାରମ୍ବାର ଅଭିଯୋଗ ପରେବି ଶୁଣୁନି ପ୍ରଶାସନ। ଆଜି ଏଣ୍ଡୁଳାପୁର ଗାଁର ମହିଳା ମାନେ ଆଜି ମଙ୍ଗଳବାର ଦିନ ଆସି ରାଜକନିକା ବିଡ଼ିଓଙ୍କୁ ଅଭିଯୋଗ କରିବା ସହ ଲୁଣା ପାଣିକୁ ବୋଟଲରେ ଆଣି ବିଡ଼ିଓଙ୍କୁ ଦେଖାଇବା ପରେ ବିଡିଓ ତଦନ୍ତ କରି ତୁରନ୍ତ ପାନୀୟ ଜଳର ସୁବନ୍ଦୋବସ୍ତ କରାଯିବ ବୋଲି ବିଡ଼ିଓ କୈଳାଶ ଚନ୍ଦ୍ର ମହାଳିକ ସୂଚନା ଦେଇଛନ୍ତି।




### ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

## ୩୦ ୟୁନିଟ୍ ରକ୍ତ ସଂଗ୍ରହ

**ଡେରାବିଶ,୧୫।୪ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଆଜି ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ଅକ୍ଷୟ କୁମାର ବଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସର ମିଳିତ ଆୟୋଜନରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜର ଡାକ୍ତର କୌଶକ ମହାପାତ୍ର ଓ ତାଙ୍କ ଟିମ୍ ପକ୍ଷରୁ ରକ୍ତଦାତାମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧାପକ ପ୍ରଦିପ ରାଉତ, ଯୁବ ରେଡ୍‌କ୍ରସର ଅଧିକାରୀ ଅଧାପକ ପ୍ରଭାକର ଦାସ, ଅଧାପିକା ସୁକନ୍ୟା ମହାନ୍ତିଙ୍କ ସମେତ ମହାବିଦ୍ୟାଳୟର ଅଧାପକ ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ।

## ପଲ୍ଲୀ ଦୂତ ସମ୍ମାନ ପାଇଲେ ପ୍ରଭାତ

### ପଲ୍ଲୀର ସମସ୍ୟା ସମାଧାନ ପାଇଁ କରୁଛନ୍ତି କାମ



**ମହାକାଳପଡ଼ା,୧୫।୪ (ସଂଚାର ବ୍ୟୁରୋ):** ସମାଜସେବା ଜରିଆରେ ବିଭିନ୍ନ ଦୁସ୍ଥ, ଅସହାୟ ଲୋକଙ୍କ ଆଖିରୁ ଲୁହ ପୋଛି ନୂଆ ସମ୍ଭାବନାର ହସ ଫୁଟାଉଥିବା ପ୍ରଭାତ ରଞ୍ଜନ ଜେନା ଏବେ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଜଣାଶୁଣା ଚେହେରା। ସାମାଜିକ ଗଣମାଧମ "ଏକ୍ସ" ଜରିଆରେ ସାଧାରଣ ଲୋକଙ୍କ ସମସ୍ୟା, ଅଞ୍ଚଳର ସାମୂହିକ ଅବ୍ୟବସ୍ଥା ଆଦି ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଗୋଚର କରାଇ ତାହାର ସ୍ଥାୟୀ ସମାଧାନ କରାଇ ଆସୁଛନ୍ତି। ଯେଉଁଥିପାଇଁ ତାଙ୍କୁ କେନ୍ଦ୍ରାପଡାର ଟ୍ୟୁଟର ବୟ ଭାବରେ ମଧ ପରିଚୟ ପାଇଛନ୍ତି। ଏକାଧାରରେ କହିଲେ ପ୍ରଭାତ ହେଉଛନ୍ତି ଦୁଃଖୀ ଦରିଦ୍ର ଲୋକଙ୍କ ପାଇଁ ଦେବଦୂତ। ତାଙ୍କର ଏହି ମହାନ ସେବା କାର୍ଯ୍ୟକୁ ସମ୍ମାନ ଜଣାଇ ତାଙ୍କୁ ପଲ୍ଲୀ ଦୂତ ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ପଞ୍ଚମ ବାର୍ଷିକ ଉତ୍ସବ ଅବସରରେ ପ୍ରଭାତ ରଞ୍ଜନ ଜେନା ଙ୍କୁ ପଲ୍ଲୀ ଦୂତ ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଓଳିହା ଗ୍ରାମର ଦିଲ୍ଲିପ କୁମାର ଜେନାଙ୍କ ପୁଅ ହେଉଛନ୍ତି ପ୍ରଭାତ। ପ୍ରଭାତ ଜଣେ ଉଚ୍ଚ ଶିକ୍ଷିତ ଓ ପରୋପକାରୀ ଯୁବକ। ସାଧାରଣ ଲୋକଙ୍କ ସମସ୍ୟା ଓ ଅଞ୍ଚଳର ସାମୂହିକ ବିକାଶ ଦିଗରେ ପ୍ରଭାତ ସାମାଜିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

## କେନ୍ଦ୍ରାପଡ଼ା କଂଗ୍ରେସର ବିଶାଳ ମଶାଲ ଶୋଭାଯାତ୍ରା



**କେନ୍ଦ୍ରାପଡା,୧୫।୪ (ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ନାରୀଙ୍କୁ ସୁରକ୍ଷା ଦେବା ପ୍ରତିବାଦ ରେ ସାରା ଓଡ଼ିଶା ରେ ଏପ୍ରିଲ ୧୫ ରେ ମଶାଲ ଶୋଭାଯାତ୍ରା ବିଭିନ୍ନ ବ୍ଲକ୍ ସ୍ତରରେ କରିବାକୁ ସମସ୍ତ ଜିଲ୍ଲା କୁ ନିର୍ଦ୍ଦେଶ ଦିଆଯାଇଥିଲା ଯାହା ପାଇଁ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ରେ କେନ୍ଦ୍ରାପଡ଼ା କଂଗ୍ରେସ ପକ୍ଷରୁ ଶତାଧିକ ମହିଳା ଓ ଯୁବ ନେତା ଙ୍କୁ ନେଇ କଜଳା କଂଗ୍ରେସ ଭବନ ଠାରୁ ତିନିମୁହାଣିରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ପଦଯାତ୍ରା କରାଯାଇ ଶାନ୍ତି ପୂର୍ଣ୍ଣ ଭାବରେ ପ୍ରତିବାଦ ଜଣାଯାଇଥିଲା । ଏହି କାର୍ଯ୍ୟ କ୍ରମରେ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ପ୍ରଫୁଲ୍ଲ ଦାସ ,ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରାଙ୍କ ନେତୃତ୍ୱରେ କଂଗ୍ରେସକର୍ମୀଙ୍କ ସମେତ ଶତାଧିକ ମହିଳାମାନେ ଶୋଭାଯାତ୍ରାରେ ଭାଗ ନେଇ ପ୍ରତିବାଦ ଜଣାଇ ଥିଲେ ।

## ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ

**ମହାକାଳପଡ଼ା,୧୫।୪ (ସଂଚାର ବ୍ୟୁରୋ):** ଭାରତ ରତ୍ନ ଭୀମ ରାଓ ଆମ୍ବେଦକରଙ୍କର ୧୩୫ତମ ଜୟନ୍ତୀ ମହାକାଳପଡ଼ା ବ୍ଲକ ବିଜୟନଗର ପଞ୍ଚାୟତର ସାହାବାଜପୁର ଗ୍ରାମରେ ସୋମବାର ଦିନ ପାଳିତ ହୋଇଯାଇଛି । ଯୁବ ନେତା ସଞ୍ଜୟ ସେଠୀଙ୍କ ପୌରହିତ୍ୟ ରେ ଏହି ବୈଠକରେ ଜିଲ୍ଲା ବିଜେପି ଉପସଭାପତି ତଥା ବିଜେପିର ବରିଷ୍ଠ ନେତା ଶ୍ରୀଯୁକ୍ତ ସଞ୍ଜୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାବା ସାହେବ ଆମ୍ବେଦକରଙ୍କର ସ୍ମୃତି ଚାରଣ କରିବା ସହ ଭାରତୀୟ ସମାଜ ପାଇଁ ସେ ଏକ ସମାଜସଂସ୍କାରକର ଭୂମିକା ନିର୍ବାହ କରିଥିଲେ ବୋଲି ମତ ପ୍ରକାଶ କରିଥିଲେ । ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ନିଶାମୁକ୍ତ, ସୁଶିକ୍ଷିତ ଓ ଆତ୍ମ ନିର୍ଭରଶୀଳ ସମାଜ ପ୍ରତିଷ୍ଠା କରିବାକୁ ଶ୍ରୀଯୁକ୍ତ ରଥ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ସମିତି ସଭ୍ୟ ତାପସ କୁମାର ପ୍ରଧାନ ଓ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି, ଯୁବ ନେତା ଚିନ୍ମୟ ପ୍ରଧାନ ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ମମତା ସେଠି, ସତ୍ୟଭାମା ସେଠି, କନକ ସେଠି, କବିତା ସେଠି, ମନ୍ଦାକିନୀ ସାହୁ, ପ୍ରୀତିଲତା ତରାଇ ଓ ଶାନ୍ତିଲତା ମଝି ପ୍ରମୁଖ ନାରୀ ନେତ୍ରୀ ମାନେ ଯୋଗ ଦେଇ ସମାଜକୁ ନିଶା ମୁକ୍ତ ଓ ସୁଶିକ୍ଷିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।



## ଅଟଳ ସେନା ପକ୍ଷରୁ ଓଡ଼ିଆ ନବବର୍ଷ ଓ ଡ଼ଃ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

**ସାଲେପୁର,୧୫।୪ (ସଂଚାର ବ୍ୟୁରୋ):** ସୋମବାର ଦିନ ପିକୋଳ ପଞ୍ଚାୟତର ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟ୍ ଠାରେ ଅଟଳ ସେନା,ଓଡ଼ିଶା ପକ୍ଷରୁ ଓଡ଼ିଆ ନବବର୍ଷ, ହନୁମାନ ଜନ୍ମୋତ୍ସବ ଓ ଭାରତରତ୍ନ ଡ଼ଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଟଳ ସେନା ବୁଦ୍ଧିଜୀବୀ ସଙ୍ଘର ରାଜ୍ୟ ସଭାପତି ତଥା ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ




ଅଧକ୍ଷ ଡ଼ଃ ଉମେଶ ଚନ୍ଦ୍ର ପତି ଯୋଗ ଦେଇ ଡ଼ଃ ଭୀମରାଓ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅଟଳ ସେନା ଚିନ୍ତନ ପରିଷଦର ଉପାଧକ୍ଷ ଡ଼ଃ ପ୍ରଭାତ କିଶୋର ନାୟକ ଓଡ଼ିଆ ନବବର୍ଷ ସହ ବିଭିନ୍ନ ପର୍ବପର୍ବାଣୀ ପାଳନର ମହନୀୟତା ଓ ହନୁମାନ ଜୟନ୍ତୀ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ବିପିନ୍ ବିହାରୀ କର, ଭିକାରୀ ଚରଣ ବେହେରା ଓ ସେନାର ଉପଦେଷ୍ଟା ଲକ୍ଷ୍ମୀ ନାରାୟଣ ନାୟକ ଯୋଗ ଦେଇଥିଲେ । ସେନାର କୋଷାଧକ୍ଷ ପ୍ରଦୀପ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସେନାର ସଙ୍ଗଠନ ମନ୍ତ୍ରୀ ରବୀନ୍ଦ୍ର କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।




## ମୋ ଗାଁ ମୋ ସ୍ୱାଭିମାନ ଓ ସାମାଜିକ ସମରସତା ମଞ୍ଚ ପକ୍ଷରୁ ଆମ୍ବେଦକର ଜୟନ୍ତୀ

**ପଟ୍ଟାମୁଣ୍ଡାଇ,୧୫।୪ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ମୁନିସିପାଲିଟି ପ୍ରେକ୍ଷାଳୟରେ ସଭାପତି ବିନୋଦ ବିହାରୀ ଦାସ - ମୋ ଗାଁ ମୋ ସ୍ୱାଭିମାନ ଓ ସାମାଜିକ ସମରସତା ମଞ୍ଚ ପକ୍ଷରୁ ଭାରତ ରତ୍ନ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ହୋଇଛି । ଭୂତତ୍ତ୍ୱ ବିଜ୍ଞାନୀ ବଳରାମ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ସମାଜସେବୀ ଚନ୍ଦନ ସ୍ୱରାଜ ଭୀମରାଓ ଆମ୍ବେଦକରଙ୍କ ଜୀବନୀର ଅବତାରଣା କରିଥିଲେ । ଭାରତ ରତ୍ନ ଭୀମରାଓ ଆମ୍ବେଦକରଙ୍କ ଏକ ନିର୍ଦ୍ଦିଷ୍ଟ ଜାତି କିମ୍ବା ପକ୍ଷର ନୁହନ୍ତି ବରଂ ସେ ଭାରତ ମାତାର ସୁଯୋଗ୍ୟ ସନ୍ତାନ ଭାବେ ସାରା ବିଶ୍ୱରେ ପରିଚିତ ଥିଲେ । କେବଳ ଦଳିତ ମାନଙ୍କ ପାଇଁ ନୁହେଁ ସମଗ୍ର ଅଭାବୀ ମାନବ ସମାଜ ପାଇଁ ତାଙ୍କ ସଂଗ୍ରାମ ଜାରି ରହିଥିଲା । ଭାରତକୁ ଏକ ସୁସ୍ଥ ସମ୍ବିଧାନ ଭେଟି ଦେଇ ଭାରତ ର ଗଣତନ୍ତ୍ର କୁ ସାରା ବିଶ୍ୱରେ ଶ୍ରେଷ୍ଠତମ ସ୍ଥାନରେ ପହଞ୍ଚାଇଥିଲେ ବୋଲି ଶ୍ରୀ ସ୍ୱରାଜ କହିଥିଲେ । ଏହି କାର୍ଯ୍ୟକ୍ରମ ରେ ଦଳିତ ମାନଙ୍କ ମଧରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଥିବା ବ୍ୟକ୍ତିତ୍ୱଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

● ପୌରାଞ୍ଚଳରେ ନାଗରିକ କୈନ୍ଦ୍ରିକ ପଦେକ୍ଷପ ସୁଦୃଢ଼ ପାଇଁ ପରାମର୍ଶ

# ସମୟାନୁବର୍ତ୍ତିତା ଓ ବୃତ୍ତିଗତ ଆଚରଣ ପାଇଁ ନିର୍ଦ୍ଦେଶନାମା ଜାରି



**ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ):** ରାଜ୍ୟ ସାରା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପ୍ରଶାସନରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ବୃଦ୍ଧି କରିବା ଦିଗରେ ଏକ ଦୃଢ଼ ପ୍ରୟାସ ସ୍ୱରୂପ ଆଜି ଗୃହ ଏବଂ ନଗର ଉନ୍ନୟନ ପ୍ରମୁଖ ସଚିବ ଉଷା ପାଢ଼ୀ ସମସ୍ତ ପୌର ଅଧିକାରୀଙ୍କ ମଧ୍ୟରେ ସମୟାନୁବର୍ତ୍ତିତା ଓ ବୃତ୍ତିଗତ ଆଚରଣ ଉପରେ ଗୁରୁତ୍ୱାରୋପ କରି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସମୟାନୁବର୍ତ୍ତିତା ବଜାୟ ରଖିବାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶଂସନୀୟ ପ୍ରୟାସକୁ ସ୍ୱୀକାର କରି ଶ୍ରୀମତୀ ପାଢ଼ୀ ପୌରସଂସ୍ଥା ଅଧୀନରେ ସମସ୍ତ କର୍ମଚାରୀଙ୍କଠାରୁ ସମାନ ପ୍ରତିବଦ୍ଧତା ପାଇଁ ଆହ୍ୱାନ ଦେଇଛନ୍ତି। ସେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଉଦାହରଣ ଦେଇ ନେତୃତ୍ୱ ନେବା ସହ କାଳବିଳମ୍ବ ନକରି ବାୟୋମେଟ୍ରିକ୍ ଉପସ୍ଥିତି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିବେଦନ କରିଛନ୍ତି। ଏହି ପଦକ୍ଷେପ ଶୃଙ୍ଖଳାକୁ ସଂସ୍ଥାଗତ କରିବା, ସାଧାରଣ ସେବାର ସମୟାନୁବର୍ତ୍ତୀ ବିତରଣ ସୁନିଶ୍ଚିତ କରିବା ଏବଂ ସ୍ଥାନୀୟ ଶାସନ ଉପରେ ନାଗରିକଙ୍କ ବିଶ୍ୱାସକୁ ମଜବୁତ କରିବାର ଲକ୍ଷ୍ୟ ରହିଛି। ଏହାଛଡ଼ା ନିର୍ଦ୍ଦେଶନାମା କର୍ମଚାରୀଙ୍କ ଆଚରଣ ଓ ସାଧାରଣ ପାରସ୍ପରିକ କ୍ରିୟା ଉପରେ ନଜର ରଖିବା ପାଇଁ କାର୍ଯ୍ୟାଳୟ ପରିସରରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ସ୍ଥାପନ କରିବାକୁ ସୁପାରିସ୍ କରିଛି। ଏହି ପଦକ୍ଷେପଗୁଡ଼ିକ ନାଗରିକ-ପ୍ରଥମେ ସଂସ୍କୃତି ଏବଂ ପ୍ରତିକ୍ରିୟାଶୀଳ ପ୍ରଶାସନକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ବ୍ୟାପକ ପଦକ୍ଷେପର ଅଂଶବିଶେଷ। ଶାସନରେ ଏକ ସାଂସ୍କୃତିକ ପରିବର୍ତ୍ତନର ସମୟ ଆସିଛି- ଯାହା ସଚ୍ଚୋଟତା, ପ୍ରତିକ୍ରିୟାଶୀଳତା ଓ ଦକ୍ଷତାକୁ ପ୍ରତିଫଳିତ କରେ। ସମୟାନୁବର୍ତ୍ତିତା ଓ ବୃତ୍ତିଗତ ଆଚରଣ ଆଲୋଚନାଯୋଗ୍ୟ ହେବା ଉଚିତ ନୁହେଁ ଏବଂ କେବଳ ବ୍ୟତିକ୍ରମିକ ପରିସ୍ଥିତିରେ ନମନୀୟତାକୁ ଅନୁମତି ଦିଆଯାଇପାରିବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କୁ ଏହି ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ସକ୍ରିୟ ଭାବେ ତଦାରଖ କରିବା ଓ ସମସ୍ତ ପୌରସଂସ୍ଥା ମଧ୍ୟରେ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପଗୁଡ଼ିକ ସ୍ୱଚ୍ଛ, ଦକ୍ଷ ଓ ନାଗରିକ-ଅନୁକୂଳ ସହରାଞ୍ଚଳ ସେବା ପ୍ରଦାନ ପାଇଁ ରାଜ୍ୟର ଦୃଷ୍ଟିକୋଣ ସହ ସମନ୍ୱିତ, ସହରାଞ୍ଚଳ ଶାସନ ଓ ସାର୍ବଜନୀନ ଦାୟିତ୍ୱର ମୂଳଦୁଆକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

ଅଙ୍ଗତସ୍କରୀ ସମ୍ଭାବନାକୁ ଖଣ୍ଡନ,୨ ଗିରଫ

# ୩ ଦିନ ପରେ ପୁଅକୁ ଫେରିପାଇଲେ ଦୃଷ୍ଟିହୀନ ମା'



**ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ):** ପାଖାପାଖି ୫୦ ଘଣ୍ଟା ପରେ ମା' କୋଳକୁ ଫେରିଛି ଅପହୃତ ଶିଶୁ। ବାଲେଶ୍ୱର ଜିଲ୍ଲା ଖଡ଼ାପଡ଼ା ଥାନା ଶ୍ରୀଜଙ୍ଗ ନିକଟ ବୋଉଡା ଗାଁରୁ ଶିଶୁଟିକୁ ଉଦ୍ଧାର କରାଯାଇଛି। ଉକ୍ତ ଗାଁର ଝିଲି ପଣ୍ଡାଙ୍କ ଘରୁ ଶିଶୁଟିକୁ ସ୍ଥାନୀୟ ପୁଲିସ୍ ଉଦ୍ଧାର କରିଥିବା ବେଳେ ତାଙ୍କ ସ୍ୱାମୀଙ୍କର ଯାଜପୁର ଅଞ୍ଚଳର ଜନୈକ ସମ୍ପର୍କୀୟ ଉକ୍ତ ଶିଶୁଟିକୁ ଅପହରଣ କରିନେଇଥିଲେ। ଶିଶୁକୁ ଉଦ୍ଧାର କରିବା ପରେ ଭୁବନେଶ୍ୱର ଆଣି କମିଶନରେଟ ପୁଲିସ ତା'ର ମା'ଙ୍କୁ ହସ୍ତାନ୍ତର କରିଛି। ଗତ ୧୨ ତାରିଖ ମଧ୍ୟରାତ୍ରିରେ ପୁଅକୁ ହରାଇଥିବା ଦୃଷ୍ଟିହୀନ ମା' ଜଣଙ୍କ ଏବେ ତାକୁ ଫେରିପାଇବା ପରେ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି। ସେହିପରି ଏହି ଶିଶୁ ଅପହରଣ ଘଟଣାରେ ମାଷ୍ଟରମାଇଣ୍ଡ ସମେତ ଦୁଇ ଜଣଙ୍କୁ ପୁଲିସ୍ ପୁରୀରୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖ ମଧ୍ୟରାତିରେ ରାମ ମନ୍ଦିର ସମ୍ମୁଖରେ ଶୋଇଥିବା ଜନୈକା ଦୃଷ୍ଟିହୀନ ମହିଳାଙ୍କ କୋଳରୁ ଶିଶୁଟିକୁ ଅପହରଣ କରିନେଇଥିଲା କେଦାରସନ ପଣ୍ଡା ନାମକ ଯୁବକ। ରାମମନ୍ଦିରରୁ ଭୁବନେଶ୍ୱର ରେଳ ଷ୍ଟେସନ ଯାଇ ସେଠାରୁ ବାଲେଶ୍ୱର ଅଭିମୁଖେ ସେ ଚାଲିଯାଇଥିଲା। ବାଲେଶ୍ୱରରେ ରେଳଷ୍ଟେସନରେ ଚୋରି ଶିଶୁକୁ ସେ ଝେଲମ ରାଣୀ ପଣ୍ଡାକୁ ହସ୍ତାନ୍ତର କରିଥିଲା। ମୁଖ୍ୟ ଅଭିଯୁକ୍ତ ସହ ଝେଲମରାଣୀ ପଣ୍ଡାଙ୍କର ବେଙ୍ଗାଲୁରୁରେ ପରିଚୟ ହୋଇଥିଲା। ଝେଲମଙ୍କର ଦୁଇଟି ପିଲା ଗୋଟିଏ ଝିଅ ଓ ଗୋଟିଏ ୯ ବର୍ଷର ପୁଅ ଅଛନ୍ତି। ତେବେ ପୁଅ ଦୁରାରୋଗ୍ୟ ରୋଗରେ ପୀଡ଼ିତ ଥିବାରୁ କେଦାରସନକୁ ଏକ ଶିଶୁ ପୁଅ ଆଣିଦେବାକୁ କହିଥିଲେ ଝେଲମ। ଏହି କାରଣରୁ ଭୁବନେଶ୍ୱରରୁ ଉକ୍ତ ଶିଶୁଟିକୁ ଚୋରି କରାଯାଇଥିବା ସନ୍ଦେହ କରାଯାଉଛି। ତେବେ ଏହା ଜାଣିବା ସକାଶେ ମାମଲାର ତଦନ୍ତ ଜାରି ରହିଥିବା ପୁଲିସ୍ କମିଶନର୍ କହିଛନ୍ତି। ସେହିପରି ଚୋରି ପରେ ଅଙ୍ଗତସ୍କରୀ ସମ୍ଭାବନା ପ୍ରକଟ କରାଯାଇଥିଲେ ହେଁ ଅଦ୍ୟାବଧି ଏନେଇ କୌଣସି ପ୍ରମାଣ ମିଳିନଥିବା କମିଶନର୍ ସ୍ପଷ୍ଟ କରିଛନ୍ତି। ଶିଶୁ ଚୋରି ନେଇ ଖାରବେଳ ନଗର ଥାନାରେ ମାମଲା ରୁଜୁ ହେବା ପରେ ୪ଟି ଟିମ ମାମଲାର ତଦନ୍ତ କରିଥିଲା। ଏପରିକି ଶିଶୁଟିକୁ ଚୋରି ପରେ ଅନ୍ୟ ରାଜ୍ୟକୁ ପଠାଯାଇଥିବା ସନ୍ଦେହରେ ଗୋଟିଏ ଟିମ୍ ରାଜ୍ୟ ବାହାରକୁ ଯାଇ ତଲାସ କରିଥିଲା। ତେବେ ନିଜ ପୁଅକୁ ଫେରି ପାଇବା ପରେ ଉକ୍ତ ଦୃଷ୍ଟିହୀନ ମହିଳା ଜଣଙ୍କ ପୁଲିସ୍‌କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ତାଙ୍କ ପିଲାକୁ ଚୋରି କରିଥିବା ଅପରାଧୀକୁ କଠୋର ଦଣ୍ଡ ବିଧାନ ପାଇଁସେ ଦାବି କରିଛନ୍ତି।

# ନିରାକାର ଦାସ ପାଇବେ ଜାତୀୟ କବି ବାଞ୍ଛାନିଧି ସ୍ମାରକୀ ସମ୍ମାନ



**ଭୁବନେଶ୍ୱର,୧୫।୪ (ସଂଚାର ବ୍ୟୁରୋ):** ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜାତୀୟ କବି ବାଞ୍ଛାନିଧି ସ୍ମୃତି ପରିଷଦର ମିଳିତ ସହଯୋଗରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୮ତମ ଜୟନ୍ତୀ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ ଆସନ୍ତା ୨୦ ତାରିଖରେ ପାଳିତ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ବାଞ୍ଛାନିଧି ସ୍ମୃତି ପରିଷଦ ପକ୍ଷରୁ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଚଳିତ ବର୍ଷ ବିଶିଷ୍ଟ ପ୍ରଗତିଶୀଳ କବି ନିରାକାର ଦାସଙ୍କୁ ମର୍ଯ୍ୟାଦାଜନକ 'ଜାତୀୟ କବି ବାଞ୍ଛାନିଧି ସ୍ମାରକୀ ସମ୍ମାନ' ପ୍ରଦାନ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ପରିଷଦର ସଭାପତି ଡା. ଦୁର୍ଯ୍ୟୋଧନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏହି ନିଷ୍ପତ୍ତି ନିଆଯାଇଥିବା ଅନୁଷ୍ଠାନର ସହ ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ନବ୍ୟ ସାମ୍ୟବାଦୀ ଚେତନାର ଦରଦୀ କବି ନିରାକାର ଦାସଙ୍କ ରଚିତ ଭିନ୍ନ ଇଲାକାର ସ୍ୱର, ମହରଗ ପାଦେ ମାଟିର ସ୍ୱପ୍ନ, ଏ ଯୁଦ୍ଧ ନୁହେଁ ତୁମର, ଅସରନ୍ତି ଯାତ୍ରା, ବିଦୀର୍ଣ୍ଣ ବସୁଧା, ମୁଁ ସର୍ବହରାର କବି, ସ୍ୱର ସମୟର ଆଦି କବିତା ପୁସ୍ତକ ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି। ଏହି ଉତ୍ସବରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ କବି ଶ୍ରୀ ଦାସଙ୍କୁ ସମ୍ମାନିତ କରିବେ। ଭଦ୍ରକ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବାଞ୍ଛାନିଧି ସଙ୍ଗୀତ ପରିବେଷଣ କରାଯିବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ବିଜୁ ପ୍ରତିମୂର୍ତ୍ତି ପୋଡ଼ିବା ଘଟଣାକୁ ବିଜେପିର ନିନ୍ଦା



**ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ପର୍ଶୁରାମ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ପୋଡ଼ି ଦେବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଅକ୍ଷମଣୀୟ। ସରକାରଙ୍କ ନିର୍ଦ୍ଦେଶରେ ଭଗବାନ ପର୍ଶୁରାମ ଓ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପ୍ରଶାସନିକ ନିଷ୍ପତ୍ତି ନିଆଯାଇଛି। ମାତ୍ର ଉନ୍ମୋଚନ ପୂର୍ବରୁ ପ୍ରତିମୂର୍ତ୍ତିକୁ ପୋଡ଼ିଦେବା ଅତ୍ୟନ୍ତ ନିନ୍ଦନୀୟ। ଏହି ମାମଲାରେ ତ୍ୱରିତ ପଦକ୍ଷେପ ସ୍ୱରୂପ ଘଟଣା ସହ ସମ୍ପୃକ୍ତ ଯୁବକ ଯୁଗଳ କୁମାର ସାହୁ (ହୀରୁ)କୁ ତୁରନ୍ତ ଗିରଫ କରାଯାଇ ସରକାର ଓ ପ୍ରଶାସନ ତରଫରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି। ଗିରଫ ଅଭିଯୁକ୍ତ ଯୁଗଳ ଜଣେ ମାନସିକ ବିକୃତ ବ୍ୟକ୍ତି ଓ ଘଟଣା ସମୟରେ ନିଜେ ଛିଡା ହୋଇଥିବା ସ୍ପଷ୍ଟ ଦେଖାଯାଉଛି। ପ୍ରକାଶ ଥାଉକି, ଅଭିଯୁକ୍ତ ଯୁଗଳ କିଛି ମାସ ପୂର୍ବରୁ ଏକ ଇଲେକ୍ଟ୍ରିକ ଖୁଣ୍ଟ ଉପରେ ଚଢ଼ିଯାଇଥିଲା ଓ ଇଲେକ୍ଟ୍ରି ସପ୍ଲାଇ ବନ୍ଦ କରାଯାଇ ତାଙ୍କୁ ଉଦ୍ଧାର କରାଯାଇଥିଲର। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତି ବିଜେପିର ଯଥେଷ୍ଟ ସମ୍ମାନ ରହିଛି। ଏଭଳି ହୀନ ଘଟଣାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଆଜି ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା ଜାରି ଏକ ପ୍ରେସ୍ ବିବୃତିରେ କହିଛନ୍ତି।

# ଯାତ୍ରା ଦେଖି ଫେରୁଥି ସମୟରେ ଦୁର୍ଘଟଣା: ୭ ଗୁରୁତର

**ଦାରିଙ୍ଗବାଡି,୧୫।୪ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ କିରିକୁଟି ପଞ୍ଚାୟତ ମୁଣ୍ଡାନାଜୁ ଗ୍ରାମର ଜାତୀୟ ରାଜପଥ ଉପରେ ଏକ ଯାତ୍ରୀବାହୀ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ୧୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୭ ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଆହତଙ୍କୁ ଦାରିଙ୍ଗବାଡି ଚିକିତ୍ସା ପାଇଁ ସ୍ଥାନୀୟ ଲୋକ ନେଇଛନ୍ତି। ପ୍ରକାଶ ଯେ, କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ତିଲୋରୀ ପଞ୍ଚାୟତ ଅଞ୍ଚଳର ଶିଶୁଙ୍କ ସମେତ ପ୍ରାୟ ୧୫ ଜଣ ଫିରିଙ୍ଗିଆ ବ୍ଲକ କେଲାପଡା ଗ୍ରାମରୁ ମେରୁଯାତ୍ରା ଦେଖି ନିଜ ଅଞ୍ଚଳ ତିଲୋରୀ ଅଭିମୁଖେ ଅଟୋ ନଂ(ଓଡି୧୨ ଡି -୪୯୬୨ )ରେ ଆସୁଥିଲେ । ତେବେ ଅଟୋରେ ଯାତ୍ରୀଙ୍କ ସଂଖ୍ୟା ଅଧିକା ରହିଥିବା ଓ ନିଶାସକ୍ତ ଅବସ୍ଥାରେ ଚାଳକ ଅଟୋ ଚଳାଉଥିବା ଯାତ୍ରୀ ବନିତା ଦଳବେହେରା, ଶୈଳୀ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଧୀରେ ଗାଡି ଚଳାଇବାକୁ ନିବେଦନ କରିଥିଲେ ମଧ୍ୟ ଅଟୋକୁ ଚାଳକ ବେପରୁଆ ଭାବେ ଚଳାଇଥିଲେ। ଫଳରେ ଅଟୋଟି ଦ୍ରୁତଗତିରେ ଆସୁଥିଲା ଭାରସାମ୍ୟ ହରାଇ ଅଟୋଟି ମହାବନ୍ଧ ଓ ମୁଣ୍ଡନାଜୁ ମଧ୍ୟରେ ଏକ ଜଙ୍ଗଲ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# କେରଳରେ ବସ୍ ଧକ୍କାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ମୋହନା,୧୫।୪(ସଂଚାର ବ୍ୟୁରୋ):** ଗଜପତିରେ ପୁଣି ଦାଦନ ଦୁଃଖ। କେରଳରେ ବସ ଧକ୍କାରେ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମୋହନା ଥାନା ଚନ୍ଦ୍ରଗିରି ଗ୍ରାମ ହରିଜନ ସାହିର ରସାନ୍ତ କୁମାର ମାଳି। ରସାନ୍ତ ୨ବର୍ଷ ତଳେ କେରଳର କୋଚି ଜିଲା ଅତାନିର ଏକ ହୋଟେଲରେ ଶ୍ରମିକ ଭାବେ କାମ କରୁଥିଲେ। ପ୍ରତ୍ୟେକ ଦିନ ଭଳି ଶନିବାର ସନ୍ଧ୍ୟାରେ ହୋଟେଲ କାମସାରି ଫେରିବା ବେଳେ ପଛପଟୁ ଏକ ସରକାରୀ ବସ୍ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ସେଠାରୁ ତାଙ୍କ ସମ୍ପର୍କୀୟ ପରିବାରଙ୍କୁ ସୂଚନା ଦେଇଥିବା ବେଳେ ବର୍ତ୍ତମାନ ଗାଁରେ ଶୋକର ଛାୟା ଖେଳିଯାଇଛି। ନିଜ ପରିବାର ପୋଷିବା ଲାଗି ପତ୍ନୀଙ୍କ ସହ ଦାଦନ ଯାଇଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁକୁ ସହ୍ୟ କରିପାରିନାହାନ୍ତି ପରିବାର ଲୋକେ। ପୁଅକୁ ହରାଇ ବାପା ମା' ଅସହାୟ ହୋଇପଡ଼ିଛନ୍ତି। ରସାନ୍ତଙ୍କ ମୃତଦେହ କିପରି ଗାଁକୁ ଅଣାଯିବ ସେ ନେଇ ପରିବାର ତରଫରୁ ପ୍ରଶାସନକୁ ନିବେଦନ କରାଯାଇଛି। ଅପରପକ୍ଷେ ସରପଞ୍ଚ ରଜନୀ ପ୍ରଧାନ ହରିଶନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ପରିବାରକୁ ଦେଇଛନ୍ତି।

● ନୃଶଂସତାର ସୀମା ଟପିଗଲା ମଣିଷ

# ବାଛୁରୀର ଆଖି ତାଡ଼ିଲା ମାତାଲ ଯୁବକ



**ବଲାଙ୍ଗିର,୧୫।୪ (ସଂଚାର ବ୍ୟୁରୋ):** ନୃଶଂସତାର ସୀମା ଟପିଗଲା ମଣିଷ। ନିଶାସକ୍ତ ଯୁବକଙ୍କ ଉନ୍ମୁକ୍ତ କାଣ୍ଡ । ବାଛୁରୀର ଆଖି ତାଡ଼ିଲା ମାତାଲ ଯୁବକ । ବଲାଙ୍ଗିର ମାଲପଡ଼ା ଅଞ୍ଚଳରେ ଘଟିଛି ଏଭଳି ଅମାନୁଷିକ ଘଟଣା । ସେପଟେ ଯନ୍ତ୍ରଣାରେ ଛଟପଟ ହେଉଥିଲା କୁନି ବାଛୁରୀଟି । ବାଛୁରୀକୁ ଉଦ୍ଧାର କରାଯାଇ ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବାଛୁରୀ ଆଖି ତାଡ଼ିଲା ସମୟରେ ମଦୁଆ ଯୁବକକୁ ଧରିଦେଲେ ଗାଁ ଲୋକେ । ଆଉ ବହେ ଛେଚିଲେ । ଶେଷରେ ଖବର ପାଇ ଟାଉନଥାନା ପୋଲିସ ଆସି ଗାଁ ଲୋକଙ୍କ କବଳରୁ ମଦୁଆ ଯୁବକକୁ ଉଦ୍ଧାର କରି ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛି ।

● ଭାରସାମ୍ୟ ହରାଇ ଓଲଟି ପଡ଼ିଲା ପିକ୍‌ଅପ୍ ଭ୍ୟାନ୍

# ଚାଲିଗଲା ଡ୍ରାଇଭରଙ୍କ ଜୀବନ

**ଥୁଆମୂଳ ରାମପୁର,୧୫।୪ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାପାଟ ଥାନା ଅନ୍ତର୍ଗତ ଭବାନୀପାଟଣା- ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା ଉପରେ ଏକ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ (ଓଡି୦୮ଏସ୍୭୪୩୦) ନମ୍ବର ବିଶିଷ୍ଟ ୨୦୭ ପିକଅପ୍ ଗାଡ଼ି ଓଲଟି ପଡ଼ିବା ଫଳରେ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, କର୍ଲାପାଟ ଗ୍ରାମର ସୁବାସ ଚନ୍ଦ୍ର ପୁଝାରୀଙ୍କ ପୁଅ ସଞ୍ଜୀବ ପୁଝାରୀ (୩୭) କୌଣସି ଭଡ଼ା ନେଇ ଭବାନୀପାଟଣା ଅଭିମୁଖେ ଯାଉଥିବା ବେଳେ ସୋମବାର ସନ୍ଧ୍ୟା ସମୟରେ ସେମେଲପଦର ଛକ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଗାଡ଼ି ତଳେ ଚାପି ହୋଇ ଡ୍ରାଇଭରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଏସଂପର୍କରେ ଖବର ପାଇ ଘଟଣାସ୍ଥଳରେ କର୍ଲାପାଟ ଥାନା ଅଧିକାରୀ ଶ୍ରୀକାନ୍ତ କୋଲ୍ଲା ପହଞ୍ଚି ଶବ ଜବତ କରିବା ସହ ୧୦/୨୫ ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା କର୍ଲାପାଟ ଥାନା ଅଧିକାରୀ ସୂଚନା ଦେଇଛନ୍ତି । ସେହିପରି ମଙ୍ଗଳବାର ଅପରାହ୍ନରେ ସେମେଲପଦର ଗ୍ରାମ ନିକଟରେ ଥିବା ଜଙ୍ଗଲ ପାଖରେ ଏକ ହାଇୱା ଗାଡ଼ି ମଧ୍ୟ ଓଲଟି ପଡ଼ିଥିବା ବେଳେ ଗାଡ଼ି ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି।

# ସଡ଼କ ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତିଲେ ତୁଳସୀ ଅଭିନେତା ଅଶ୍ୱିନୀ



**ସିମୁଳିଆ,୧୫।୪ (ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତିଲେ ତୁଳସୀ ଗଣନାଟ୍ୟର ଅଭିନେତା ଅଶ୍ୱିନୀ କୁମାର। ଯାତ୍ରା ସାରି ଘରକୁ ଫେରୁଥିବା ସମୟରେ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା ଅଶ୍ୱିନୀଙ୍କ କାର । ଯାହା ଫଳରେ ଅଶ୍ୱିନୀ ସାମାନ୍ୟ ଆହତ ହୋଇଥିବା ବେଳେ କାର ଡ୍ରାଇଭରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସୂଚନା ମିଳିଛି। ସୂଚନା ମୁତାବକ, ତୁଳସୀ ଯାତ୍ରା ଅଭିନେତା ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରୁ ଯାତ୍ରା ସାରି ଭୁବନେଶ୍ୱର ଅଭିମୁଖେ ନିଜ ଘରକୁ ଫେରୁଥିଲେ । ସେହି ସମୟରେ ସିମୁଳିଆ ଥାନା ନିକଟ ୧୬ ନମ୍ବର ଜାତୀୟ ରାଜପଥ ତାରିଣୀ ପୋଲ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ବାଲେଶ୍ୱର ଆଡ଼କୁ ଦୁଇଟି ଟ୍ରକ ଯାଉଥିବା ବେଳେ ଗୋଟିଏ ଅନ୍ୟଟିକୁ ଅତିକ୍ରମ କରୁଥିଲା । ଆଉ ଏହି ସମୟରେ ଅଭିନେତା ଅଶ୍ୱିନିଙ୍କ କାର ଓ ଟ୍ରକ ମଧ୍ୟରେ ମୁହଁମୁହିଁ ଧକ୍କା ହୋଇଥିଲା। ଯାହା ଫଳରେ ଅଭିନେତା ଓ କାର୍ ଡ୍‌ରାଇଭର ଆହତ ହୋଇଥିବା ଜଣାପଡ଼ିଛି । ତେବେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ପ୍ରଥମେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । କିନ୍ତୁ ସେଠାରେ କାରର ଡ୍ରାଇଭର ସୋମନାଥ ଦାଶଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର କିମସ ହସପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି। ତେବେ ବର୍ତ୍ତମାନ ଯାତ୍ରା କଳାକାର ଅଶ୍ୱିନୀ ସୁସ୍ଥ ଥିବାର ଜଣାପଡ଼ିଛି। ଖବର ପାଇ ସିମୁଳିଆ ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ପ୍ରକାଶ ଥାଉକି, ୧୬ନଂ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲୁଛି। ତେଣୁ ସେହି ରାସ୍ତାକୁ ୱାନ ୱେ କରାଯାଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିବାର ଜଣାପଡିଛି।

ଆମ୍ବେଦକରଙ୍କ ଉପରେ ଜାତୀୟ ଆଲୋଚନାଚକ୍ର

# ଶିକ୍ଷା ମାଧ୍ୟମରେ ବିକଶିତ ସମାଜ ସ୍ୱପ୍ନ ସାକାର ହୋଇପାରିବ




**ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ):** ସମ୍ବିଧାନ ପ୍ରଣେତା, ସମାଜ ସଂସ୍କାରକ ତଥା ବିଶିଷ୍ଟ ଶିକ୍ଷାବିତ୍ ଭାରତରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ରେ ଗତ ୭ ତାରିଖଠାରୁ ଆଜି ପର୍ଯ୍ୟନ୍ତ 'ସମର୍ଥ ସପ୍ତାହ' ଅବସରରେ ଆମ୍ବେଦକରଙ୍କ ଉପରେ ଏକ ଜାତୀୟ ଆଲୋଚନା ଆଜି ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ବକ୍ତା ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଫେସର ସଞ୍ଜୟ ପାଶୱାନ, ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ, ଅଖିଳ ଭାରତ ସମରସ୍ତା ପ୍ରମୁଖ ଶ୍ୟାମ ପ୍ରସାଦ, ସେମିନାରର ଅଧ୍ୟକ୍ଷ ତଥା ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ରତିକାନ୍ତ କୁମ୍ଭାର ଓ କାର୍ଯ୍ୟକ୍ରମର ଆବାହକ ଡ. ଗୌରବ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର ତ୍ରିପାଠୀ କହିଥିଲେ ଯେ ଡ. ଆମ୍ବେଦକର ସର୍ବଦା ଏକ ବିକଶିତ ସମାଜର ସ୍ୱପ୍ନ ଦେଖିଥିଲେ ଯାହା ଶିକ୍ଷା ମାଧ୍ୟମରେ ହାସଲ କରାଯାଇପାରିବ। ଶିକ୍ଷା ପାଇଁ ତ୍ୟାଗ ଦରକାର ଏବଂ ଛାତ୍ର ଓ ଶିକ୍ଷକମାନେ ତ୍ୟାଗ ମାଧ୍ୟମରେ ସମାଜ ପାଇଁ କାମ କରିବା ଦରକାର ବୋଲି ପ୍ରଫେସର ତ୍ରିପାଠୀ କହିଥିଲେ।

ସେହିପରି ଡ. ଆମ୍ବେଦକରଙ୍କ ସ୍ୱପ୍ନ ସାକାର ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରଫେସର ପାସୱାନ୍ ଆହ୍ୱାନ ଦେଇଥିଲେ। ଆମ୍ବେଦକର ବିକାଶ ପାଇଁ ଶିକ୍ଷାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିବା ସହ ଆନ୍ତଃଶୃଙ୍ଖଳା ଶିକ୍ଷା ବ୍ୟବସ୍ଥାର ଯୁଗରେ ଆମେ ମାନବ ଉତ୍କର୍ଷତା ଏବଂ ମାନବ ବିକାଶ ପାଇଁ କାମ କରିବା ଉଚିତ୍ ବୋଲି ମତ ଦେଇଥିଲେ। ଏହାଛଡ଼ା ବିଧାୟକ ଶ୍ରୀ ମାଛ ଡକ୍ଟର ଆମ୍ବେଦକରଙ୍କ ଯୋଗୁଁ ସମାଜର ବଞ୍ଚିତ ଶ୍ରେଣୀ ସାମାଜିକ ଓ ଅର୍ଥନୈତିକ ଲାଭ ପାଉଛନ୍ତି ବୋଲି ମତ ଦେବା ସହ ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରିବାକୁ ସମସ୍ତ ସମ୍ପ୍ରଦାୟକୁ ନିବେଦନ କରିଥିଲେ। ଏହାଛଡ଼ା ଶ୍ରୀ ପ୍ରସାଦ କହିଥିଲେ ଯେ ଯଦି ଆମେ ଡ. ଆମ୍ବେଦକରଙ୍କ ଚିନ୍ତାଧାରାକୁ ସାକାର କରିବାକୁ ଚାହୁଁଛୁ, ତେବେ ଆମକୁ ପ୍ରଥମେ ଭାରତୀୟ ସମ୍ବିଧାନକୁ ଜାଣିବାକୁ ପଡ଼ିବ। ପ୍ରତ୍ୟେକ ପାଠ୍ୟକ୍ରମରେ ଭାରତୀୟ ସମ୍ବିଧାନ ଶିକ୍ଷା ଦିଆଯିବା ଦରକାର ବୋଲି ସେ ମତ ଦେଇଥିଲେ।

# ବିଓପିଟି ଓ ବିଏଫ୍‌ଏସ୍‌ଆଇ ସହ ଉଚ୍ଚଶିକ୍ଷା ବିଭାଗର ଚୁକ୍ତି ସ୍ୱାକ୍ଷରିତ



**ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ):** ଆଜି ଉଚ୍ଚଶିକ୍ଷା ବିଭାଗର ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବୋର୍ଡ ଅଫ୍ ପ୍ରାକ୍ଟିକାଲ ଟ୍ରେନିଂ (ବିଓପିଟି) ଓ ବିଏଫ୍‌ଏସ୍‌ଆଇ ସେକ୍ଟର ସ୍କିଲ କାଉନସିଲ ଅଫ୍ ଇଣ୍ଡିଆ, ମୁମ୍ବାଇ ସହ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ବେଳେ ଏହା ମାଧ୍ୟମରେ ବିଓପିଟି ସହଯୋଗରେ ରାଜ୍ୟର ୮୭ଟି ଶିକ୍ଷାନୁଷ୍ଠାନରେ ଏଇଡିପିର ପ୍ରଚଳନ କରାଯିବା ସହ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟର୍ଣ୍ଣସିପ୍ ସୁଯୋଗ ପ୍ରଦାନ କରାଯାଇପାରିବ। ସେହିପରି ବିଏଫ୍‌ଏସଆଇର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ବ୍ୟାଙ୍କିଙ୍ଗ, ଫାଇନାନ୍ସ ଓ ଇନସ୍ୟୁରାନ୍ସ କ୍ଷେତ୍ରରେ ଶିକ୍ଷା ପ୍ରଦାନ କରାଯିବା ସହ ଏହି ଶିକ୍ଷାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯିବ ଏବଂ ଏହାର ପ୍ରକୃଷ୍ଟ କ୍ରେଡିଟାଇଜେସନ୍ ମଧ୍ୟ କରାଯିବ। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଦକ୍ଷତାର ବିକାଶ ହେବା ସହ ଭବିଷ୍ୟତରେ ସେମାନେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇପାରିବେ। ଏହି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଉପସ୍ଥିତି ଥିଲେ।

# କୁଆଡେ ଯାଉଛି ଓଡ଼ିଶା ଡାଲି ?



**ଭୁବନେଶ୍ୱର,୧୫।୪:** ଓଡିଶାରେ ବର୍ଷକୁ ଯେତିକି ଡାଲିଜାତୀୟ ଶସ୍ୟ ଆବଶ୍ୟକ ତାହାଠାରୁ ୩/୪ ଗୁଣ ଅଧିକ ଉତ୍ପାଦନ ହେଉଛି । ହେଲେ ବର୍ଷସାରା ଡାଲି ପାଇଁ ଓଡିଶା କିନ୍ତୁ ଅନ୍ୟ ରାଜ୍ୟ ଉପରେନ ନିର୍ଭରଶୀଳ। ତେବେ ଓଡିଶାରୁ ଉତ୍ପାଦିତ ଡାଲି କୁଆଡେ ଯାଉଛି ତାହା ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ହିସାବରେ ଓଡିଶା ପାଇଁ ବର୍ଷକୁ ୩.୧୨ ଲକ୍ଷ ମେଟ୍ରିକ ଟନ୍ ଡାଲି ଆବଶ୍ୟକ ଥିବାବେଳେ ୧୩ଲକ୍ଷ ମେଟ୍ରିକ ଟନ୍ ରୁ ଅଧିକ ଡାଲି ଫଳୁଛି । ତେବେ ଓଡିଶାରୁ ଉତ୍ପାଦିତ ହେଉଥିବା ଡାଲିଗୁଡିକ କୁଆଡେ ଯାଉଛି ତାହା ଏବେ ପ୍ରଶ୍ନବାଚୀ ହୋଇଛି । କାରଣ ଡାଲି ପାଇଁ ଓଡିଶା ବର୍ଷ ସାରା ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ଥିବାବେଳେ ସେହିସବୁ ରାଜ୍ୟର ବ୍ୟବସାୟୀମାନେ ଓଡିଶାର ଡାଲି ବଜାରକୁ ନିୟନ୍ତ୍ରଣ କରୁଛନ୍ତି ।

ଓଡିଶାରେ ଡାଲି ଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ କାର୍ଯ୍ୟକାରୀ ହେଉଛି । ଡାଲି ଉତ୍ପାଦନ ବୃଦ୍ଧି ପାଇଁ ୨୦୦୭-୦୮ ରୁ ଏହି ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ଚାଷୀମାନଙ୍କୁ ମିନି କିଟ୍ ପ୍ରଦାନ ସହିତ ତୃଣନାଶକ, କୀଟନାଶକ, ଜୈବିକ ସାର, ଅଣୁସାର ଆଦି ୫୦ ପ୍ରତିଶତ ରିହାତି ଦରରେ ଯୋଗାଯାଉଛି । ଏଥି ସହିତ ରିହାତି ଦରରେ କୀଟନାଶକ ସିଞ୍ଚନ ଯନ୍ତ୍ର, ପାଣି ପଡା ପାଇପ୍, ବିହନ ସଂରକ୍ଷଣ ଡ୍ରମ ଇତ୍ୟାଦି ମଧ୍ୟ ଯୋଗାଇ ଦିଆଯାଉଛି ।

ସରକାରୀ ପ୍ରୋତ୍ସାହନ ପରେ ରାଜ୍ୟ ରାଜ୍ୟରେ ଡାଲି ଉତ୍ପାଦନ ବୃଦ୍ଧି ପାଇବାରେ ଲାଗିଛି । ହେଲେ ଲକ୍ଷ୍ୟ କରାଯାଉଛି ଯେ ଚାଷୀମାନେ ଯେଉଁ ହାରରେ ଧାନ ଚାଷ ପାଇଁ ଆଗ୍ରହ ଦେଖାଉଛନ୍ତି ସେହି ହାରରେ ଡାଲି ଜାତୀୟ ଶସ୍ୟପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯେଉଁମାନେ ଡାଲି ଚାଷ କରୁଛନ୍ତି ସେମାନେ ପାରମ୍ପରିକ ଭାବେ ମୁଗ, ବିରି, କୋଳଥ ଆଦି ଚାଷ କରୁଥିବାବେଳେ ହରଡ ଓ ବୁଟ ଚାଷ ସେଭଳି ବହୁଳଭାବେ ଓଡିଶାରେ ହେଉନାହିଁ ।

ଯେତିକି ବି ଡାଲି ଚାଷ ଓଡିଶାରେ ଚାଷୀମାନେ କରୁଛନ୍ତି ଅମଳ ସମୟରେ ତାହା ଅନ୍ୟ ରାଜ୍ୟର ବ୍ୟବସାୟୀଙ୍କ ହାତକୁ ଚାଲିଯାଉଛି । ଗୋଟିଏ ପଟେ ସରକାର ଧାନ ଭଳି ଡାଲି ଜାତୀୟ ଶସ୍ୟକୁ ଠିକଣା ଭାବେ ଖରିଦ ନକରିବା ଏବଂ ଅନ୍ୟପଟେ ଆବଶ୍ୟକ ଡାଲି ପ୍ରକ୍ରିୟାକରଣ କାରଖାନା ନଥିବାରୁ ଚାଷୀମାନେ ବ୍ୟବସାୟୀଙ୍କ ହାତରେ ଶାଗମାଛ ଦରରେ ଡାଲି ବିକ୍ରି କରିଦେଉଛନ୍ତି । ସେହି ଡାଲି ଅନ୍ୟ ରାଜ୍ୟରେ ପ୍ରକ୍ରିୟାକରଣ ହୋଇ ଓଡିଶା ଆସିବା ସହିତ ଚଢ଼ା ଦରରେ ବିକ୍ରି ହେଉଛି । ଓଡିଶାର ଖାଉଟିମାନେ ହରଡଡାଲି ଓ ବୁଟ ଡାଲି ଉପରେ ଅଧିକ ନିର୍ଭରଶୀଳ ଥିବାରୁ ଓଡିଶାର ବ୍ୟବସାୟୀମାନେ ବର୍ଷ ସାରା ଅନ୍ୟ ରାଜ୍ୟରୁ ଏହା ଆମଦାନୀ କରୁଛନ୍ତି ଏବଂ ଏ ବାବଦରେ ଓଡିଶାରୁ ଶହ ଶହ କୋଟି ଟଙ୍କାର ମୁନାଫା ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ନେଇ ଯାଉଛନ୍ତି । (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା
ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝରେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR
ସଂଚାର



# କଂଗ୍ରେସରେ ମୌଳିକ ସମସ୍ୟା

କଂଗ୍ରେସ ଏକ ଜାତୀୟ ଦଳ ଏବଂ ଏହାର ରାଷ୍ଟ୍ରୀୟ ନେତା ହେଉଛନ୍ତି ମୁଖିଆ। ଯଦିଓ ଏବେ ମଲ୍ଲିକାର୍ଜୁନ ଖାର୍ଗେ ଆନୁଷ୍ଠାନିକ ଭାବେ ଦଳର ସଭାପତି ଅଛନ୍ତି, କିନ୍ତୁ ସେ କେବଳ ଜଣେ ଡମି ସଭାପତି। ଏହାକୁ କହନ୍ତି ଧର୍ମକୁ ଆଖିଠାର। ତାଙ୍କୁ ଆସନ ଅଳଙ୍କୃତ କରିବାକୁ କୁହାଯାଇଛି, କିନ୍ତୁ ନିଷ୍ପତ୍ତି ନେବାର କ୍ଷମତା ତାଙ୍କର ନାହିଁ। ଦଳ ସମ୍ପୂର୍ଣ୍ଣ ଭାବେ ଗାନ୍ଧି-ନେହେରୁ ପରିବାର ଦ୍ୱାରା ନିୟନ୍ତ୍ରିତ ଏବଂ ଏହି ପରିବାରର ମାଲିକାନାରେ ରହିଛି। ସୋନିଆ, ରାହୁଲ, ପ୍ରିୟଙ୍କା ଏପରିକି ରବର୍ଟ ଭଦ୍ରା ଯାହା ନିଷ୍ପତ୍ତି ନେବେ ତାହା ହିଁ ଚୂଡ଼ାନ୍ତ। ସେମାନଙ୍କ ନିଷ୍ପତ୍ତିକୁ ଅଗ୍ରାହ୍ୟ କରିବାର ସାହସ କାହାର ନାହିଁ। ଯେମିତି ମନମୋହନ ସିଂହଙ୍କୁ ରାହୁଲ ନନସେନ୍ସ କହି ନିଜ ଶକ୍ତି ପ୍ରଦର୍ଶନ କରୁଥିଲେ, ସେମିତି ରାହୁଲଙ୍କ ଇଙ୍ଗିତରେ ଖାର୍ଗେ ପରିଚାଳିତ ହେଉଛନ୍ତି। ତାଙ୍କର ନିଜସ୍ୱ କର୍ତ୍ତୃତ୍ୱ କିଛି ନାହିଁ। କିନ୍ତୁ ନିର୍ବାଚନରେ କଂଗ୍ରେସ ବାରମ୍ବାର ପରାଜିତ ହେଉଥିଲେ ମଧ୍ୟ ଏଥିଲାଗି କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରାହୁଲ ଗାନ୍ଧୀ ନିଜକୁ ଉତ୍ତରଦାୟୀ କରୁ ନାହାନ୍ତି। ନିର୍ବାଚନ ପରାଜୟ ନିମନ୍ତେ କଂଗ୍ରେସର ରାଜ୍ୟ ଏବଂ ଜିଲ୍ଲା ସଭାପତିମାନଙ୍କୁ ଦାୟୀ କରାଯାଇ ସେମାନଙ୍କୁ ପଦଚ୍ୟୁତ କରାଯାଉଛି। କିନ୍ତୁ ନିର୍ବାଚନୀ ବିଫଳତା ନିମନ୍ତେ କେବଳ ରାହୁଲ ହିଁ ଦାୟୀ। ତାଙ୍କୁ ଭାରତବାସୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ଯୋଗ୍ୟ ବିବେଚନା କରୁ ନାହାନ୍ତି। ଏହାକୁ କଂଗ୍ରେସ ନେତାମାନେ ନବୁଝି ନିର୍ବାଚନ ବିଫଳତା ନିମନ୍ତେ ତଳିଆ ନେତା ବା ପ୍ରାର୍ଥୀଙ୍କୁ ଦାୟୀ କରୁଛନ୍ତି। ନିକଟରେ ଅହମ୍ମଦାବାଦରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଦଳର ପୁନର୍ଗଠନ ଏବଂ ଏହାର ପୁନରୁତ୍ଥାନ ନିମନ୍ତେ କିଛି ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ଼ କରାଯିବ। ଦଳୀୟ ସଂଗଠନରେ ଆମୂଳଚୂଳ ପରିବର୍ତ୍ତନ କରାଯିବ। ଜିଲ୍ଲା



କଂଗ୍ରେସ କମିଟିକୁ ସଂଗଠନକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଡିସିସି ସଭାପତିମାନଙ୍କୁ ଅଧିକ କ୍ଷମତା ଏବଂ ଦାୟିତ୍ୱ ପ୍ରଦାନ କରାଯିବ। ଏହା ସହିତ ସେବାଦଳ ଭଳି ଦଳର ଛାମୁଆ ସଂଗଠନର ପୁନର୍ଗଠନ କରାଯିବ। ଅଧିକ ସଂଖ୍ୟାରେ ଯୁବକ, ମହିଳା, ଦଳିତ ଏବଂ ପଛୁଆ ବର୍ଗଙ୍କୁ ସଂଗଠନରେ ଗୁରୁତ୍ୱ ଦିଆଯିବ। ଦଳର ବରିଷ୍ଠ ନେତା ସଞ୍ଜୟ ଝା ବୈଠକରେ ୫ଟି ପ୍ରସ୍ତାବ ରଖିଛନ୍ତି। ପ୍ରସ୍ତାବରେ ସେବା ଦଳକୁ ସୁଦୃଢ଼ କରିବା, ଜିଲ୍ଲା ସ୍ତରରେ ସଂଗଠନକୁ ଶକ୍ତିଶାଳୀ କରାଇବା, ଦଳର ଏକ ଛାୟା କ୍ୟାବିନେଟ ଗଠନ ଆଦି ରହିଛି। ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ କହିଛନ୍ତି ଯେ, ଆଗକୁ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହିସବୁ ନିର୍ବାଚନରେ କଂଗ୍ରେସ କିପରି ସଫଳତା ହାସଲ କରିପାରିବ ସେଥିଲାଗି ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯିବ। ଦଳ ପ୍ରତି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ କିପରି ଫେରିବ, ସେଥିଲାଗି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ବିଭିନ୍ନ ସ୍ତରରେ ସାରା ଦେଶରେ କଂଗ୍ରେସ ପକ୍ଷରୁ ପଦଯାତ୍ରା କରାଯାଇ ଜନସମ୍ପର୍କ ରକ୍ଷା କରାଯିବ। ସାମାଜିକ ନ୍ୟାୟ ପ୍ରତିଷ୍ଠା ହେଉଛି କଂଗ୍ରେସର ଚରମ ରାଜନୈତିକ ଲକ୍ଷ୍ୟ। ବିଜେପି ଓ ଆରଏସଏସ ଦେଶକୁ ଧର୍ମ ଭିତ୍ତିରେ ବିଭାଜିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ତେଣୁ ଏହାର ଜବାବ ଦେବାକୁ କଂଗ୍ରେସ ସମାଜର ସବୁ ବର୍ଗଙ୍କୁ ଏକାଠି କରିବା ନିମନ୍ତେ ଉଦ୍ୟମ କରିବ। ଦେଶରେ ସଂଖ୍ୟାଲଘୁ ବର୍ଗଙ୍କ ଉପରେ ଅତ୍ୟାଚାର ବଢୁଛି ଏବଂ ସାମ୍ପ୍ରଦାୟିକ ଶକ୍ତି ସକ୍ରିୟ ଅଛନ୍ତି। ଏହାର ମୁକାବିଲା ସହ କଂଗ୍ରେସ ସାମ୍ପ୍ରଦାୟିକ ସଦଭାବ ରକ୍ଷାଲାଗି ଉଦ୍ୟମ କରିବ। ଏହା ସହିତ ବିଜେପିକୁ କ୍ଷମତାଚ୍ୟୁତ କରିବା ନିମନ୍ତେ ସମଭାବାପନ୍ନ ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଦଳ ସହ କଂଗ୍ରେସ ହାତ ମିଳାଇବ ବୋଲି କହିଛି। ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ଆରଜେଡି ଏବଂ ବାମପନ୍ଥୀ ଦଳମାନଙ୍କ ସହ ମେଣ୍ଟ ବା ଆସନ ବୁଝାମଣା କରି ଲଢ଼ିବ। ବିହାର ନିର୍ବାଚନରେ ନୀତିଶ କୁମାରଙ୍କୁ ପରାଜିତ କରିବା ହେଉଛି କଂଗ୍ରେସର ଚରମ ଲକ୍ଷ୍ୟ। ନୀତିଶ ନିର୍ବାଚନରେ ପରାଜିତ ହେଲେ କେନ୍ଦ୍ରରେ ଏନଡିଏ ସରକାର ଦୋହଲିଯିବ। ତେଣୁ କଂଗ୍ରେସ ନିଜ ସୀମିତ ଶକ୍ତିକୁ ଉପଯୋଗ କରି ବିହାରରେ ଇଣ୍ଡିଆ ବ୍ଲକକୁ ପରାଜିତ କରିବା ଲକ୍ଷ୍ୟରେ ରହିଛି। ଲାଲୁଙ୍କ ଆରଜେଡି ବିହାରରେ ମୁଖ୍ୟ ବିରୋଧୀ ଦଳ। କିନ୍ତୁ ଲାଲୁ କଂଗ୍ରେସକୁ ଅଣଦେଖା କରୁଛନ୍ତି। କଂଗ୍ରେସ ସହ ହାତ ମିଳାଇ ଦଳ କ୍ଷତି ସହୁଛି ବୋଲି ଲାଲୁ ଅନେକ ଥର କହିଛନ୍ତି। କିନ୍ତୁ ତେଜସ୍ୱୀ ଯାଦବ କଂଗ୍ରେସ ସହ ବୁଝାମଣା ବଜାୟ ରଖିଛନ୍ତି। ବିହାରରେ କଂଗ୍ରେସ ଏକ ଦୁର୍ବଳ ଶକ୍ତି। ରାଜ୍ୟରେ ନିଜ ସ୍ଥିତି ବଜାୟ ରଖିବାକୁ କଂଗ୍ରେସ ଆରଜେଡିର ହାତ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ ଏବଂ ଯେ କୌଣସି ସର୍ତ୍ତରେ ଏହା କଂଗ୍ରେସ ସହ ମେଣ୍ଟ ବଜାୟ ରଖିବାକୁ ପ୍ରସ୍ତୁତ। ସେହିପରି ଆସନ୍ତା ବର୍ଷ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ବିଜେପି, ଟିଏମସି ଏବଂ କଂଗ୍ରେସ-ବାମପନ୍ଥୀ ମେଣ୍ଟ ମଧ୍ୟରେ ତ୍ରିମୁଖୀ ମୁକାବିଲା ହେବ। ଏହି ଦୁଇଟି ବଡ଼ ରାଜ୍ୟରେ କଂଗ୍ରେସର ଶକ୍ତି ନଗଣ୍ୟ। ତେଣୁ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନରେ ଦଳର ସଫଳତା ଲାଗି ଯାହା ସବୁ ନିଷ୍ପତ୍ତି ନିଆଯାଇଛି ତାହା ଅର୍ଥହୀନ। ତେବେ କଂଗ୍ରେସକୁ ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଆଜି ବିହାର ଓ ପଶ୍ଚିମବଙ୍ଗରେ କଂଗ୍ରେସ ଦୁର୍ବଳ ରହିଛି। କାଲି ସ୍ଥିତିରେ ପରିବର୍ତ୍ତନ ଆସିବ ନାହିଁ ବୋଲି କୁହାଯାଇପାରିବ ନାହିଁ। ଏଥିପାଇଁ କେବଳ ସାଙ୍ଗଠନିକ ସ୍ତରରେ ପରିବର୍ତ୍ତନ ନୁହେଁ, ରାଜ୍ୟ ସ୍ତରରେ ଦୃଢ଼ ନେତୃତ୍ୱ ଆବଶ୍ୟକତା ରହିଛି। ବିହାର ଓ ପଶ୍ଚିମବଙ୍ଗରେ କଂଗ୍ରେସର ଏପରି କେହି ନେତା ନାହାନ୍ତି ଯାହା ଉପରେ ଭରସା କରି ଲୋକେ କଂଗ୍ରେସକୁ ଭୋଟ ଦେବେ। ତେଣୁ କଂଗ୍ରେସ ସାଙ୍ଗଠନିକ ପୁନର୍ଗଠନ ସହ ନୂଆ ନେତୃତ୍ୱ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିବା ଉଚିତ। ନଚେତ କେବଳ ସୋନିଆ, ରାହୁଲ ଓ ପ୍ରିୟଙ୍କାଙ୍କ ଉପରେ ଭରସା କରି କଂଗ୍ରେସ ଆଗକୁ ବଢ଼ିପାରିବ ନାହିଁ। ଯଦି କଂଗ୍ରେସକୁ ଆଗକୁ ବଢ଼ିବାର ଅଛି ଏବଂ ଏକ ଦୃଢ଼ ରାଜନୈତିକ ଶକ୍ତି ଭାବେ ନିଜକୁ ପ୍ରମାଣିତ କରିବାର ଅଛି, ତେବେ ଦଳକୁ ଗୋଟିଏ ପରିବାରର ମାଲିକାନାରୁ ବାହାରିବାକୁ ପଡ଼ିବ। ଦଳରେ ଚାଟୁକାରଙ୍କୁ ନଗଣ୍ୟ କରି ପ୍ରକୃତ ଯୋଗ୍ୟ ଏବଂ ନିଷ୍ଠାପର କର୍ମୀଙ୍କୁ ଦାୟିତ୍ୱ ଦେବାକୁ ପଡ଼ିବ। ଦଳ କୌଣସି ବ୍ୟକ୍ତି ଉପରେ ନିର୍ଭରଶୀଳ ନହୋଇ ନୀତି, ଆଦର୍ଶ ଏବଂ କାର୍ଯ୍ୟକ୍ରମ ଉପରେ ଆଧାରିତ ହେବା ଉଚିତ। ସଂରକ୍ଷଣ, ତୁଷ୍ଟିକରଣ ନୀତିକୁ ପରିତ୍ୟାଗ କରି ଆଧୁନିକ ଚିନ୍ତାଧାରାକୁ ଆପଣାଇବାକୁ ପଡ଼ିବ। ଦଳରେ ନୂଆ ନେତା ସୃଷ୍ଟିକରିବାକୁ ପଡିବ। କଂଗ୍ରେସ ଜିତିଲେ କେବଳ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବେ, ଆଉ କେହି ଯୋଗ୍ୟ ବ୍ୟକ୍ତି ନାହାନ୍ତି ସେଭଳି ଚିନ୍ତାଧାରାକୁ ବାହାର ନକଲେ କଂଗ୍ରେସ କେବେ ଲୋକସଭାରେ ୧୦୦ରୁ ଅଧିକ ଆସନ ପାଇପାରିବ ନାହିଁ। କଂଗ୍ରେସ ମୌଳିକ ସମସ୍ୟାକୁ ଦୂର ନକରି ଖାଲି ତଳ ସ୍ତରରେ କର୍ମୀଙ୍କ ମୁଣ୍ଡରେ ସବୁ ଦୋଷ ଲଦିବା ଅନୁଚିତ। ଜିଲ୍ଲା ସ୍ତରରେ ସଂଗଠନ କୌଣସି ଗୁରୁତ୍ୱ ନାହିଁ। ଏହାକୁ ଯେତେ ମାଜିଲେ ବି ଜିଲ୍ଲାରେ ବସିଥିବା ନେତା ଯଦି ପସନ୍ଦ ଯୋଗ୍ୟ ନହେବ ତେବେ ଦଳ ସିଧା ଠିଆ ହୋଇପାରିବ ନାହିଁ।

# ବିଜୁବାବୁ ଓ ୧୯୭୧ ନିର୍ବାଚନ

**ବୁଦ୍ଧରାମ ସାହୁ**

ବିଜୁବାବୁଙ୍କ ଜୀବନର ପ୍ରଥମ ଓ ଶେଷ ଝଟକା ୧୯୭୧ ମସିହାରେ ନିଜର ପ୍ରାଦେଶିକ ଦଳ "ଉତ୍କଳ କଂଗ୍ରେସ" ଗଢ଼ି ସେଥିରୁ ୫ଟି ସ୍ଥାନରେ ପରାଜିତ ହେବା। କିନ୍ତୁ ଏଥିରେ ବିଜୁବାବୁଙ୍କ ଉଦ୍ଦେଶ୍ୟ ତାହା ନଥିଲା। ସେ ଭଞ୍ଜନଗର କିମ୍ବା ଚୌଦ୍ୱାରରୁ ପ୍ରାର୍ଥୀ ହୋଇ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବା ପାଇଁ ଚିନ୍ତା କରିଥିଲେ। କିନ୍ତୁ କିଛି ତୋଷାମଦକାରୀଙ୍କ କଥାରେ ପଡ଼ି ସେ ବିଭିନ୍ନ ଜାଗାରେ ପ୍ରାର୍ଥୀ ହେଲେ ଓ ରେକର୍ଡ ସଂଖ୍ୟକ ପରାଜୟର ଝଟକା ପାଇଲେ। ପ୍ରଥମେ ଦେଖାଯାଉ ସେ କାହିଁକି ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ହେଲେ? ଏଠାରେ ହରେକୃଷ୍ଣ ମହତାବ ସ୍ଥାନୀୟ ବିଧାୟକ ଓ ସତ୍ୟପ୍ରିୟ ମହାନ୍ତି କଂଗ୍ରେସ ଦଳରୁ ପରାଜିତ ପ୍ରାର୍ଥୀ। ୧୯୬୧ରେ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସତ୍ୟପ୍ରିୟ ବାବୁ ମନ୍ତ୍ରୀ ଥାଇ ବହୁ ବଦନାମ ମୁଣ୍ଡେଇଥିଲେ। ତେଣୁ ତାଙ୍କୁ ହରେକୃଷ୍ଣ ମହତାବଙ୍କ ଭଳି ନେତାଙ୍କ ବିରୁଦ୍ଧରେ ପ୍ରାର୍ଥୀ ନ କରି ସେ ଜଣେ ନୂତନ ପ୍ରାର୍ଥୀଙ୍କ ସନ୍ଧାନରେ ଥିଲେ। ତେଣୁ ବିଜୁବାବୁ ଶ୍ରୀ ଶଶିଭୂଷଣ ମିଶ୍ରଙ୍କ ଭଳି ଜଣେ ଶିକ୍ଷିତ ବ୍ୟକ୍ତିଙ୍କୁ ରାଉରକେଲା ଭଳି ସ୍ଥାନରେ ପ୍ରାର୍ଥୀ କରିବାକୁ ମନସ୍ଥ କରିଥିଲେ। ଶଶିବାବୁ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଦିଲ୍ଲୀଠାରେ କେନ୍ଦ୍ର ସରକାର ଅଧୀନରେ ଥିବା ଜନସମ୍ପର୍କ କାର୍ଯ୍ୟାଳୟ (ଏକ୍ସଚେଞ୍ଜ ଚ.ଜ)ର ନିର୍ଦ୍ଦେଶକ ପଦ ସେବେଜକାରୀ ବ୍ୟକ୍ତିଙ୍କୁ ମଧ୍ୟ ନିଯୁକ୍ତି ମିଳୁଥିଲା। ତେଣୁ ବିଜୁବାବୁ ତାଙ୍କୁ ଦିଲ୍ଲୀରୁ ଆଣି ଏଠାରେ ନିର୍ଦ୍ଦେଶକ ପଦରେ ନିଯୁକ୍ତି ଦେଇଥିଲେ। ଶ୍ରୀ ମିଶ୍ର ୫ ବର୍ଷ ପାଇଁ ଏ ପଦରେ କାର୍ଯ୍ୟ କରି କଂଗ୍ରେସ ସରକାର ଓ ମୁଖ୍ୟମନ୍ତ୍ରୀମାନଙ୍କ ସମସ୍ତ କାର୍ଯ୍ୟକ୍ରମ ସରକାରୀ ଭାବେ ପ୍ରଚାର କରୁଥିଲେ। ଏପରିକି ୧୯୬୪ ମସିହା ଛାତ୍ର ଆନ୍ଦୋଳନରେ ଯେଉଁ କଂଗ୍ରେସ ହଟାଅ ଅଭିଯାନ ହରେକୃଷ୍ଣ ମହତାବଙ୍କ ଦ୍ୱାରା ପରୋକ୍ଷ ଭାବେ ପରିଚାଳିତ ହୋଇଥିଲା, ତାହାକୁ ସରକାରୀ ଭାବେ ଶ୍ରୀ ମିଶ୍ର ପ୍ରତିରୋଧ କରି ରାଜ୍ୟସାରା ସରକାରୀ ଦଳ ପାଇଁ ପ୍ରଚାର ଅଭିଯାନ ଜାରି ରଖିଥିଲେ।

ଏଭଳି ଭାବେ ସରକାରୀ କଳକୁ ନିର୍ବାଚନ ପ୍ରଚାରରେ ସାମିଲ୍ କରିବା ସତ୍ତ୍ୱେ ୧୯୬୭ ନିର୍ବାଚନରେ କଂଗ୍ରେସର ପରାଜୟ ଘଟିଲା ଏବଂ ସ୍ୱୟଂ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁବାବୁ ପାଟକୁରା ନିର୍ବାଚନ ମଣ୍ଡଳୀରୁ ପରାଜିତ ହେଲେ। ତାପରେ ନୂତନ ଭାବେ ସ୍ୱତନ୍ତ୍ର ଓ ଜନକଂଗ୍ରେସ ସରକାର ପିଏସ୍‌ପି ଦଳର ବାହ୍ୟ ସମର୍ଥନରେ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗଠନ ହେଲା ଏବଂ ନୂତନ ସରକାର ତତ୍‌କ୍ଷଣାତ ଶଶିଭୂଷଣ ମିଶ୍ରଙ୍କୁ ନିର୍ଦ୍ଦେଶକ ପଦରୁ ବିଦା କରି ବିଗତ କାର୍ଯ୍ୟାଳୟ ପାଇଁ ତଦନ୍ତ ନିର୍ଦ୍ଦେଶ ଦେଲେ। ଏଭଳି ସ୍ଥିତିରେ ଶ୍ରୀଯୁକ୍ତ ମିଶ୍ର ବିଜୁବାବୁଙ୍କ ଅତ୍ୟନ୍ତ ବିଶ୍ୱସ୍ତ ହୋଇଯାଇଥିଲେ। ଏପିରିକି ବିଜୁବାବୁ ଜଣେ ଶିକ୍ଷିତ ଓ ଯୁବ ପ୍ରାର୍ଥୀ ଭାବେ ଶ୍ରୀ ଶଶିଭୂଷଣ ମିଶ୍ରଙ୍କୁ ଭୁବନେଶ୍ୱର ପାଇଁ ପ୍ରାର୍ଥୀ ମନୋନୟନ କରି ପ୍ରଚାର କାର୍ଯ୍ୟରେ ଆଗେଇବାକୁ ମୌଖିକ ଆଦେଶ ଦେଇ ସାରିଥିଲେ। କିଛିଦିନ ଭିତରେ ପ୍ରଚାର କାର୍ଯ୍ୟ ଓ ପୋଷ୍ଟର ମରାହେବା କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା।

ପୂର୍ବତନ ମନ୍ତ୍ରୀ ଶ୍ରୀ ସତ୍ୟପ୍ରିୟ ମହାନ୍ତି ଏତେ ସହଜରେ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀକୁ ଛାଡ଼ିବାକୁ ଚାହୁଁନଥିଲେ। ସେ ତାଙ୍କ ପୁରୁଣା ସମର୍ଥକମାନଙ୍କୁ ନେଇ ମେଳି କଲେ ଏବଂ ହରେକୃଷ୍ଣ ମହତାବଙ୍କ ବିରୁଦ୍ଧରେ ବିଜୁବାବୁଙ୍କ ଛଡ଼ା କେହି ପ୍ରାର୍ଥୀ ହେଲେ ବିଜୟୀ ହେବା ସମ୍ଭବ ନୁହେଁ ବୋଲି ବୁଝାଇଥିଲେ। ଏହାଦ୍ୱାରା ବିଜୁବାବୁ ତୋଷାମଦକାରୀଙ୍କ କଥାରେ ପଡ଼ି ଶଶିବାବୁଙ୍କ ପ୍ରାର୍ଥୀତ୍ୱକୁ ପରିବର୍ତ୍ତନ କରି ନିଜେ ପ୍ରାର୍ଥୀ ହେବେ ବୋଲି ନିଷ୍ପତ୍ତି ନେଇଗଲେ।

ଦ୍ୱିତୀୟାର୍ଦ୍ଧରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ କଥା। ଏହି ନିର୍ବାଚନ ମଣ୍ଡଳୀରେ ବରିଷ୍ଠ ପୁରୁଖା ବ୍ୟକ୍ତି କେହି ନ ମିଳିବାରୁ ବିଜୁବାବୁ ଅତି ଦ୍ୱନ୍ଦରେ ଥିଲେ। ଏ ପରିସ୍ଥିତିରେ ପୁରୀର କିଛି ବରିଷ୍ଠ ନେତା ପୁରୀ ରାଜାଙ୍କୁ ଖୋର୍ଦ୍ଧାରେ ପ୍ରାର୍ଥୀ କରାଇବା ପାଇଁ ପ୍ରସ୍ତାବ ଦେଇଥିଲେ, କାରଣ ଖୋର୍ଦ୍ଧାଗଡ଼ ସହିତ ପୁରୀ ରାଜାଙ୍କ ପାରିବାରିକ ସମ୍ପର୍କ ଥିବା ହେତୁ ତାଙ୍କର ବିଜୟ ଲାଭ କରିବାଟା ସହଜ ବୋଲି ବିଜୁବାବୁଙ୍କୁ ବୁଝାଇ ଦିଆଯାଇଥିଲା। କିନ୍ତୁ ଦୁର୍ଭାଗ୍ୟ ଯେ ପୁରୀ ରାଜା ଶେଷ ମୁହୂର୍ତ୍ତରେ ପ୍ରାର୍ଥୀ ହେବାକୁ ମନା କରିଦେଲେ। ଉପଯୁକ୍ତ ପ୍ରାର୍ଥୀ ଖୋର୍ଦ୍ଧା ଅଞ୍ଚଳରୁ ନ ମିଳିବାରୁ ଦଳର ବରିଷ୍ଠ ନେତା ଓ କିଛି ଖୋସାମତକାରୀ ବିଜୁବାବୁଙ୍କୁ ସେଠାରୁ ପ୍ରାର୍ଥୀ ହେବାକୁ ଅନୁରୋଧ କଲେ ଓ ଶେଷରେ ସେ ପରିସ୍ଥିତିରେ ପଡ଼ି ଖୋର୍ଦ୍ଧାରେ ପ୍ରାର୍ଥୀ ହେବାକୁ ବାଧ ହେଲେ।

ତୃତୀୟରେ ବିଜୁବାବୁ ୧୯୬୧ ମସିହାରେ ଚୌଦ୍ୱାର ନିର୍ବାଚନ ମଣ୍ଡଳୀରୁ ବିଜୟଲାଭ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ବିଜୁବାବୁ ଓଡ଼ିଶାରେ ନବୀନ ନିବାସ ବ୍ୟତୀତ ଚୌଦ୍ୱାରର ଓ.ଟି.ଏମ୍ ଗେଷ୍ଟ ହାଉସ୍‌ରେ ମଧ ସପରିବାର ରହୁଥିଲେ ଓ ଜନସାଧାରଣ ତଥା କର୍ମଚାରୀମାନଙ୍କ ଅଭିଯୋଗ ଶୁଣୁଥିଲେ। ସେଥିଯୋଗୁ ଚୌଦ୍ୱାର ବାସିନ୍ଦା ବିଜୁବାବୁଙ୍କୁ ପ୍ରାର୍ଥୀ କରିବାକୁ ଅନୁରୋଧ କଲେ ଓ ଏଠାରୁ ଜିତିବାଟା ନିଶ୍ଚିତ ବୋଲି ପ୍ରତିଶ୍ରୁତି ଦେଲେ। ଏ ପରିସ୍ଥିତିରେ ବିଜୁବାବୁ ସ୍ୱଇଚ୍ଛାରେ ସେଠାରୁ ପ୍ରାର୍ଥୀ ହେବାକୁ ନିଷ୍ପତ୍ତି ନେଇଥିଲେ। ଚତୁର୍ଥରେ ଭଞ୍ଜନଗର ବିଜୁବାବୁଙ୍କ ପୂର୍ବପୁରୁଷଙ୍କ ବାସସ୍ଥାନ ଓ ଗ୍ରାମ ହୋଇଥିବା ହେତୁ ସେ ସେଠାରେ ବିଧାନସଭା ଓ ପାର୍ଲାମେଣ୍ଟରେ ପ୍ରାର୍ଥୀ ହେବା




ନିଷ୍ପତ୍ତି ଆରମ୍ଭରୁ କରିସାରିଥିଲେ। ଏହିଭଳି ଭାବେ ବିଜୁବାବୁ କିଛି ତୋଷାମଦକାରୀ ଓ ଅବାଞ୍ଛିତ ଲୋକଙ୍କ କଥାରେ ପଡ଼ି ୫ଟି ସ୍ଥାନରେ ପ୍ରାର୍ଥୀ ପାଇଁ ମନୋନୟନ ପତ୍ର ଦାଖଲ କରିଥିଲେ। କିନ୍ତୁ ଦୁର୍ଭାଗ୍ୟ ଯେ, ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ସଭା କରିବା ହେତୁ ସେ ନିଜର ନିର୍ବାଚନ ମଣ୍ଡଳୀରେ ସମୟ ଦେଇପାରିଲେନି। କେବଳ ନିଜ ନିର୍ବାଚନ ମଣ୍ଡଳୀରେ ଗୋଟିଏ ବଡ଼ ସାଧାରଣ ସଭାରେ ଭାଷଣ ଦେଇ କାମ ଚଳେଇଲେ। ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ଲୋକଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦେଇଥିବା ସ୍ଥଳେ ଭୁବନେଶ୍ୱରରେ ଶ୍ରୀ କାମିନୀ ପଟ୍ଟନାୟକ, ଆଡ଼ଭୋକେଟଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦେବା ସହିତ ଏ.ଜି ଛକରେ ଥିବା ଗଙ୍ଗାଧର ମହାପାତ୍ରଙ୍କ ସରକାରୀ ବାସଗୃହରେ ନିର୍ବାଚନ ମଣ୍ଡଳୀର ମୁଖ୍ୟ ଅଫିସ୍ କରାଯାଇଥିଲା। ସେ ସମୟରେ ଇନ୍ଦିରା ଗାନ୍ଧୀ ରାଜାମାନଙ୍କ ହାତପାଣ୍ଠି ଉଚ୍ଛେଦ ବିଲ୍, ସମଗ୍ର ବ୍ୟାଙ୍କ ଜାତୀୟକରଣ କରାଯିବା ହେତୁ କଂଗ୍ରେସ ସପକ୍ଷରେ ହାୱା ବହିଥିଲା। ଏପଟେ ବିଜୁବାବୁ ୫ଟି ସ୍ଥାନରେ ପ୍ରାର୍ଥୀ ହୋଇ ଭୋଟ ପ୍ରଚାର କରିଥିଲେ ମଧ ଉକ୍ତ ହାୱାକୁ ସହଜରେ ମୁକାବିଲା କରିପାରିଲେ ନାହିଁ। ନୂତନ ଭାବେ ଗଢ଼ା ଯାଇଥିବା "ଉତ୍କଳ କଂଗ୍ରେସ" ଦଳ ନିର୍ବାଚନରେ ତୃତୀୟ ସ୍ଥାନରେ ରହିବା ସହିତ ବିଜୁବାବୁ ପାର୍ଲାମେଣ୍ଟକୁ ମିଶାଇ ୫ଟି ନିର୍ବାଚନ ମଣ୍ଡଳୀରୁ ପରାଜିତ ହୋଇଥିଲେ। ବିଜୁବାବୁ ଭୁବନେଶ୍ୱରରୁ ଡଃ ହରେକୃଷ୍ଣ ମହତାବଙ୍କ ଦ୍ୱାରା, ଖୋର୍ଦ୍ଧାର ଡଃ ବେଣୁଧର ବଳିଆରସିଂହଙ୍କ ଦ୍ୱାରା, ଚୌଦ୍ୱାରରୁ ଶ୍ରୀ କାହ୍ନୁଚରଣ ଲେଙ୍କାଙ୍କ ଦ୍ୱାରା ଓ ଭଞ୍ଜନଗରରୁ ସୋମନାଥ ରଥଙ୍କ ଦ୍ୱାରା ପରାଜିତ ହୋଇଥିବା ସ୍ଥଳେ ଭଞ୍ଜନଗର ଲୋକସଭା ନିର୍ବାଚନ ମଣ୍ଡଳୀରୁ ଦୂତିକୃଷ୍ଣ ପଣ୍ଡା (କମ୍ୟୁନିଷ୍ଟ)ଙ୍କ ଦ୍ୱାରା ପରାଜିତ ହୋଇଥିଲେ। ଫଳସ୍ୱରୂପ ବିଜୁବାବୁଙ୍କୁ ପରାଜିତ କରିଥିବା ହେତୁ ସର୍ବଶ୍ରୀ ବେଣୁଧର ବଳିଆରସିଂହ, କାହ୍ନୁଚରଣ ଲେଙ୍କା ଓ ସୋମନାଥ ରଥଙ୍କୁ ପୁରସ୍କୃତ କରାଯାଇ ନନ୍ଦିନୀ ଦେବୀଙ୍କ ମନ୍ତ୍ରୀମଣ୍ଡଳରେ ସାମିଲ୍ କରାଯାଇଥିଲା।

ନିର୍ବାଚନରେ ବିଧାୟକ ପ୍ରାର୍ଥୀ ନ ହୋଇଥିବା କିଛି ତୋଷାମଦକାରୀ ବିଜୁବାବୁଙ୍କ ଜୀବନ ଇତିହାସରେ କଳଙ୍କ ବୋଲିଦେଲେ। ବିଜୁବାବୁ ଜଣେ ଖେଳୱାଡ଼ର୍ ଥିଲେ। ସେ ଜୀବନରେ ବିଶ୍ୱାସ ଓ ଅବିଶ୍ୱାସର ପାର୍ଥକ୍ୟ କ'ଣ ବୁଝିପାରୁ ନଥିଲେ। ତାଙ୍କର ଏ କଳଙ୍କ କେତେକାଂଶରେ ଧୋଇ ହୋଇଗଲା ଯେତେବେଳେ ତାର ଠିକ୍ ୨୦ ବର୍ଷ ପରେ ଅର୍ଥାତ୍ ୧୯୯୦ ମସିହାରେ ୧୨୩ଜଣ ବିଧାୟକଙ୍କୁ ବିଜୟୀ କରାଇ ପୁରା ୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟରେ ଶାସନ କଲେ।

୧୯୭୧ ନିର୍ବାଚନ ପରେ ଓଡ଼ିଶା ରାଜ୍ୟ ରାଜନୀତିରେ ଅଣକଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ ହେଲା। କଂଗ୍ରେସକୁ ବାଦ୍ ଦେଇ ସ୍ୱତନ୍ତ୍ର (୩୫), ଉତ୍କଳ କଂଗ୍ରେସ (୩୩) ଏବଂ ଝାଡ଼ଖଣ୍ଡ ଦଳ (୫) କୁ ମିଶାଇ ୭୨ଜଣ ସଭ୍ୟଙ୍କୁ ନେଇ ରାଜ୍ୟରେ ମିଳିତ ମନ୍ତ୍ରୀମଣ୍ଡଳ ସରକାର ଗଠନ ହେଲା ଏବଂ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାଶଙ୍କୁ ଆମନ୍ତ୍ର କରି ଅଣାଯାଇଥିଲା। ସେ ସମୟରେ ଦୁଇଟି ସ୍ଥାନରେ ବିଜୟ ଲାଭ କରିଥିବା ଶ୍ରୀ ଶ୍ୟାମସୁନ୍ଦର ମହାପାତ୍ର (କଂ) ବାଲେଶ୍ୱର ଲୋକସଭା ଆସନ ରଖି ରାଉରକେଲା ବିଧାନସଭା ଶ୍ରୀ ପ୍ରତାପ କେଶରୀ ଦେଓ (ସ୍ୱତନ୍ତ୍ର), କଳାହାଣ୍ଡି ଲୋକସଭା ଆସନ ରଖି, କୋକସରା ବିଧାନସଭା ଆସନ ଡଃ ହରେକୃଷ୍ଣ ମହତାବ (କଂ) ଭୁବନେଶ୍ୱର ବିଧାନସଭାକୁ ରଖି ଭଦ୍ରକ ବିଧାନସଭା ଆସନ ଏବଂ ପ୍ରହଲ୍ଲାଦ ମଲ୍ଲିକ (ଉତ୍କଳ କଂ) ପଟ୍ଟାମୁଣ୍ଡାଇ ବିଧାନସଭା ରଖି ରାଜନଗର ବିଧାନସଭା ଆସନରୁ ଇସ୍ତଫା ଦେଇଥିଲେ। ଏହି କାରଣରୁ ରାଉରକେଲାରୁ ମନୋନୀତ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାଶଙ୍କୁ ମିଳିତ ତଥା ସ୍ୱାଧୀନ ପ୍ରାର୍ଥୀ ଭାବେ, ଭଦ୍ରକ କଲେଜର ଅଧକ୍ଷ ବଳରାମ ସାହୁ (ଉତ୍କଳ କଂଗ୍ରେସ)ଙ୍କୁ ଭଦ୍ରକ ନିର୍ବାଚନ ମଣ୍ଡଳୀ ପାଇଁ, ରାଜନଗର ମଣ୍ଡଳୀ ପାଇଁ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କୁ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ଏବଂ କୋକସରା ବିଧାନସଭା ମଣ୍ଡଳୀର ରଘୁନାଥ ପ୍ରହରାଜ (ସ୍ୱତନ୍ତ୍ର) ଦଳ ପ୍ରାର୍ଥୀ ଭାବେ ମନୋନୀତ ହେଲେ ଏବଂ ଉପନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ସମସ୍ତେ ବିଜୟଲାଭ କରିଥିଲେ। ସେ ସମୟରେ ପାର୍ଲାମେଣ୍ଟକୁ ଶ୍ରୀ ସୁରେନ୍ଦ୍ର ମହାନ୍ତି କେନ୍ଦ୍ରାପଡ଼ା ଏବଂ ଶ୍ରୀ ଚନ୍ଦ୍ରମୋହନ ସିଂହ ମୟୁରଭଞ୍ଜରୁ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିଲେ ଏବଂ ସେତେବେଳେ ଶ୍ରୀ ବିଜୁବାବୁଙ୍କୁ ଓଡ଼ିଶା ଯୋଜନା ବୋଡ଼ର୍‌ର ଅଧକ୍ଷ ଭାବେ ଅବସ୍ଥାପିତ କରାଯାଇଥିଲା।

ଏଠାରେ ମୁଁ ସ୍ମରଣ କରାଇ ଦେବାକୁ ଚାହେଁ ଯେ, ଆଜକୁ ୫୫ ବର୍ଷ ତଳେ ବିଜୁବାବୁଙ୍କ ଦ୍ୱାରା ପ୍ରଥମ ରାଜ୍ୟସ୍ତରୀୟ ଦଳ 'ଉତ୍କଳ କଂଗ୍ରେସ'ରେ ବିଜୟୀ ହୋଇଥିବା ୩୩ଜଣ ବିଧାନସଭା ସଭ୍ୟଙ୍କ ମଧ୍ୟରୁ ସର୍ବଶ୍ରୀ ସୁରେନ୍ଦ୍ର ନାଥ ନାୟକ, ସହରାଇ ଓରାମ, ରାମକୃଷ୍ଣ ପଟ୍ଟନାୟକ, ଶରତ କୁମାର କର ଓ ଯଦୁନାଥ ମହାପାତ୍ର ପ୍ରମୁଖଙ୍କ ନିକଟରେ ଦେହାନ୍ତ ହୋଇସାରିଛି। ତନ୍ମଧ୍ୟରୁ ବୀରଭଦ୍ର ସିଂହ ଓ ଭଜମନ ବେହେରା ବର୍ତ୍ତମାନ ସୁଦ୍ଧା ଜୀବିତ ଥାଇ କୌଣସି ପଦ ପଦବୀର ଅଳଙ୍କୃତ କରୁନଥିଲେ ମଧ ଜନସେବା ଓ କର୍ମୀ ସମ୍ପର୍କ ମଧ୍ୟରେ ନିଜର ଶେଷ ଜୀବନ ନିର୍ବାହ କରିବାରେ ବ୍ୟସ୍ତ ଅଛନ୍ତି। ସେମାନଙ୍କର ଏକମାତ୍ର ଗର୍ବ ଓ ଅହଙ୍କାର ଯେ, ସେ ରାଜ୍ୟ ତଥା ସମଗ୍ର ଭାରତବର୍ଷର ମହାପୁରୁଷ ଦିବଂଗତ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ରାଜନୈତିକ କ୍ଷେତ୍ରରେ ସହଯୋଗୀ ଭାବେ କାର୍ଯ୍ୟ କରି ବହୁ ଅନୁଭୂତ ଆହରଣ କରିଛନ୍ତି।

**ବିଜୁ ଜନତା ଦଳ, ଓଡ଼ିଶା**
**ମୋବାଇଲ୍: ୯୪୩୭୧୭୯୦୪୭**

# ଓଡ଼ିଶାରେ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟସେବାରେ ବଦଳି ଓ ଆୟୁଷ୍ମାନ ଭାରତ

**ପ୍ରଫେସର ଡାକ୍ତର ନିରଞ୍ଜନ ଦାସ**

ପୂର୍ବ ଭାରତୀୟ ରାଜ୍ୟ ସମୂହ ପାଇଁ ଓଡ଼ିଶାର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ, କଟକ ହେଉଛି ଆଶା ଓ ଭରସାର କେନ୍ଦ୍ର। କେନ୍ଦ୍ରୀୟ ତଥା ସଂଘୀୟ ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ସେବା ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର। ଓଡ଼ିଶା ସରକାର କଟକ ବଡ଼ମେଡ଼ିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ କୋଟି କୋଟି ଟଙ୍କାର ଅର୍ଥ ବ୍ୟୟ କରୁଛନ୍ତି। ଏହାର ଭିତ୍ତିଭୂମି, ଉନ୍ନତ ସ୍ତରର ହେବା ସହ ଅଭିଜ୍ଞ, ଉଚ୍ଚ ପ୍ରଶିକ୍ଷିତ ଓ ମାନବିକ ଭାବପୂର୍ଣ୍ଣ ଚିକିତ୍ସକ ମାନଙ୍କୁ ଏଠାରେ ରଖାଯାଉଛି ଏବଂ କୋଟି କୋଟି ଟଙ୍କାର ଉଚ୍ଚମାନର ପରୀକ୍ଷା ନିରୀକ୍ଷା ମେସିନ ସବୁ ରହିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନ୍ୟ ଏକ ପ୍ରସଙ୍ଗ ହେଉଛି କର୍ମ କ୍ଷେତ୍ରରେ ବଦଳି। କଥାରେ ଅଛି ଚାକିରୀ ମାନେ ବଦଳି ନିଶ୍ଚୟ ରହିବ। ତେବେ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଦଳି ସମସ୍ୟା ଏବେ ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି ଯେ ଏହାର ପ୍ରଭାବ ନିରୀହ ରୋଗୀଙ୍କ ଉପରେ ପଡ଼ୁଛି। ଭାତ ହାଣ୍ଡିରୁ ଗୋଟିଏ ପରି ଏଠି ଉଦାହରଣ ରଖୁଛୁ। କଟକ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଦାୟିତ୍ୱରେ ରହିଛନ୍ତି ଅନେକ ବିବାଦ ଓ ସ୍ୱାସ୍ଥ୍ୟସେବାକୁ ନେଇ ସରକାରଙ୍କୁ ବଦନାମ କରିଥିବା ଜନୈକ କର୍ମଚାରୀ ଅଜିତ ମହାରଣା। ପାଞ୍ଚ ବର୍ଷରେ ଚାକିରି ବଦଳିର ବ୍ୟବସ୍ଥା ଥିବା ସତ୍ତ୍ୱେ ନିଜ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଖୁସି କରି ଦୀର୍ଘ ବାର ବର୍ଷ ଏହି ପଦବୀରେ ସେ ରହିବାକୁ ସକ୍ଷମ ହୋଇଛନ୍ତି। ତେବେ ସରକାରୀଙ୍କ ବିଭିନ୍ନ ନୀତି ନିୟମକୁ ଖୋଲା ଉଲ୍ଲଂଘନ କରି ଏବଂ ନିଜ ପକେଟ ଗରମ କରି ବିଭିନ୍ନ ହସ୍ପିଟାଲକୁ ବେଆଇନ ଭାବେ ସାର୍ଟିଫିକେଟ ସେ ଦେଉଥିବାରୁ ତାଙ୍କର ଏ ଦୁର୍ନୀତି ସରକାରଙ୍କ ସ୍ୱତନ୍ତ୍ର ଅଡ଼ିଟ, ଭିଜିଲାନ୍ସ ତଦନ୍ତରେ ସେ ଅଭିଯୁକ୍ତ ହେବାପରେ ଦଣ୍ଡରୁ ବର୍ତ୍ତି ସେହି ସ୍ଥାନରୁ ବଦଳିବାକୁ ସକ୍ଷମ ହୋଇଥିଲେ ଯାହାକି ସରକାରଙ୍କ ନିୟମକୁ ଆଖି ମିଟିକା ମାରିବା ପରି। ତେବେ ଆଶ୍ଚର୍ଯ୍ୟର କଥା ମାତ୍ର ନଅ ମାସ ପରେ ତାଙ୍କ ପୂର୍ବସ୍ଥାନକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବଦଳି କରି ଆଣିଛନ୍ତି। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ୨୦୨୪ଜୁନ ୧୩ ତାରିଖରେ ତତ୍କାଳୀନ ସିଡିଏମଓ ତାଙ୍କୁ ପୂର୍ବ ସ୍ଥାନରୁ ବଦଳି କରିଥିବାବେଳେ ୨୦୨୫ ମାର୍ଚ୍ଚ ୨୦ ତାରିଖରେ ନୂତନ ସିଡ଼ିଏମଓ କେଉଁ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ପୁନର୍ବାର ପୁରୁଣା ସ୍ଥାନକୁ ବଦଳିକଲେ। ଭିଜିଲାନ୍ସରେ ଯାହା ଅଭିଯୋଗ ପହଞ୍ଚିଛି ବେଆଇନ ସାର୍ଟିଫିକେଟ ପ୍ରଦାନ କରି ଘରୋଇ ହସ୍ପିଟାଲ ମାନଙ୍କରୁ କୋଟି କୋଟି ଟଙ୍କା ଲୁଟ କରି ସ୍ୱାସ୍ଥ୍ୟ ବିଭାଗର ଉପର ହାକିମ ମାନଙ୍କୁ ସେ ବାଣ୍ଟିଥାନ୍ତି।

ନିକଟରେ ନିର୍ଦ୍ଦିଷ୍ଟ ଲାଇସେନ୍ସ, ସରକାରୀ ସ୍ଥିରୀକୃତ କାଗଜ ପତ୍ର ଓ ଉପଯୁକ୍ତ ତଥା ପର୍ଯ୍ୟାପ୍ତ ଭିତ୍ତିଭୂମି ନଥିବା କାରଣରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ ସମଗ୍ର ରାଜ୍ୟରୁ ଏଯାବତ୍ ୭୨୦ଟି ନର୍ସିଂହୋମକୁ ସିଲ କରିବା ସହ ୬୧୫ଟିକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୨୦୧୭ ଅପ୍ରେଲ ୩ରେ ରାମମନୋହର



ସିଂ ବାନମ କେନ୍ଦ୍ର ସରକାର ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଥିଲେ ତାହା ହେଉଛି ସ୍ୱାସ୍ଥ୍ୟପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କୌଣସି ପରିସ୍ଥିତିରେ ପାଞ୍ଚ ବର୍ଷରୁ ଅଧିକ କାରଣ ପାଇଁ କୌଣସି କର୍ମଚାରୀଙ୍କୁ ମୂଳ ସ୍ଥାନରେ ଅବସ୍ଥାପିତ କରାଯିବ ନାହିଁ। ସେହିପରି କେତେକ ସ୍ୱତନ୍ତ୍ର କାରଣ (ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ, ଯୁଦ୍ଧ ପରିସ୍ଥିତି, ଦଙ୍ଗା ବା କର୍ଫ୍ୟୁ) କ୍ଷେତ୍ରରେ କୌଣସି କର୍ମଚାରୀଙ୍କୁ ପୂର୍ବ ସ୍ଥାନକୁ କେବଳ କିଛି ମାସ ନିମିତ୍ତ ଡେପୁଟେସନ ଭାବରେ ଅବସ୍ଥାପିତ କରାଯାଇପାରେ। କିନ୍ତୁ ଅଜିତ ମହାରଣାଙ୍କ କ୍ଷେତ୍ରରେ ଅଦୃଶ୍ୟ ଶକ୍ତି ମାନଙ୍କ ସାହାସରେ ସେ ପୁରୁଣା ଜାଗାକୁ ମାଡି ବସିବା ସହ କୋଟି କୋଟି ଟଙ୍କାର ଅର୍ଥ ଲୁଟ କରୁଛନ୍ତି ଏହା ସହ ସରକାରଙ୍କ ରାଜସ୍ୱ ହାନି ହେବା ସହ ଓଡ଼ିଶାର ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଛି। କଟକ ସହରରେ ଶତାଧିକ ଘରୋଇ ହସ୍ପିଟାଲ ବିଭିନ୍ନ ନିୟମ କାନୁନ ଫାଙ୍କି ବେଆଇନ ଭାବେ ବେଶ ନିଧଡ଼କରେ ଚାଲୁଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସବୁ ଦେଖି ନଜାଣିଲା ଭଳି ରହୁଛି। ବିଭିନ୍ନ ସମୟରେ ବହୁ ଗରିବ ରୋଗୀ ଶୋଷଣର ଶିକାର ହେଉଛନ୍ତି। କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଜିତ ମହାରଣାଙ୍କ ପରି ଅନେକ କରିତକର୍ମା ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀ ବଡ଼ ବଡ଼ିଆଙ୍କୁ ଖୁସି କରି ଦୀର୍ଘ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ଯାହାଦ୍ୱାରା ବିଭାଗର ଅନେକ ଦକ୍ଷ କର୍ମଚାରୀ ଥିବାବେଳେ ନିର୍ଦ୍ଦିଷ୍ଟ ଦୁର୍ନୀତିଗ୍ରସ୍ତମାନେ ଉଦ୍ଦେଶ୍ୟମୂଳକ ଭାବେ ଅନୁକମ୍ପା ପାଉଛନ୍ତି। ଏହି ପ୍ରସଙ୍ଗରେ ବେସରକାରୀ ଚିକିତ୍ସାଳୟ ସଂଘ କିଛି ଦିନ ତଳେ କଟକ ଜିଲ୍ଲାପାଳଙ୍କୁ ବିଧିବଦ୍ଧ ଭାବେ ଏ ନେଇ ଅଭିଯୋଗ ପ୍ରଦାନ କରିଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଓଡ଼ିଶା ଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ପଛୁଆ ରାଜ୍ୟ ହୋଇଥିଲେ ମଧ ଓଡ଼ିଶାର ନୂଆ ଡବଲ ଇଞ୍ଜିନ ସରକାର ଯୁଦ୍ଧକାଳୀନ ଭିତ୍ତିରେ ସ୍ୱାସ୍ଥ୍ୟସେବାକୁ ଆଗେଇ ନେଉଛନ୍ତି। ଆୟୁଷ୍ମାନ ଯୋଜନା ଓଡ଼ିଶାର ଗରିବ, ଖଟିଖିଆ, ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଏକ ଅମୃତ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ସବୁଠାରୁ ବଡ଼ କଥା ହେଉଛି ଓଡ଼ିଶାରେ ଆୟୁଷ୍ମାନ ଭାରତ ଲାଗୁ ହେବାପରେ ବ୍ୟାପକ ସୁବିଧା ସୁଯୋଗ ପାଇବେ। ଓଡ଼ିଶାରେ ଉଭୟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେବା ଫଳରେ ହିତାଧିକାରୀମାନେ ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଓ ସରକାରୀ ହସ୍ପିଟାଲରେ ଦେୟ ମୁକ୍ତ ଚିକିତ୍ସା ପାଇବେ। ତେବେ ସବୁଠାରୁ ବଡ଼କଥା ହେଉଛି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଷ୍ଠାପର, ସଚ୍ଚୋଟ, ନିଃସ୍ୱାର୍ଥପର ଓ କର୍ମ ଚଞ୍ଚଳ ସେବା ପ୍ରଦାନ କରୁଥିବା କର୍ମଚାରୀମାନଙ୍କ ସହଯୋଗ ରହିଲେ ଓଡ଼ିଶାର ସ୍ୱାସ୍ଥ୍ୟସେବା ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇ ପାରିବ। ତେଣୁ ଏ କ୍ଷେତ୍ରରେ ସରକାର ନିରପେକ୍ଷ ଭାବରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ବଦଳି ନୀତିକୁ ବେଶ ସ୍ପଷ୍ଟ ଓ ସମସ୍ତଙ୍କ ପାଇଁ ଉତ୍ତରଦାୟୀଯୁକ୍ତ କରନ୍ତୁ।

**ଅବସରପ୍ରାପ୍ତ ସ୍ୱତନ୍ତ୍ର ସଚିବ**
**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଭାରତ**



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

# ବିଜୁଳି ବିପର୍ଯ୍ୟୟ

ନିକଟରେ ବିହାର, ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶରେ ବଜ୍ରପାତରେ ୬୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟଣା ପୁଣି ଥରେ ଏହି ପ୍ରାକୃତିକ ବିପର୍ଯ୍ୟୟର ଗମ୍ଭୀରତାକୁ ପଦାରେ ପକାଇଛି। ଭାରତରେ ପ୍ରତିବର୍ଷ ବଜ୍ରପାତରେ ଶହ ଶହ ଲୋକ ଓ ପଶୁଙ୍କ ମୃତ୍ୟୁ ଘଟୁଛି। ବିଗତ କିଛି ବର୍ଷ ମଧ୍ୟରେ ବଜ୍ରପାତ ଓ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଉଦାହରଣ ସ୍ୱରୂପ ୧୯୬୮ରୁ ୨୦୧୯ ମଧ୍ୟରେ ବଜ୍ରପାତ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ପ୍ରାୟ ୧୦ରୁ ୨୫୦୦କୁ ବୃଦ୍ଧି ପାଇଛି। ୨୦୨୪ ମସିହାରେ ମଧ ବିଭିନ୍ନ ରାଜ୍ୟରେ ବଜ୍ରପାତ ରେ ଅନେକ ଲୋକଙ୍କ ମୃତ୍ୟୁ ରେକର୍ଡ କରାଯାଇଛି। ୨୦୨୪ ଅଗଷ୍ଟରେ ବିହାରରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଓଡ଼ିଶାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୨୭୨ ଜଣ ପ୍ରାଣ ହରାଇଛନ୍ତି। ଉପକୂଳରୁ ଉତ୍ତର ପର୍ଯ୍ୟନ୍ତ, ସବୁଠି ବଜ୍ରପାତ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଯାଉଛି। ବ୍ୟାପକ ସଚେତନତା ସହ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଥିଲେ ମଧ ଏହାକୁ ରୋକା ଯାଇପାରି ନାହିଁ। ବିଶେଷ ଭାବରେ ଚାଷଜମିରେ କାମ କରୁଥିବା ଲୋକେ ହିଁ ଅଧିକ ପ୍ରାଣ ହରାଉଛନ୍ତି ବଜ୍ରପାତରେ। ମୃତ୍ୟୁର ଏଭଳି ଘଟଣାକୁ ରୋକିବାରେ ଅସମର୍ଥ ହେବା ଚିନ୍ତାର ବିଷୟ। ଜଳବାୟୁ ପରିବର୍ତ୍ତନ ବଜ୍ରପାତ ଓ ମୃତ୍ୟୁ ସଂଖ୍ୟା ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି ବିଶ୍ୱାସ କରାଯାଏ, ଯାହା ବାୟୁମଣ୍ଡଳରେ ଆର୍ଦ୍ରତା ଏବଂ ଅସ୍ଥିରତା ବଢ଼ାଇଥାଏ, ଯାହା ବଜ୍ରପାତ କୁ ପ୍ରୋତ୍ସାହିତ କରେ। ଭାରତରେ ବଜ୍ରପାତରୁ ରକ୍ଷା ପାଇବା ପାଇଁ କିଛି ପଦକ୍ଷେପ ନିଆଯାଇଛି। ଭାରତୀୟ ପାଣିପାଗ ବିଭାଗ ବାତ୍ୟା ଓ ବଜ୍ରପାତ ପାଇଁ ପୂର୍ବାନୁମାନ ଓ ସତର୍କ ସୂଚନା ଜାରି କରିଛି। ଏହାବ୍ୟତୀତ 'ଦାମିନୀ' ମୋବାଇଲ ଆପ୍ ଜରିଆରେ ୟୁଜର୍ସଙ୍କୁ ସେମାନଙ୍କ ଲୋକେସନ୍ ଆଧାରରେ ବଜ୍ରପାତ ନେଇ ସତର୍କ କରାଯାଇଛି। ତଥାପି ଗ୍ରାମାଞ୍ଚଳ ଓ ଦୁର୍ଗମ ଅଂଚଳରେ ଏହି ସତର୍କସୂଚନାର ପ୍ରଭାବଶାଳୀ ପ୍ରସାର ଏକ ଚ୍ୟାଲେଞ୍ଜ ହୋଇ ରହିଛି, ଯାହା ଦ୍ୱାରା ଲୋକମାନେ ଠିକ୍ ସମୟରେ ସୁରକ୍ଷିତ ସ୍ଥାନରେ ପହଞ୍ଚି ପାରୁନାହାନ୍ତି। ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଅଧୀନରେ ବଜ୍ରପାତକୁ ବିଜ୍ଞାପିତ ବିପର୍ଯ୍ୟୟ ଭାବେ ବିବେଚନା କରାଯାଇନାହିଁ। ତେବେ ରାଜ୍ୟ ସରକାର ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିର ୧୦ ପ୍ରତିଶତ ପର୍ଯ୍ୟନ୍ତ ସ୍ଥାନୀୟ ସ୍ୱୀକୃତିପ୍ରାପ୍ତ ବିପର୍ଯ୍ୟୟ ପାଇଁ ବ୍ୟବହାର କରିପାରିବେ। ବଜ୍ରପାତକୁ ବିଜ୍ଞାପିତ ବିପର୍ଯ୍ୟୟ ଭାବେ ଘୋଷଣା କଲେ କ୍ଷତିଗ୍ରସ୍ତଙ୍କୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇପାରିବ। ବଜ୍ରପାତଜନିତ ମୃତ୍ୟୁ କୁ ହ୍ରାସ କରିବା ପାଇଁ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ବଜ୍ରପାତ ସମୟରେ କିପରି ସୁରକ୍ଷିତ ରହିବେ, ଯେପରିକି ଖୋଲା ସ୍ଥାନରୁ ଦୂରେଇ ରହିବା, ଉଚ୍ଚ ଗଛ କିମ୍ବା ଧାତବ ବସ୍ତୁ ନିକଟରେ ଠିଆ ନ ହେବା ଏବଂ ସୁରକ୍ଷିତ ଆଶ୍ରୟସ୍ଥଳୀ ଚିହ୍ନଟ କରିବା ଭଳି ଲୋକଙ୍କୁ ଶିକ୍ଷା ଦିଆଯିବା ଉଚିତ। ଗଛ କିମ୍ବା ବିଦ୍ୟୁତ୍ ତାର ଓ ଖୁଣ୍ଟଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ। ପୋଖରୀ ଅଥବା ଜଳାଶୟ ନିକଟରେ ରୁହନ୍ତୁ ନାହିଁ। ଯଦି ଆପଣ ପାଣି କିମ୍ବା ଡଙ୍ଗାରେ ଅଛନ୍ତି ଯଥାଶୀଘ୍ର କୂଳକୁ ଚାଲି ଆସନ୍ତୁ। ବଜ୍ରପାତ ସମ୍ଭାବନା ଦେଖା ଦେଲେ ଗୃହପାଳିତ ପଶୁମାନଙ୍କୁ ବାହାରେ ନ ଛାଡ଼ି ଘର ଭିତରେ ରଖନ୍ତୁ। ଏହି ସମୟରେ ବିଦ୍ୟୁତ୍‌ଚାଳିତ ଉପକରଣ, ଟେଲିଫୋନ୍ କିମ୍ବା ମୋବାଇଲ ଫୋନ୍ ବ୍ୟବହାର କରନ୍ତୁ ନାହିଁ। ବଜ୍ରପାତ ସମୟରେ ଖୋଲା ଘର, ତମ୍ବୁ, ଗଛ ତଳେ କିମ୍ବା ବୁଦା ନିକଟରେ ଆଶ୍ରୟ ନେବା ନିରାପଦ ନୁହେଁ। ଗ୍ରାମାଞ୍ଚଳରେ ଇଲେକ୍ଟ୍ରିକ୍ ଇନ୍ସୁଲେସନ୍ ଡିଭାଇସ୍ ଲଗାଇବା ଏବଂ ପ୍ରାକୃତିକ ସମ୍ପଦ, ଯେପରିକି ପାମ୍ ପ୍ଲାଣ୍ଟ୍ (ଯାହା ଭୂତଳକୁ ବିଦ୍ୟୁତ୍ ପରିବହନ କରିବାରେ ସାହାଯ୍ୟ କରେ) ଲଗାଇବାକୁ ପ୍ରୋତ୍ସାହିତ କରାଯିବା ଉଚିତ୍। ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୃଷ୍ଟିରେ ରଖି ସରକାର ଓ ସମାଜକୁ ମିଳିମିଶି ଏହି ଚ୍ୟାଲେଞ୍ଜର ମୁକାବିଲା କରିବାକୁ ପଡ଼ିବ, ଯାହାଫଳରେ ଭବିଷ୍ୟତରେ ଏଭଳି ଦୁଃଖଦ ଘଟଣାକୁ ଏଡ଼ାଇ ଦିଆଯାଇପାରିବ।

**ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭**

## ଶିଶୁ ଚୋରି ନେଇ ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି

# ରଦ୍ଦ ହେବ ଡାକ୍ତରଖାନା ଲାଇସେନ୍ସ




ନୂଆଦିଲ୍ଲୀ,୧୫।୪: ଶିଶୁ ଚାଲାଣ ମାମଲା ଉପରେ ସୁପ୍ରିମକୋର୍ଟ ଏକ ବଡ଼ ନିଷ୍ପତ୍ତି ଦେଇଛନ୍ତି। ନବଜାତ ଶିଶୁ ଚୋରି ସହ ଜଡିତ ମାମଲା ଉପରେ ରାଜ୍ୟ ସରକାରମାନେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି କୋର୍ଟ କହିଛନ୍ତି। ପ୍ରଥମତଃ, ଯେଉଁ ହସ୍ପିଟାଲରୁ ନବଜାତ ଶିଶୁ ଚୋରି ହୁଏ, ସେହି ହସ୍ପିଟାଲର ଲାଇସେନ୍ସ ବାତିଲ କରାଯିବା ଉଚିତ।

ବାରାଣସୀ ଏବଂ ଆଖପାଖର ଡାକ୍ତରଖାନାଗୁଡ଼ିକରେ ଶିଶୁ ଚୋରି ମାମଲାରେ ଅଭିଯୁକ୍ତମାନଙ୍କୁ ଆହ୍ଲାବାଦ ହାଇକୋର୍ଟ ୨୦୨୪ ମସିହାରେ ଜାମିନ ପ୍ରଦାନ କରିଥିଲେ। ଏହା ବିରୁଦ୍ଧରେ ଶିଶୁମାନଙ୍କ ପରିବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରିବା ସମୟରେ, ସୁପ୍ରିମକୋର୍ଟ ଏହାର ପରିସରକୁ ବିସ୍ତାର କରିଥିଲେ। କୋର୍ଟ ଜାତୀୟ ମାନବାଧିକାର କମିଶନ ଏବଂ ଭାରତୀୟ ବିକାଶ ସଂସ୍ଥାନଠାରୁ ଏକ ରିପୋର୍ଟ ମାଗିଥିଲେ। ଏବେ ଦିଆଯାଇଥିବା ନିଷ୍ପତ୍ତିରେ, ସୁପ୍ରିମକୋର୍ଟର ବିଚାରପତି ଜେବି ପାରଡିୱାଲାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଅଭିଯୁକ୍ତଙ୍କ ଜାମିନକୁ ବାତିଲ କରିଛନ୍ତି। କୋର୍ଟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି ଯେ ଏହା ଏକ ଦେଶବ୍ୟାପୀ ଗ୍ୟାଙ୍ଗ ଥିଲା। ଏହାର ଚୋରି ହୋଇଥିବା ପିଲାମାନେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଏପରିକି ରାଜସ୍ଥାନରୁ ମଧ୍ୟ ଉଦ୍ଧାର କରାଯାଇଛି। ସୁପ୍ରିମକୋର୍ଟ ଅଭିଯୁକ୍ତମାନଙ୍କୁ ସମାଜ ପାଇଁ ବିପଦ ବୋଲି କହିଛନ୍ତି ଏବଂ କହିଛନ୍ତି ଯେ ସେମାନଙ୍କୁ ଜାମିନ ଦେବା ହାଇକୋର୍ଟର ଅସାବଧାନ ମନୋଭାବକୁ ଦର୍ଶାଉଛି। ଜାମିନ ଆଦେଶକୁ ଚ୍ୟାଲେଞ୍ଜ ନକରିବା ପାଇଁ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି।

ଶିଶୁ ଚାଲାଣ ମାମଲାରେ ଭାରତୀୟ ପ୍ରତିଷ୍ଠାନ ଦ୍ୱାରା ଦିଆଯାଇଥିବା ପରାମର୍ଶଗୁଡ଼ିକୁ ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ ସାମିଲ କରିଛନ୍ତି ଏବଂ ସମସ୍ତ ରାଜ୍ୟ ସରକାରଙ୍କୁ ସେଗୁଡ଼ିକୁ ପଢ଼ି କାର୍ଯ୍ୟକାରୀ କରିବାକୁ କହିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ କୋର୍ଟ କହିଛନ୍ତି ଯେ ଯଦି ଜଣେ ମହିଳା ଶିଶୁ ଜନ୍ମ ଦେବାକୁ ହସ୍ପିଟାଲକୁ ଆସନ୍ତି ଏବଂ ସେଠାରୁ ନବଜାତ ଶିଶୁ ଚୋରି ହୋଇଯାଏ, ତେବେ ସର୍ବପ୍ରଥମେ ସରକାର ହସ୍ପିଟାଲର ଲାଇସେନ୍ସ ବାତିଲ କରିବା ଉଚିତ। ଏହା କିଛି ପରିମାଣରେ ପିଲା ଚୋରି ଘଟଣା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ। କୋର୍ଟ ସମସ୍ତ ମାତାପିତାଙ୍କୁ ହସ୍ପିଟାଲରେ ନବଜାତ ଶିଶୁଙ୍କ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ସୁପ୍ରିମକୋର୍ଟ ସମସ୍ତ ହାଇକୋର୍ଟକୁ ଶିଶୁ ଚାଲାଣ ମାମଲାଗୁଡ଼ିକର ବିବରଣୀ ନେବାକୁ ଏବଂ ୬ମାସ ମଧ୍ୟରେ ସେଗୁଡ଼ିକର ସମାଧାନ କରିବାକୁ ଟ୍ରାଏଲ କୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ କହିଛନ୍ତି।

କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇ କହିଛନ୍ତି, 'ଯଦି ଜଣେ ମାତାପିତାଙ୍କ ନବଜାତ ଶିଶୁର ମୃତ୍ୟୁ ହୁଏ, ତେବେ ସେମାନେ ଦୁଃଖ ଅନୁଭବ କରନ୍ତି।' ସେମାନେ ଭାବନ୍ତି ଯେ ପିଲାଟି ଭଗବାନଙ୍କ ପାଖକୁ ଫେରିଯାଇଛି, କିନ୍ତୁ ଯଦି ସେମାନଙ୍କର ନବଜାତ ପିଲାଟି ଚୋରି ହୋଇଯାଏ, ତେବେ ସେମାନଙ୍କର ଦୁଃଖ କଳ୍ପନା କରାଯାଇପାରିବ ନାହିଁ କାରଣ ବର୍ତ୍ତମାନ ସେମାନଙ୍କ ପିଲାଟି ଏକ ଅଜଣା ଦଳ ସହିତ ଅଛି। ଏହି ଗ୍ୟାଙ୍ଗରୁ ପିଲା କିଣିଥିବା ଲୋକଙ୍କ ଜାମିନ ମଧ୍ୟ ସୁପ୍ରିମକୋର୍ଟ ବାତିଲ କରିଛନ୍ତି। କୋର୍ଟ କହିଛନ୍ତି ଯେ ଯଦି କେହି ନିଃସନ୍ତାନ, ତେବେ ଅନ୍ୟ କାହାର ସନ୍ତାନ କିଣିବା ହିଁ ସନ୍ତାନ ପାଇବାର ଏକମାତ୍ର ଉପାୟ ହୋଇପାରିବ ନାହିଁ। ତାହା ମଧ୍ୟ ଜାଣି ଯେ ପିଲାଟି ଚୋରି ହୋଇଯାଇଛି।

## ଜମ୍ମୁ-କଶ୍ମୀରରେ ଏନକାଉଣ୍ଟର, ଜଣେ ଯବାନ ଆହତ



**ଶ୍ରୀନଗର, ୧୫।୪:** ଜମ୍ମୁ କଶ୍ମୀର ପୁଞ୍ଛରେ ସୁରକ୍ଷାବଳ ଏବଂ ଆତଙ୍କବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଛି। ସୋମବାର ରାତିରେ ସୁରନକୋଟର ଲସାନା ଗାଁରେ ଏନକାଉଣ୍ଟର। ଜମ୍ମୁ କଶ୍ମୀର ପୁଞ୍ଛରେ ଭାରତୀୟ ସେନାର ଅପରେସନ୍ 'ଲାସାନା' ଜରିଆରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି। ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ଯବାନ ଆହତ ହୋଇଥିବା ସୂଚନା ମିଳିଛି। ସୀମାରୁ ଆତଙ୍କୀ କାର୍ଯ୍ୟକଳାପ ମୂଳପୋଛ କରିବାକୁ କୁମ୍ବିଂ ଅପରେସନ୍ ଜୋରଦାର ହୋଇଛି। ଭାରତୀୟ ସେନା ଓ ଜମ୍ମୁ କଶ୍ମୀର ପୋଲିସର ମିଳିତରେ ଅପରେସନ 'ଲାସାନା' ଜୋରଦାର ହୋଇଛି। ସୋମବାର ମଧ୍ୟରାତିରେ ପୁଞ୍ଛର ସୁରାନକୋଟ ଲାସାନା ଅଞ୍ଚଳରେ ସୁରକ୍ଷାକର୍ମୀ ଓ ଆତଙ୍କୀଙ୍କ ମଧ୍ୟ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ଯବାନ ଆହତ ହୋଇଛନ୍ତି। ଗୁଇନ୍ଦା ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ଅପରେସନ୍ 'ଲାସାନା' ଲଞ୍ଚ କରିଥିଲା ସେନା। ସ୍ଥାନୀୟ ଅଞ୍ଚଳରେ ଅତିରିକ୍ତ ସେନା ମୁତୟନ ହୋଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ଜମ୍ମୁ ଓ କଶ୍ମୀରର କିଷ୍ଟୱାର ଜିଲ୍ଲାରେ ସୁରକ୍ଷାବାହିନୀକୁ ଏକ ବଡ଼ ସଫଳତା ମିଳିଛି। ଏକ ଅପରେସନ ସମୟରେ ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିବା ବେଳେ ସେମାଙ୍କ ନିକଟରୁ ଆମେରିକୀୟ ନିର୍ମିତ ଏମ୪ କାର୍ବାଇନ ରାଇଫଲ ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏହି ଘଟଣା ପାକିସ୍ତାନର ଆତଙ୍କବାଦୀଙ୍କୁ ଅସ୍ତ୍ର ଯୋଗାଣ ସହ ଜଡ଼ିତ ଥିବା ଲିଙ୍କକୁ ନେଇ ସନ୍ଦେହ ପ୍ରକାଶ କରିଛି। ସେମାନଙ୍କ ମଧ୍ୟରେ ଜୈସ୍ କମାଣ୍ଡର ସୈଫୁଲ୍ଲା ନିପାତ ହୋଇଥିଲା। ୩ ଆତଙ୍କୀଙ୍କ ମୁଣ୍ଡରେ ୫ ଲକ୍ଷ ଲେଖାଏଁ ଟଙ୍କାର ପୁରସ୍କାର ରାଶି ରହିଥିଲା।

### କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଧକ୍କା

## ମୁଦା ଦୁର୍ନୀତି ମାମଲାରେ ତଦନ୍ତ ଜାରି ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ



**ବେଙ୍ଗାଲୁରୁ, ୧୫।୪:** କର୍ଣ୍ଣାଟକର ଏକ ସ୍ୱତନ୍ତ୍ର କୋର୍ଟ ଏମୟୁଡିଏ (ମୁଦା) ଜମି ଆବଣ୍ଟନ ମାମଲାର ତଦନ୍ତ ଜାରି ରଖିବାକୁ ଲୋକାୟୁକ୍ତ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଜଡିତ ଥିବା ଅଭିଯୋଗ ହୋଇଛି। ମୁଦା ମାମଲାରେ ଲୋକାୟୁକ୍ତ ପୋଲିସ ଦ୍ୱାରା ଦାଖଲ କରାଯାଇଥିବା ବି-ରିପୋର୍ଟ ଉପରେ ପ୍ରଶ୍ନ ଉଠାଇ ସୂଚନା ଅଧିକାର କର୍ମୀ ସ୍ନେହମୟୀ କୃଷ୍ଣଙ୍କ ଦ୍ୱାରା ଦାୟର ଏକ ଆବେଦନ ଉପରେ କୋର୍ଟ ଏହି ଆଦେଶକୁ ସ୍ଥଗିତ ରଖିଛନ୍ତି। କୋର୍ଟ କହିଛନ୍ତି ଯେ ପୁଲିସ ଏହାର ତଦନ୍ତ ସମାପ୍ତ କରିବା ଉଚିତ ଏବଂ ସେପର୍ଯ୍ୟନ୍ତ ଲୋକାୟୁକ୍ତ ରିପୋର୍ଟ ଉପରେ କୌଣସି ନିର୍ଦ୍ଦେଶ ଦିଆଯିବ ନାହିଁ। କୋର୍ଟ ଲୋକାୟୁକ୍ତ ରିପୋର୍ଟ ବିରୋଧରେ ପ୍ରତିବାଦ ଆବେଦନ ଦାଖଲ କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ମଧ୍ୟ ଅନୁମତି ଦେଇଛନ୍ତି। କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୭ ମଇ ୨୦୨୫ରେ ହେବ। ଏହା ପୂର୍ବରୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ତାଙ୍କ ପରିବାରକୁ ପୂର୍ବରୁ ମୁଦା ମାମଲାରେ ଆଶ୍ୱସ୍ତି ଦିଆଯାଇଥିଲା। ଲୋକାୟୁକ୍ତ ପୋଲିସ କହିଥିଲା ଯେ ଏହି ମାମଲାରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ତାଙ୍କ ପତ୍ନୀ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ମିଳିନାହିଁ।

### ତେଲେଙ୍ଗାନାରେ ଅଭାବନୀୟ ଘଟଣା

## କାରରେ ଶ୍ୱାସରୁଦ୍ଧ ହୋଇ ଚାଲିଗଲା ଦୁଇ ଭଉଣୀଙ୍କ ଜୀବନ

ହାଇଦ୍ରାବାଦ, ୧୫।୪: କାରରେ ଶ୍ୱାସରୁଦ୍ଧ ହୋଇ ଦୁଇ ଭଉଣୀ ମୃତ। ତେଲେଙ୍ଗାନାର ରଙ୍ଗାରେଡ଼ି ଜିଲ୍ଲା ଚେଭେଲା ପୋଲିସ ଷ୍ଟେସନ ସୀମାରେ ଥିବା ଦାମରାଗିରି ଗାଁରେ ଘଟିଛି ଏହି ଅଭାବନୀୟ ଘଟଣା। କାରରେ ଶ୍ୱାସରୁଦ୍ଧ ହୋଇ ଦୁଇ ଭଉଣୀଙ୍କ ଜୀବନ ଚାଲିଯାଇଛି। ମୃତ ଦୁଇ ଭଉଣୀଙ୍କ ମଧ୍ୟରୁ ଜଣଙ୍କ ବୟସ ୪ ବର୍ଷ ଏବଂ ଅନ୍ୟ ଜଣେ ୫ବର୍ଷର ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅଜା ଘରକୁ ଜଣେ ସମ୍ପର୍କୀୟଙ୍କ ବାହାଘର ପାଇଁ ବାପା ମାଆଙ୍କ ସହ ଦୁଇ ଭଉଣୀ ଆସିଥିଲେ। ଘର ଭିତରେ ବାପା ମାଆ ବାହାଘର କାର୍ଯ୍ୟକ୍ରମ ବିଷୟରେ କଥା ହେଉଥିବା ବେଳେ ଦୁଇ ଭଉଣୀ ବାହାରକୁ ଚାଲି ଆସିଥିଲେ। ପିଲାମାନେ ବାହାରକୁ ଯାଇ କାର ଡୋର ଖୋଲି ଗାଡ଼ି ଭିତରେ ଖେଳୁଥିଲେ। ଏହି ସମୟରେ କାର୍ ଡୋର ବନ୍ଦ ହୋଇଯାଇଥିଲା। କାରରେ ବସିବାର ଗୋଟେ ଘଣ୍ଟାପରେ ଗାଡ଼ିରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ପିଲାମାନଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଦେଖି ମେଡିକାଲକୁ ନେଇଥିଲେ ବାପା ମାଆ। କିନ୍ତୁ ଡାକ୍ତର ଦୁଇ ଭଉଣୀଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇନଥିବା ପୋଲିସ ସୂଚନା ଦେଇଛି।

## ଜମି ଦୁର୍ନୀତି ମାମଲାରେ ଇଡିରେ ହାଜର ହେଲେ ରବର୍ଟ ଭଦ୍ରା



**ନୂଆଦିଲ୍ଲୀ, ୧୫।୪:** ଗୁରୁଗ୍ରାମ ଜମି ଦୁର୍ନୀତି ମାମଲାରେ ବଢ଼ିଲା ରବର୍ଟ ଭଦ୍ରାଙ୍କ ଅଡୁଆ। ସମନ ପାଇ ଇଡିରେ ହାଜର ହେଲେ ରବର୍ଟ ଭଦ୍ରା। ଗୁରୁଗ୍ରାମ ସିକୋପୁର ଜମି ଦୁର୍ନୀତି ମାମଲାରେ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ତଥା ବ୍ୟବସାୟୀ ରବର୍ଟ ଭଦ୍ରାଙ୍କୁ ପିଏମଏଲ ଆକ୍ଟରେ ସମନ୍ କରିଥିଲା ଇଡି। ହରିଆଣା ପୋଲିସର ଏଫଆଇଆର ଆଧାରରେ ଏହି ମାମଲାର ତଦନ୍ତ କରୁଛି ଇଡି। ୨୦୦୮ ମସିହାରେ ରବର୍ଟ ଭଦ୍ରାଙ୍କ ସ୍କାଏଲାଇଟ ହସ୍ପିଟାଲିଟି ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଗୁରୁଗ୍ରାମରେ ଓଙ୍କାରେଶ୍ୱର ପ୍ରପର୍ଟିଜ୍ ଠାରୁ ସାଢ଼େ ୭ କୋଟି ମୂଲ୍ୟରେ ୩.୫ ଏକର ଜାଗା କିଣିଥିଲା। ୨୫ ଘଣ୍ଟା ଭିତରେ ଏହାର ମ୍ୟୁଟେସନ୍ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଜମି କିଣାରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ତେବେ ଏହାକୁ ନେଇ ରବର୍ଟ ଭଦ୍ରା କହିଛନ୍ତି, ଏହି ମାମଲାରେ କିଛି ନାହିଁ। ଗତ ୨୦ ବର୍ଷ ଭିତରେ ତାଙ୍କୁ ୧୫ ଥର ସମନ କରାଯାଇଛି। ପ୍ରତିଥର ତାଙ୍କୁ ୧୦ ଘଣ୍ଟାରୁ ଅଧିକ ସମୟ ପଚରାଉଚରା କରାଯାଇଛି। ଏହି ଘଟଣାରେ ୨୩ ହଜାର ଡକ୍ୟୁମେଣ୍ଟ ଦାଖଲ କରିଥିବା କହିଛନ୍ତି ରବର୍ଟ ଭଦ୍ରା। ହରିୟାଣାର ଶିକୋହାବାଦ ଜମି ଚୁକ୍ତି ସହିତ ଜଡିତ ମନି ଲଣ୍ଡରିଂ ତଦନ୍ତ ସହିତ ଜଡିତ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ରବର୍ଟ ଭଦ୍ରାଙ୍କୁ ଦ୍ୱିତୀୟ ସମନ ପଠାଇଛି। ୮ ଏପ୍ରିଲରେ ଜାରି ହୋଇଥିବା ପ୍ରଥମ ସମନରେ ଭଦ୍ରା ହାଜର ହୋଇନଥିଲେ।

### ଗୃହ ମନ୍ତ୍ରଣାଳୟ ରିପୋର୍ଟରେ ଚାଞ୍ଚଲ୍ୟକର ତଥ୍ୟ

## ପଶ୍ଚିମବଙ୍ଗ ହିଂସା ପଛରେ ବାଂଲାଦେଶୀ ଅନୁପ୍ରବେଶକାରୀ



**ନୂଆଦିଲ୍ଲୀ, ୧୫।୪:** ୱାକଫ୍ ଆଇନକୁ ବିରୋଧ କରି ପଶ୍ଚିମବଙ୍ଗରେ ହେଉଥିବା ହିଂସା ସମ୍ପର୍କରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପ୍ରସ୍ତୁତ କରିଥିବା ରିପୋର୍ଟରେ ଚାଞ୍ଚଲ୍ୟକର ତଥ୍ୟ ରହିଛି। କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକଠାରୁ ଗୃହ ମନ୍ତ୍ରଣାଳୟକୁ ପଠାଯାଇଥିବା ପ୍ରାରମ୍ଭିକ ସୂଚନା ଅନୁଯାୟୀ, ହିଂସାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଭୂମିକା ରହିଛି।

ରିପୋର୍ଟ ଅନୁଯାୟୀ, ବାଂଲାଦେଶୀମାନେ ଅବୈଧ ଭାବରେ ଦେଶରେ ପ୍ରବେଶ କରିବା ଯୋଗୁଁ କିଛି ପରିବାର ମୁର୍ଶିଦାବାଦରୁ ମାଲଦାକୁ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରାପ୍ତ ପ୍ରାରମ୍ଭିକ ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ସ୍ଥାନୀୟ ପ୍ରଶାସନର ଅବହେଳା ହିଂସା ପ୍ରଭାବିତ ଅଞ୍ଚଳରେ ଅବୈଧ ବାଂଲାଦେଶୀମାନଙ୍କ ସକ୍ରିୟ ହେବାର ଏକ ପ୍ରମୁଖ କାରଣ ପାଲଟିଛି। ଅର୍ଥାତ୍ ରିପୋର୍ଟରେ ରାଜ୍ୟ ସରକାରଙ୍କ ସଂଦେହଜନକ ଭୂମିକା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରାପ୍ତ ପ୍ରାରମ୍ଭିକ ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ସ୍ଥାନୀୟ ପ୍ରଶାସନର ଅବହେଳା ହିଂସା ପ୍ରଭାବିତ ଅଞ୍ଚଳରେ ଅବୈଧ ବାଂଲାଦେଶୀମାନଙ୍କ ସକ୍ରିୟ ହେବାର ଏକ ପ୍ରମୁଖ କାରଣ ପାଲଟିଛି। ଅର୍ଥାତ୍ ରିପୋର୍ଟରେ ରାଜ୍ୟ ସରକାରଙ୍କ ସଂଦେହଜନକ ଭୂମିକା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି।

ସୂତ୍ର ଅନୁଯାୟୀ, ବେଆଇନ ଭାବରେ ପ୍ରବେଶ କରିଥିବା ଏହି ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କୁ ସରକାରୀ ନିୟମ ଅନୁଯାୟୀ ଯାଞ୍ଚ କରାଯାଇ ନଥିଲା ଏବଂ ଏହି କାରଣରୁ ସେମାନେ ହିଂସା ପ୍ରଭାବିତ ଅଞ୍ଚଳରେ ସକ୍ରିୟ ହୋଇଯାଇଥିଲେ। ଯାହାର ପରିଣାମ ସ୍ୱରୂପ କିଛି ପରିବାରକୁ ସେମାନଙ୍କର ଅଞ୍ଚଳ ଛାଡିବାକୁ ପଡିଲା। ଏହା ପରେ, ହିଂସା ପ୍ରଭାବିତ ଅଞ୍ଚଳରେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀକୁ ମୁତୟନ କରାଯାଇଥିଲା। କେନ୍ଦ୍ର ସରକାର ନିରନ୍ତର ବଙ୍ଗଳା ହିଂସାର ପରିସ୍ଥିତିର ମୂଲ୍ୟାଙ୍କନ କରୁଛନ୍ତି। କେନ୍ଦ୍ର ସରକାର ନିୟମିତ ବ୍ୟବଧାନରେ କେନ୍ଦ୍ରୀୟ ଏଜେନ୍ସିରୁ ତାଙ୍କର ରିପୋର୍ଟ ମାଗୁଛନ୍ତି। ଏହା ବ୍ୟତୀତ, କେନ୍ଦ୍ର ସରକାର ମଧ୍ୟ ରାଜ୍ୟ ସରକାରଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି।

## ଚୋକ୍ସିଙ୍କ ସହ ବାର୍ବାରା ଜବାରିକା କିଏ ?

### ହନିଟ୍ରାପରେ ଫସାଇବାର ଅଭିଯୋଗ

ନୂଆଦିଲ୍ଲୀ,୧୫।୪: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି)ର ୧୩,୫୦୦କୋଟି ଟଙ୍କାର ଋଣ ଠକେଇ ମାମଲାରେ ପଳାତକ ମେହୁଲ ଚୋକସି ବେଲଜିୟମ ପୋଲିସର ହେପାଜତରେ ଅଛନ୍ତି। ଭାରତ ଏହି ହୀରା ବ୍ୟବସାୟୀଙ୍କ ପ୍ରତ୍ୟର୍ପଣ ପାଇଁ ଅନୁରୋଧ କରିଛି। ଇଡି ଏବଂ ସିବିଆଇର ଅନୁରୋଧ କ୍ରମେ ତାଙ୍କୁ ଏପ୍ରିଲ ୧୨ରେ ଗିରଫ କରାଯାଇଥିଲା। ଭାରତୀୟ ଅଧିକାରୀମାନେ ତାଙ୍କୁ ଶୀଘ୍ର ଦେଶକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି।




ଗତ ସାତ ବର୍ଷ ଧରି, ଭାରତୀୟ ଏଜେନ୍ସିଗୁଡ଼ିକ ତିନୋଟି ଦେଶରେ ଚୋକସିଙ୍କ ପିଛା କରିଥିଲେ। ସେ ଚିକିତ୍ସା ବାହାନାରେ ସ୍ୱିଜରଲ୍ୟାଣ୍ଡ ପଳାଇବାକୁ ଯୋଜନା କରୁଥିଲେ। କିନ୍ତୁ ତା ପୂର୍ବରୁ ବେଲଜିୟମ ପୋଲିସ ତାଙ୍କୁ ଧରି ପକାଇଲା।

ଚୋକସି ମାମଲାରେ ଜଣେ ମହିଳାଙ୍କ ନାମ ଚର୍ଚ୍ଚାରେ ଅଛି। ଏହି ମହିଳାଙ୍କ ନାମ ବାର୍ବାରା ଜବାରିକା। ସେ ଜଣେ ହଙ୍ଗେରୀୟ ନାଗରିକ। ଚୋକସି ଅଭିଯୋଗ କରିଛନ୍ତି ଯେ ବାର୍ବାରା ଜବାରିକା ତାଙ୍କୁ ହନିଟ୍ରାପ କରିଥିଲେ ଏବଂ ଅପହରଣ ଉଦ୍ୟମରେ ସାମିଲ ଥିଲେ। ଚୋକସିଙ୍କ ପତ୍ନୀଙ୍କ ଅନୁଯାୟୀ, ଉଭୟଙ୍କ ସାକ୍ଷାତ ୨୦୨୦ ମସିହାରେ ହୋଇଥିଲା। ପିଏନବି ବ୍ୟାଙ୍କ ଠକେଇର ସପ୍ତାହେ ପୂର୍ବରୁ, ୨୦୧୮ ଜାନୁଆରୀରେ ମେହୁଲ ଚୌକସି ଭାରତରୁ ଆଣ୍ଟିଗୁଆ ପଳାଇ ଯାଇଥିଲେ। ସେ ଏଠାକାର ନାଗରିକତା ମଧ୍ୟ ହାସଲ କରିଥିଲେ। ମେ ୨୦୨୧ରେ, ତାଙ୍କୁ ଡୋମିନିକାରେ ଦେଖାଯାଇଥିଲା। ଏଠାରେ ତାଙ୍କୁ ଅବୈଧ ପ୍ରବେଶ ଅଭିଯୋଗରେ ଗିରଫ କରାଯାଇଥିଲା। ମେହୁଲ ଅଭିଯୋଗ କରିଥିଲେ ଯେ ତାଙ୍କୁ ଭାରତୀୟ ଏଜେଣ୍ଟମାନେ ଅପହରଣ କରିଥିଲେ। ତାଙ୍କୁ ମାଡ଼ ଦିଆଯାଇଥିଲା ଏବଂ ଏକ ଡଙ୍ଗାରେ ଆଣ୍ଟିଗୁଆରୁ ଡୋମିନିକାକୁ ଅଣାଯାଇଥିଲା। ସେ ଏହା ମଧ୍ୟ ଦାବି କରିଥିଲେ ଯେ ହଙ୍ଗେରୀୟ ନାଗରିକ ବାର୍ବାରା ଜବାରିକା ମଧ୍ୟ ସମଗ୍ର ଘଟଣାରେ ସମ୍ପୃକ୍ତ ଥିଲେ।

ଚୋକସି କହିଛନ୍ତି ଯେ ବାର୍ବାରା ଏକ ବାହାନା କରି ତାଙ୍କ ସହିତ ବନ୍ଧୁତା କରିଥିଲା। ଅପହରଣ ପୂର୍ବରୁ ରାତ୍ରୀଭୋଜନ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଯେତେବେଳେ ସେ ସେଠାରେ ପହଞ୍ଚିଲେ, ସେ ମୋତେ ଜୋରଜବରଦସ୍ତ ତାଙ୍କ ସହିତ ନେଇଗଲେ। ଚୋକସିଙ୍କ ପତ୍ନୀ ପ୍ରୀତି ମଧ୍ୟ ଅଭିଯୋଗ କରିଥିଲେ ଯେ ବାର୍ବାରା ତାଙ୍କ ସ୍ୱାମୀଙ୍କୁ ହନିଟ୍ରାପ କରିଥିଲେ। କିନ୍ତୁ ବାର୍ବାରା କୁହନ୍ତି ଯେ ମେହୁଲ 'ରାଜ' ନାମକ ଜଣେ ବ୍ୟକ୍ତିଙ୍କ ସହିତ ବନ୍ଧୁତା ସ୍ଥାପନ କରିଥିଲା। ସେ ହିଁ ମୋବାଇଲ ନମ୍ବର ମାଗିଥିଲେ।

ବାର୍ବାରା ତାଙ୍କ ଲିଙ୍କଡିନ ପ୍ରୋଫାଇଲରେ ନିଜକୁ ଜଣେ ସମ୍ପତ୍ତି ନିବେଶ ଏଜେଣ୍ଟ ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କ ପ୍ରୋଫାଇଲ ଅନୁସାରେ, ତାଙ୍କର ୧୦ ବର୍ଷରୁ ଅଧିକ ଅଭିଜ୍ଞତା ଅଛି। ତାଙ୍କର ପ୍ରତ୍ୟକ୍ଷ ବିକ୍ରୟ ଏବଂ ରିଅଲ ଇଷ୍ଟେଟ ଶିଳ୍ପରେ କାମ କରିବାର ଅଭିଜ୍ଞତା ଅଛି। ସମ୍ପତ୍ତି ଏବଂ ଖୁଚୁରା ବ୍ୟବସାୟରେ ପରିଚାଳନା ପଦବୀରେ କାର୍ଯ୍ୟ କରିଛନ୍ତି। ସେ ନିଜେ ଜଣେ ଅଭିଜ୍ଞ ବିକ୍ରୟ ଆଲୋଚନାକାରୀ ବ୍ୟାଖ୍ୟା କରନ୍ତି।

## ଖଡ଼ଗେଙ୍କ ସହ ବୈଠକରେ ବସିଲେ ରାହୁଲ-ତେଜସ୍ୱୀ



ନୂଆଦିଲ୍ଲୀ,୧୫।୪: ଚଳିତ ବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହାକୁ ନେଇ, ମହାମେଣ୍ଟର ଦୁଇ ପ୍ରମୁଖ ଦଳ ଆରଜେଡି ଏବଂ କଂଗ୍ରେସର ନେତାମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ବିହାର ବିଧାନସଭାରେ ବିରୋଧୀ ଦଳର ନେତା ତେଜସ୍ୱୀ ଯାଦବ, ଲୋକ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏହି ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକ ମଙ୍ଗଳବାର (ଏପ୍ରିଲ ୧୫) ଦିଲ୍ଲୀରେ ଖଡ଼ଗେଙ୍କ ଘରେ ହୋଇଥିଲା, ଯାହାକୁ ନେଇ ରାଜନୈତିକ ଦୃଷ୍ଟିରୁ ବହୁତ ଆଲୋଚନା ହେଉଛି। ବୈଠକରେ କଂଗ୍ରେସ ନେତା କେସି ଭେନୁଗୋପାଳ, ବିହାର କଂଗ୍ରେସ ପ୍ରଭାରୀ କୃଷ୍ଣ ଅଲ୍ଲଭାରୁ, ଆରଜେଡି ଏମପି ମନୋଜ ଝା ଏବଂ ସଞ୍ଜୟ ଯାଦବ ମଧ୍ୟ ଉପସ୍ଥିତ ଥିଲେ। କୁହାଯାଉଛି ଯେ ଏହି ବୈଠକରେ ବିହାର ନିର୍ବାଚନ ପାଇଁ ଆସନ ବଣ୍ଟନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେଉଛି। ଆରଜେଡି ନେତା ତେଜସ୍ୱୀ ଯାଦବ କଂଗ୍ରେସ ସହିତ ବୈଠକ ବିଷୟରେ କହିଛନ୍ତି, 'ଆମେ ସମସ୍ତେ ଏକ ବୈଠକ କରିଛୁ ଏବଂ ଏକ ବହୁତ ସକାରାତ୍ମକ ଆଲୋଚନା ହୋଇଛି ଏବଂ ଆମେ ସମସ୍ତେ ୧୭ ତାରିଖରେ ପାଟନାରେ ଆମର ମେଣ୍ଟ ଅଂଶୀଦାରମାନଙ୍କ ସହିତ ବସିବୁ। ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଆମେ ବିହାରକୁ ଶକ୍ତିର ସହିତ ଆଗକୁ ନେବାକୁ ସଂକଳ୍ପବଦ୍ଧ।'

ସେ କହିଛନ୍ତି, 'ରାଜ୍ୟ ସରକାର ୨୦ ବର୍ଷ ଧରି କ୍ଷମତାରେ ଅଛି ଏବଂ NDA ସରକାର ୧୧ ବର୍ଷ ଧରି କେନ୍ଦ୍ରରେ କ୍ଷମତାରେ ଅଛି। ସେମାନଙ୍କର ୨୦ବର୍ଷର ଶାସନରେ, ବିହାର ଦେଶର ସବୁଠାରୁ ଗରିବ, ପ୍ରତି ମୁଣ୍ଡପିଛା ଆୟ ସବୁଠାରୁ କମ ଏବଂ ପ୍ରବାସ ସର୍ବାଧିକ। ଆମେ ଏହି ପ୍ରସଙ୍ଗ ଉପରେ ନିର୍ବାଚନ ଲଢ଼ିବାକୁ ଚାହୁଁଛୁ।' ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ବିଷୟରେ ପଚରାଯିବାରୁ, ଆରଜେଡି ନେତା ତେଜସ୍ୱୀ ଯାଦବ କହିଥିଲେ, 'ଆଲୋଚନା ପରେ ସବୁକିଛି ପ୍ରକାଶ ପାଇବ।'

### ମୌସୁମୀ ନେଇ ପାଣିପାଗ ବିଭାଗର ଆକଳନ

# ଚଳିତ ବର୍ଷ ପ୍ରବଳ ବର୍ଷା



**ନୂଆଦିଲ୍ଲୀ, ୧୫।୪:** ତାତି ସିଜନ ଯଦିଓ ଚଳିତ ବର୍ଷ ଖୁବ୍ ଶୀଘ୍ର ଆସିଛି , କିନ୍ତୁ ପାଣିପାଗକୁ ନେଇ ମୌସୁମୀ ବିଭାଗ ବଡ଼ ଅପଡେଟ୍ ଦେଇଛି। ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ମଙ୍ଗଳବାର ଏହାକୁ ନେଇ ଭଲ ଖବର ଦେଇଛି। ଆଇଏମଡି କହିଛି , ଏହିଥର ମୌସୁମୀରେ ସାଧାରଣ ଠାରୁ ଅଧିକ ବର୍ଷା ହେବ। ଏଥିରେ ଚାଷୀ ଓ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ମିଳିବ। ଆଇଏମଡିର ମୁଖ୍ୟ ମୁତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଚଳିତ ମନସୁନ ସିଜନ୍‌ରେ ଅଲ୍ ନିନୋର ସ୍ଥିତି ଉପୁଜିବ ନାହିଁ। ଭାରତରେ ମନସୁନ୍‌ର ଚାରି ମାସ ଅର୍ଥାତ୍ ଜୁନ୍‌ରୁ ସେପ୍ଟେମ୍ବରରେ ସାଧାରଣରୁ ଅଧିକ ବର୍ଷା ହେବାର ସମ୍ଭାବନା ଅଛି।

ପାଣିପାଗ ବିଭାଗର ଆକଳନ ଯେ, ଚଳିତ ଥର ବର୍ଷାର ପରିମାଣ ଦୀର୍ଘକାଳୀନ ୮୭ ସେଣ୍ଟିମିଟରର ହାରାହାରି ୧୦୫ ପ୍ରତିଶତ ରହିବ। ଆଇଏମଡି ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ , ଅଲ୍ ନିନୋର ସ୍ଥିତି , ଯାହା ଭାରତୀୟ ଉପମହାଦ୍ୱୀପରେ ସାଧାରଣରୁ କମ୍ ମୌସୁମୀ ବର୍ଷା ସହ ଜଡ଼ିତ , ଏହିଥର ବିକଶିତ ହେବାର ସମ୍ଭାବନା ନାହିଁ । ପାଣିପାଗ ବିଭାଗ ପକ୍ଷରୁ ଭବିଷ୍ୟବାଣୀ ଏମିତି ସମୟରେ ଆସିଛି,ଯେବେ ଦେଶର ଅନେକ ସ୍ଥାନରେ ଲୋକେ ଭୀଷଣ ଗରମରେ ସିଝୁଛନ୍ତି। ମୌସୁମୀ ବର୍ଷାର ସିଧା ପ୍ରଭାବ ଚାଷରେ ପଡ଼ିଥାଏ। ଭଲ ମୌସୁମୀ ରହିବା ଭାରତର କୃଷିକ୍ଷେତ୍ର ପାଇଁ ବହୁତ ଜରୁରୀ। ପାଖାପାଖି ୪୨.୩ ପ୍ରତିଶତ ଜନସଂଖ୍ୟାର ଜୀବନଜୀବିକା ଏହା ଉପରେ ନିର୍ଭରଶୀଳ। ଏହା ଦେଶର ସମସ୍ତ ଘରୋଇ ଉତ୍ପାଦ (ଜିଡିପି)ରେ ୧୮.୨ ପ୍ରତିଶତର ଯୋଗଦାନ ଦେଇଥାଏ। ଦେଶର ୫୨ ପ୍ରତିଶତ କୃଷି କ୍ଷେତ୍ର ବର୍ଷା ଦ୍ୱାରା ହିଁ କୃଷିକାର୍ଯ୍ୟ ହୋଇଥାଏ। ଏହା ସାରା ଦେଶରେ ପିଇବା ପାଣି ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ଜଳାଶୟ ଗୁଡ଼ିକୁ ଭରିବା ପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ । ଭାରତରେ ମୌସୁମୀ ସାଧାରଣତଃ ୧ଜୁନ୍ ପାଖାପାଖି କେରଳର ଦକ୍ଷିଣୀ ପ୍ରାନ୍ତରେ ଆସିଥାଏ। ଏହା ମଧ୍ୟ ସେପ୍ଟେମ୍ବରରେ ପୁଣି ଫେରି ଯାଏ। ଆଇଏମଡିର ଅନୁସାରେ , ସାଧାରଣ ବର୍ଷାର ଅର୍ଥ ଚାରି ମାସର ମନସୁନ୍ ସିଜନରେ ୮୭ ସେଣ୍ଟିମିଟରର ହାରାହାରି ବର୍ଷାର ୯୬ ପ୍ରତିଶତରୁ ୧୦୫ ପ୍ରତିଶତ ଯାଏ ବର୍ଷା ହେବ । ଏହି ପରିମାଣ ଗତ ୫୦ ବର୍ଷର ତଥ୍ୟ ଉପରେ ଆଧାରିତ।

# ବାଂଲାଦେଶ ଗସ୍ତ ପାଇଁ ଟିମ୍ ଇଣ୍ଡିଆର କାର୍ଯ୍ୟସୂଚୀ ଘୋଷଣା



## ଅଗଷ୍ଟ ୧୭ରୁ ଦିନିକିଆ ସିରିଜ

ନୂଆଦିଲ୍ଲୀ,୧୫।୪: ଭାରତୀୟ କ୍ରିକେଟ ଦଳ ଅଗଷ୍ଟରେ ବାଂଲାଦେଶ ଗସ୍ତରେ ୩ଟି ଦିନିକିଆ ଏବଂ ୩ଟି ଟି-୨୦ ମ୍ୟାଚର ସିରିଜ ଖେଳିବ। ଏହି ଗସ୍ତ ଦିନିକିଆ ସିରିଜ ସହିତ ଆରମ୍ଭ ହେବ। ସିରିଜ୍‌ର ପ୍ରଥମ ମ୍ୟାଚ ଅଗଷ୍ଟ ୧୭ରେ ଖେଳାଯିବ। ଟି-୨୦ ସିରିଜ ଅଗଷ୍ଟ ୨୬ରୁ ଆରମ୍ଭ ହେବ। ବିସିସିଆଇ (ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ) ମଙ୍ଗଳବାର ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରିଛି। ଦିନିକିଆ ସିରିଜର ପ୍ରଥମ ମ୍ୟାଚ ଅଗଷ୍ଟ ୧୭ରେ ମୀରପୁରର ଶେର-ଏ-ବାଂଲା ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଏହି ଗ୍ରାଉଣ୍ଡରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ଅଗଷ୍ଟ ୨୦ରେ ଖେଳାଯିବ। ତୃତୀୟ ମ୍ୟାଚ ୨୩ ଅଗଷ୍ଟରେ ଚିଟାଗଙ୍ଗରେ ଖେଳାଯିବ। ଦିନିକିଆ ସିରିଜ ପରେ, ଟିମ ଇଣ୍ଡିଆ ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ବାଂଲାଦେଶ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳିବ। ପ୍ରଥମ ମ୍ୟାଚ ମଙ୍ଗଳବାର, ଅଗଷ୍ଟ ୨୬ ତାରିଖରେ ଚିଟାଗଙ୍ଗରେ ଖେଳାଯିବ। ଦ୍ୱିତୀୟ ଟି-୨୦ ଶୁକ୍ରବାର, ଅଗଷ୍ଟ ୨୯ ତାରିଖରେ ମୀରପୁରର ଶେର-ଏ-ବାଂଲାଦେଶ ଷ୍ଟାଡିୟମରେ ଖେଳାଯିବ। ଫାଇନାଲ ମ୍ୟାଚ ମଧ ମୀରପୁରରେ ଖେଳାଯିବ। ଭାରତୀୟ କ୍ରିକେଟ ଦଳ ଶେଷ ଥର ପାଇଁ ୨୦୨୨/୨୩ରେ ବାଂଲାଦେଶରେ ଏକ ଦିନିକିଆ ସିରିଜ ଖେଳିଥିଲା। ବାଂଲାଦେଶ ଭାରତ ବିପକ୍ଷରେ ୨-୧ ଗୋଲରେ ସିରିଜ ଜିତିଥିଲା। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ସିରିଜର ପ୍ରଥମ ଦୁଇଟି ମ୍ୟାଚ ହାରିଥିଲା। ଟି-୨୦ ସିରିଜ ବିଷୟରେ କହିବାକୁ ଗଲେ, ଭାରତୀୟ କ୍ରିକେଟ ଦଳ ଏପର୍ଯ୍ୟନ୍ତ ଖେଳାଯାଇଥିବା ଦୁଇଟି ସିରିଜ ଜିତିଛି। ବର୍ତ୍ତମାନ ସମସ୍ତ ଭାରତୀୟ ଖେଳାଳି ଆଇପିଏଲ ୨୦୨୫ରେ ଭିନ୍ନ ଭିନ୍ନ ଦଳ ପାଇଁ ଖେଳୁଛନ୍ତି। ଏହି ଲିଗ ପରେ ତୁରନ୍ତ, ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ଯାତ୍ରା କରିବ। ଏଠାରେ ଜୁନ ୨୦ ରୁ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ। ସିରିଜର ଶେଷ ଟେଷ୍ଟ ୩୧ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଖେଳାଯିବ।

| ଭାରତ ବନାମ ବାଂଲାଦେଶ ଦିନିକିଆ ସିରିଜ୍ |
|---|
| ୧୭ ଅଗଷ୍ଟ-ଏସବିଏନସି, ମିରପୁର |
| ୨୦ ଅଗଷ୍ଟ-ଏସବିଏନସି, ମିରପୁର |
| ୨୩ ଅଗଷ୍ଟ-ବିଏସଏସଏଫଏଲଏମଆରସିଏସ, ଚଟ୍ଟୋଗ୍ରାମ |

| ଭାରତ ବନାମ ବାଂଲାଦେଶ ଟି-୨୦ ସିରିଜ୍ |
|---|
| ୨୬ ଅଗଷ୍ଟ- ବିଏସଏସଏଫଏଲଏମଆରସିଏସ, ଚଟ୍ଟୋଗ୍ରାମ |
| ୨୯ ଅଗଷ୍ଟ-ଏସବିଏନସି, ମିରପୁର |
| ୩୧ ଅଗଷ୍ଟ- ଏସବିଏନସି, ମିରପୁର |

# ଗୌରୀ ଶଙ୍କର ମିଶ୍ର ଭାରତୀୟ ହ୍ୟାଣ୍ଡବଲ ଦଳର ମ୍ୟାନେଜର ନିଯୁକ୍ତି



**ଭୁବନେଶ୍ୱର, ୧୫।୪:** ଓଡ଼ିଶାର ହ୍ୟାଣ୍ଡବଲ ଇତିହାସ ରେ ଆଉ ଏକ ଫର୍ଦ ଯୋଡି ହେବାକୁ ଯାଉଛି। କୋଚ ଗୌରୀ ଶଙ୍କର ମିଶ୍ରଙ୍କୁ ମିଳିଛି ବଡ ଦାୟିତ୍ୱ। ଜୋର୍ଡାନ ଠାରେ ହେବାକୁ ଥିବା ଆଗାମୀ ଏସିଆନ ଜୁନିୟର ଚମ୍ପିଆନସିପ ପାଇଁ ଭାରତୀୟ ଦଳର ମ୍ୟାନେଜର ଭାବେ ଗୌରୀ ଶଙ୍କର ମିଶ୍ର ନିଯୁକ୍ତ ହୋଇଥିବା ଘୋଷଣା କରିଛନ୍ତି ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସନ୍ ର ଏକଜୁଟିଭ ଡିରେକଟର ଡ଼.ଆନନ୍ଦେଶ୍ୱର ପାଣ୍ଡେ । ଆସନ୍ତା ଜୁଲାଇ ୧ ତାରିଖରୁ ୧୧ ତାରିଖ ଯାଏ ଜୋର୍ଡ଼ାନରେ ଏହା ଅନୁଷ୍ଠିତ ହେବ ଏଠାରେ ସୂଚନାଯୋଗ୍ୟ ଗୌରୀ ଶଙ୍କର ମିଶ୍ର ହେଉଛନ୍ତି ଓଡିଶାର ପ୍ରଥମ ଓ ଏକ ମାତ୍ର ଅନ୍ତର୍ଜତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନଙ୍କ ବାପା। ଗୌରୀ ଶଙ୍କରଙ୍କ ଏହି ସଫଳତା ପାଇଁ ଓଡିଶା ହ୍ୟାଣ୍ଡବଲ ସଙ୍ଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, ଭୁବନେଶ୍ୱର ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ପଅମୁଖ ଶୁଭେଛା ଓ ଶୁଭକାମନା ଜଣାଇଛନ୍ତି।

# ଶ୍ରେୟସଙ୍କୁ ଆଇସିସି ପ୍ଲେୟାର ଅଫ୍ ଦି ମନ୍ଥ



**ନୂଆଦିଲ୍ଲୀ, ୧୫।୪:** ଆଇପିଏଲ ୨୦୨୫ରେ ପଞ୍ଜାବ କିଙ୍ଗସର ଅଧିନାୟକତ୍ୱ କରୁଥିବା ଭାରତୀୟ କ୍ରିକେଟର ଶ୍ରେୟସ ଆୟର ଚାମ୍ପିଅନ୍ସ ଟ୍ରଫିରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଆଧାରରେ ମାର୍ଚ୍ଚ ମାସ ପାଇଁ ପ୍ଲେୟାର ଅଫ୍ ଦି ମନ୍ଥ ପୁରସ୍କାର ଜିତିଛନ୍ତି। ଆୟର ନ୍ୟୁଜିଲ୍ୟାଣ୍ଡର ଜାକବ ଡଫି ଏବଂ ରାଚିନ ରବିନ୍ଦ୍ରଙ୍କୁ ପରାସ୍ତ କରି ଏହି ପୁରସ୍କାର ଜିତିଛନ୍ତି।

ଶ୍ରେୟସ ଆୟର ଚାମ୍ପିଅନ୍ସ ଟ୍ରଫିରେ ସର୍ବାଧିକ ୨୪୩ ରନ ସ୍କୋରର ଥିଲେ ଏବଂ ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆୟର ଏହି ପୁରସ୍କାର ଜିତିବା ଅର୍ଥ ହେଉଛି ଭାରତ ଲଗାତାର ଦୁଇଥର ଏହି ପୁରସ୍କାର ଜିତିଛି। ଶୁଭମନ ଗିଲ ଫେବୃଆରି ମାସରେ ଏହି ପୁରସ୍କାର ଜିତିଥିଲେ। ଇତିହାସରେ ଏହା କେବଳ ଦ୍ୱିତୀୟ ଥର ଯେ ଦୁଇଜଣ ଭାରତୀୟ ପୁରୁଷ ଖେଳାଳି କ୍ରମାଗତ ଭାବରେ ଏହି ପୁରସ୍କାର ଜିତିଛନ୍ତି।

୨୦୨୧ ମସିହାରେ ପ୍ରଥମ ଥର ପାଇଁ ପ୍ଲେୟାର ଅଫ୍ ଦି ମନ୍ଥ ପୁରସ୍କାର ଲଗାତାର ୩ ଜଣ ଭାରତୀୟ ପୁରୁଷ ଖେଳାଳି ଜିତିଥିଲେ। ଜାନୁଆରି ପାଇଁ ରିଷଭ ପନ୍ତ, ଫେବୃଆରି ପାଇଁ ରବିଚନ୍ଦ୍ରନ ଅଶ୍ୱିନ ଏବଂ ମାର୍ଚ୍ଚ ପାଇଁ ଭୁବନେଶ୍ୱର କୁମାରଙ୍କୁ ପୁରସ୍କାର ମିଳିଥିଲା। ସେବେଠାରୁ ଏହି ପୁରସ୍କାର ଆଇସିସି ଦ୍ୱାରା ଲଗାତାର ଦୁଇଥର ଭାରତୀୟ ଖେଳାଳିଙ୍କୁ ଦିଆଯିବା ଘଟଣା କେବେ ଘଟି ନଥିଲା। ଏବେ ଇତିହାସରେ ଦ୍ୱିତୀୟ ଥର ପାଇଁ ଏହା ଘଟିଛି।



## ପଞ୍ଜାବ କିଙ୍ଗସକୁ ବଡ଼ ଝଟକା

# ଆଇପିଏଲରୁ ବାଦ୍ ପଡ଼ିଲେ ଲୋକି ଫର୍ଗ୍ୟୁସନ

**ନୂଆଦିଲ୍ଲୀ, ୧୫।୪:** ଆଇପିଏଲ୍ ୨୦୨୫ରେ ଆଜି ପଞ୍ଜାବ କିଙ୍ଗ୍ସ ସହିତ ମୁହାଁମୁହିଁ ହେବ କୋଲକତା ନାଇଟ୍ ରାଇଡର୍ସ। ଏହାପୂର୍ବରୁ ପଞ୍ଜାବ କିଙ୍ଗ୍ସକୁ ଲାଗିଛି ବଡ଼ ଝଟକା। ପଞ୍ଜାବ କିଙ୍ଗ୍ସ ପାଇଁ ଖେଳୁଥିବା ଦ୍ରୁତ ବୋଲର ଲୋକି ଫର୍ଗ୍ୟୁସନ ସଂପୂର୍ଣ୍ଣ ଆଇପିଏଲରୁ ବାଦ୍ ପଡିଛନ୍ତି। ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଆହତ କାରଣରୁ ନ୍ୟୁଜିଲାଣ୍ଡର ବୋଲରଙ୍କୁ ଆଇପିଏଲ୍ ୨୦୨୫ରୁ ବାଦ୍ ପଡିଛନ୍ତି।

ପିବିକେଏସର ଦ୍ରୁତ ବୋଲିଂ କୋଚ୍ ଜେମ୍ସ ହୋପ୍ସ କହିବା ମୁତାବକ, ଲୋକି ଫର୍ଗ୍ୟୁସନ ଅନିଶ୍ଚିତ କାଳ ପାଇଁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ସେ ଗୁରୁତର ଆହତ ହୋଇଛନ୍ତି। ତେଣୁ ତାଙ୍କର ଟୁର୍ଣ୍ଣାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା କମ ରହିଥିଲା। ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ କେବଳ ଦୁଇଟି ବଲ୍ ଫିଙ୍ଗିବା ପରେ ପଡ଼ିଆରୁ ସେ ବାହାରକୁ ଚାଲି ଯାଇଥିଲେ। ଏହା ପରେ ତାଙ୍କ ଆହତ ସ୍କାନିଂ କରାଯାଇଥିଲା। ଆଘାତ ଗୁରୁତର ଥିବା ସ୍କାନିଂରୁ ଜଣା ପଡ଼ିଥିଲା। ଏହି ମ୍ୟାଚକୁ ହାଇଦ୍ରାବାଦ ୮ ୱିକେଟରେ ଜିତିଥିଲା। ପଞ୍ଜାବ କିଙ୍ଗସ ଲୋକି ଫର୍ଗ୍ୟୁସନଙ୍କୁ ୨ କୋଟି ଟଙ୍କାରେ କିଣିଥିଲା। ଆଇପିଏଲ ଇତିହାସରେ ସବୁଠାରୁ ଦ୍ରୁତ ବୋଲିଂ କରୁଥିବା ଦ୍ୱିତୀୟ ବୋଲର ଲୋକି ଫର୍ଗ୍ୟୁସନ। କିଛିଦିନ ପୂର୍ବରୁ ଶ୍ରେୟସ ତାଙ୍କୁ ନେଇ ପ୍ରଶଂସା କରିଥିଲେ। ପଞ୍ଜାବ କିଙ୍ଗ୍ସ ନିକଟରେ ନ୍ୟୁଜିଲାଣ୍ଡର ଏହି ଖେଳାଳିଙ୍କ ସ୍ଥାନ ନେବା ପାଇଁ ଅଷ୍ଟ୍ରେଲିଆର ଦ୍ରୁତ ବୋଲର ଜେଭିୟର ବାର୍ଟଲେଟ୍ ସହିତ ଅନ୍ୟ ଖେଳାଳିଙ୍କ ବିକଳ୍ପ ରହିଛି। ଆଫଗାନିସ୍ତାନର ଅଲରାଉଣ୍ଡର ଅଜମତୁଲ୍ଲା ଉମରଜାଇ, ବିଜୟ କୁମାର ବୈଶାକ ପରି ଖେଳାଳି ରହିଛନ୍ତି। ଆଜିର ମ୍ୟାଚ ମୁଲ୍ଲାପୁର କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ପଞ୍ଜାବ କିଙ୍ଗ୍ସ ଆଇପିଏଲ ପଏଣ୍ଟ ତାଲିକାର ୬ ନଂ ସ୍ଥାନରେ ରହିଛି। ଟିମ୍ ୫ଟି ମ୍ୟାଚରୁ ୨ଟିମ ଯାଚ ହାରିଛି। ସେହିପରି କୋଲକତା ନାଇଟ ରାଇଡର୍ସ ୬ଟି ମ୍ୟାଚରୁ ୩ଟି ହାରି ପଏଣ୍ଟ ତାଲିକାର ୫ ନଂ ସ୍ଥାନରେ ରହିଛି।

# ଆଇପିଏଲରେ ୨୦୦ ଶିକାର କରିବାରେ ଧୋନୀ ବିଶ୍ୱର ପ୍ରଥମ ଖେଳାଳି

ନୂଆଦିଲ୍ଲୀ,୧୫।୪: ଆଇପିଏଲ୍ ୨୦୨୫ ଏଲଏସଜି ଏବଂ ଚେନ୍ନାଇ ସୁପର କିଙ୍ଗସ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚରେ ଅଧିନାୟକ ମହେନ୍ଦ ସିଂ ଧୋନୀ ଏକ ବଡ଼ ରେକର୍ଡ କରିଛନ୍ତି। କେବଳ ଏତିକି ନୁହେଁ, ଧୋନୀ ଯେଉଁ ସଫଳତା ହାସଲ କରିଛନ୍ତି, ତାହା ବିଶ୍ୱର କୌଣସି ଖେଳାଳି ପୂର୍ବରୁ ଆଇପିଏଲରେ ହାସଲ କରିପାରି ନାହାଁନ୍ତି। ଧୋନୀ ଏବେ ଆଇପିଏଲରେ ୨୦୦ ଡିସମିସାଲ କରିବାରେ ପ୍ରଥମ ଖେଳାଳି ହୋଇସାରିଛନ୍ତି। ମହେନ୍ଦ୍ର ସିଂହ ଧୋନି ଏପର୍ଯ୍ୟନ୍ତ ଆଇପିଏଲରେ ୧୫୪ଟି କ୍ୟାଚ ନେଇଛନ୍ତି ଏବଂ ଏହି ସମୟ ମଧ୍ୟରେ ୪୬ଟି ଷ୍ଟମ୍ପିଂ ମଧ କରିଛନ୍ତି। ଧୋନୀ ଆଇପିଏଲରେ ଫିଲ୍ଡର ଭାବରେ ଚାରୋଟି କ୍ୟାଚ ମଧ ନେଇଛନ୍ତି। ଏସବୁକୁ ମିଶାଇଲେ ତେବେ ଏହି ସଂଖ୍ୟା ୨୦୦ରେ ହେବ। ଧୋନୀ ଏପର୍ଯ୍ୟନ୍ତ ଆଇପିଏଲ ରେ ୨୭୧ଟି ମ୍ୟାଚ ଖେଳିଛନ୍ତି। ରବିନ୍ଦ୍ର ଜାଡେଜାଙ୍କ ବୋଲିଂରେ ଏଲଏସଜି ବ୍ୟାଟସମ୍ୟାନ ଆୟୁଷ ବାଡୋନିଙ୍କୁ ଷ୍ଟମ୍ପ ଆଉଟ କରିବା ମାତ୍ରେ ଧୋନୀ ଏହି ସଂଖ୍ୟାରେ ପହଞ୍ଚିଥିଲେ। ଏହା ଆଇପିଏଲରେ ରବିନ୍ଦ୍ର ଜାଡେଜାଙ୍କ ବଲରେ ଧୋନିଙ୍କର ନବମ ଷ୍ଟମ୍ପିଂ। ଆଇପିଏଲରେ ଏପର୍ଯ୍ୟନ୍ତ କେବଳ ତିନି ଜଣ ଉଇକେଟକିପର ଏବଂ ବୋଲର ଯୋଡ଼ି ନଅ ଥର ଏହି କାମ କରିଛନ୍ତି। ଅମିତ ମିଶ୍ରଙ୍କ ବୋଲିଂରେ ଦିନେଶ କାର୍ତ୍ତିକ ୯ଟି ଷ୍ଟମ୍ପିଂ କରିଥିବା ବେଳେ ପ୍ରଜ୍ଞାନ ଓଝାଙ୍କ ବୋଲିଂରେ ଆଦାମ ଗିଲକ୍ରିଷ୍ଟ ୯ଟି ଷ୍ଟମ୍ପିଂ କରିଛନ୍ତି। ଏବେ ଧୋନୀ ତାଙ୍କ ସମକକ୍ଷ ହୋଇଛନ୍ତି। ଯଦି ଜାଡେଜା ଏବଂ ଧୋନୀ ଏହି ସିଜନରେ ଆଉ ଥରେ ଏହା କରନ୍ତି, ତେବେ ସେମାନେ ପୁଣି ଥରେ ଏକ ନମ୍ବରରେ ପହଞ୍ଚିବେ। ଧୋନୀ ଅଶ୍ୱିନଙ୍କ ବଲ୍‌ରେ ୮ ଥର ଷ୍ଟମ୍ପିଂ କରିଛନ୍ତି। ରବିନ୍ଦ୍ର ଜାଡେଜାଙ୍କୁ ନଅ ଥର ଷ୍ଟମ୍ପିଂ କରିବା ବ୍ୟତୀତ, ଏମଏସ ଧୋନୀ ୧୦ଟି କ୍ୟାଚ ମଧ ନେଇଛନ୍ତି। ଅର୍ଥାତ୍ ମୋଟ ସଂଖ୍ୟା ୧୯ରେ ପହଞ୍ଚିଛି। ଏହି ମାମଲାରେ ରିଷଭ ପନ୍ତ ଏବଂ କାଗିସୋ ରାବାଡା ଏକ ନମ୍ବରରେ ଅଛନ୍ତି। ଏହି ଦୁଇଜଣଙ୍କ ଯୋଡ଼ି ଷ୍ଟମ୍ପିଂ ଏବଂ କ୍ୟାଚ କରି ୨୦ଟି ଉଇକେଟ ନେଇଛନ୍ତି। ଏଥର ଚେନ୍ନାଇ ସୁପର କିଙ୍ଗ୍ସର ଅବସ୍ଥା ଶୋଚନୀୟ ରହିଛି। ଦଳ ପରାଜୟ ପରେ ପରାଜୟର ସମ୍ମୁଖୀନ ହୋଇଛି। ଏଲଏସଜି ମ୍ୟାଚ ପୂର୍ବରୁ, ସିଏସକେ ଏହାର ଛଅଟି ମ୍ୟାଚ ମଧ୍ୟରୁ କେବଳ ଗୋଟିଏ ଜିତିଥିଲା।

## ପୁଲିସ୍ ହକି ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ: ମହିଳା ବର୍ଗରେ ଓଡ଼ିଶା ପୁଲିସ୍ ତୃତୀୟ

# ପଞ୍ଜାବ ପୁରୁଷ ଓ ସିଆର୍‌ପିଏଫ୍ ମହିଳା ଚାମ୍ପିଅନ୍



**ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୁଲିସ ହକି ଚାମ୍ପିଅନସିପ୍-୨୦୨୫ ଆଜି ଉଦ୍‌ଯାପିତ ହୋଇଛି। ଏଥିରେ ପୁରୁଷ ବିଭାଗରେ ପଞ୍ଜାବ ଓ ମହିଳା ବିଭାଗରେ ସିଆର୍‌ପିଏଫ୍ ଚାମ୍ପିଅନ୍ ହୋଇଛନ୍ତି। ସନ୍ଧ୍ୟାରେ ପୁରୁଷ ବର୍ଗ ଫାଇନାଲ୍‌ରେ ପଞ୍ଜାବର ମୁକାବିଲା ସିଆରପିଏଫ ସହ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପଞ୍ଜାବ ୨-୧ ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି। ସେହିପରି ମହିଳା ବର୍ଗରେ ଏସଏସବି ଓ ସିଆରପିଏଫ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସିଆରପିଏଫ ୧-୦ ଗୋଲ୍‌ରେ ବିଜୟୀ ହୋଇ ଟାଇଟଲ୍ ହାତେଇଛି। ଏହାଛଡ଼ା ଓଡ଼ିଶା ପୁଲିସ୍ ମହିଳା ବର୍ଗରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ୍ ପଦକ ହାସଲ କରିଛି। ପୂର୍ବରୁ ସେମିଫାଇନାଲ୍‌ରେ ପରାସ୍ତ ହୋଇଥିବା ଓଡ଼ିଶା ପୁଲିସ୍ ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚ୍‌ରେ ଆଇଟିବିପିକୁ ପରାସ୍ତ କରିଛି। ତା'ଛଡ଼ା ପୁରୁଷ ବର୍ଗରେ ବିଏସ୍‌ଏଫ୍‌କୁ ପରାସ୍ତ କରି ଆଇଟିବିପି ତୃତୀୟ ସ୍ଥାନ ହାସଲ କରିଛି। ଏହି ପ୍ରତିଯୋଗିତାରେ ରାଜ୍ୟ ପୁଲିସ ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ଓ କେନ୍ଦ୍ରୀୟ ପୁଲିସ ସଂଗଠନର ୨୬ଟି ପୁରୁଷ ଦଳ ଓ ୯ଟି ମହିଳା ଦଳ ପ୍ରତିନିଧିତ୍ୱ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଯୋଗ ଦେଇ ଟ୍ରଫି ପ୍ରଦାନ କରିବା ସହ କୃତୀ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ଅଖିଳ ଭାରତୀୟ ପୁଲିସ କ୍ରୀଡା ଡିଜିପି ୱାଇବି ଖୁରାନିଆ ପ୍ରତିଯୋଗିତାରେ ପୁଲିସ୍ ଫୋର୍ସ ମଧ୍ୟରେ ଏକତା, ଭାଇଚାରା ଓ ମିତ୍ରତା ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି ବୋଲି କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜକ କମିଟିର ଉପସଭାପତି ଦୟାଳ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ତଥା ଆୟୋଜନ କମିଟି ଉପସଭାପତି ରାଜେଶ କୁମାର, ଆଇବି ଯୁଗ୍ମ ନିର୍ଦ୍ଦେଶକ ରାଜେଶ ସୁବର୍ଣ୍ଣ, ଆଇଜି (ତାଲିମ) ତଥା ଆୟୋଜନ କମିଟି ସମ୍ପାଦକ ଅନୁପ କୁମାର ସାହୁ ଓ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋହନଙ୍କଠାରୁ...

ଯେଉଁସବୁ ତଥ୍ୟ ସାମ୍ନାକୁ ଆଣିଲେ, ତାହାକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରିଲେ ନାହିଁ । ସେତେବେଳେ ପରୀର ପିତାମାତା ରାଜଧାନୀକୁ ଆସିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଚାହିଁଥିଲେ। ହେଲେ ସେମାନଙ୍କୁ ପୁଲିସ୍ ଦୂର୍ ଦୂର୍ ମାର୍ ମାର୍ କଲା। ସତ୍ୟ ଉନ୍ମୋଚନ ବଦଳରେ ଘଟଣାକୁ ଚାପିବା ପାଇଁ ସରକାରୀ କଳ ଲାଗିପଡିଲେ। ବିରୋଧୀଦଳ ଭୁବନେଶ୍ୱରରୁ ନୟାଗଡକୁ ପଦଯାତ୍ରାରେ ବାହାରିଲେ। ଏତେସବୁ ସତ୍ତ୍ୱେ ବି ସେତେବେଳେ ନବୀନଙ୍କ ହୃଦୟ ତରଳିଲା ନାହିଁ। ଏ ବାବଦରେ ପଦୁଟିଏ ହେଲେ କହିଲେ ନାହିଁ କି ପୁଲିସ୍‌କୁ ନିର୍ଦ୍ଦେଶ ବି ଦେଲେ ନାହିଁ। ଯେଉଁଥିପାଇଁ ଘଟଣାଟି ସବୁଦିନ ପାଇଁ ସାଧାରଣ ଲୋକଙ୍କ ସନ୍ଦେହରେ ରହିବା ସହ ପରୀ ତା' ବାପ-ମା'ଙ୍କ କୋଳ ଖାଲି କରି ଚାଲିଗଲା। ସେହିବର୍ଷ ଯାଜପୁରରେ ଘଟିଥିଲା ପିହୁ ନିଖୋଜ ଘଟଣା। ଛୋଟଝିଅ ପିହୁ ବାଡ଼ି ଅଗଣାରେ ଖେଳୁଥିବା ସମୟରେ ହଠାତ୍ ନିଖୋଜ ହୋଇଯାଇଥିଲା। ପିଲାଟିକୁ ଖୋଜି ଆଣିବା ପାଇଁ ବାପା-ମା' ଥାନାଠାରୁ ଆରମ୍ଭ କରି ନେତା ଓ ମନ୍ତ୍ରୀ, ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ବି ନେହୁରା ହେଲେ। କିନ୍ତୁ 'ୱି କେୟାର ୱି ଡେୟାର' ସ୍ଲୋଗାନ ଦେଉଥିବା ଓଡ଼ିଶା ପୁଲିସ୍ ପିହୁକୁ ଖୋଜି ଆଣିପାରିଲା ନାହିଁ। ସବୁଆଡୁ ନିରାଶ ହେବା ପରେ ପିହୁର ମା' ଭୁବନେଶ୍ୱର ଆସି ଧାରଣା ବି ଦେଲେ। ସିବିଆଇ ତଦନ୍ତ ଦାବି କଲେ। ସେତେବେଳେ କ୍ଷମତାସୀନ ବିଜେଡି ଏହାକୁ ରାଜନୈତିକ ରଙ୍ଗ ଦେଇ ଝିଅକୁ ହରାଇଥିବା ବାପ-ମା'ଙ୍କୁ ଘଉଡାଇବାରେ ଲାଗିଲା। ସେମାନଙ୍କ ଅଭିଯୋଗ ଆଡ଼ ଆଖିରେ ବି ଅନାଇଲାନାହିଁ। ଭୁବନେଶ୍ୱର ଆସିବା ବାଟରେ ଅଟକାଇବା ଭଳି ସମ୍ବେଦନହୀନ ପଦକ୍ଷେପ ମଧ୍ୟ ନିଆଗଲା।

ଓଡ଼ିଶାବାସୀଙ୍କୁ ନିଜ ପରିବାରର ସଦସ୍ୟ ବୋଲି କହି ଭୋଟ ମାଗୁଥିବା ନବୀନଙ୍କ ହୃଦୟ ପିହୁ ପାଇଁ ବି ତରଳିଲା ନାହିଁ। ନବୀନ ଏକପ୍ରକାର ମୂକ ଦର୍ଶକ ସାଜିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିରବତା ଦେଖି ଯାଜପୁର ଓ ଓଡ଼ିଶା ପୁଲିସ୍ ମଧ୍ୟ ନାହିରେ ତେଲ ଦେଇ ଶୋଇପଡ଼ିଲେ। ପିହୁ ପିତାମାତାଙ୍କ ସମସ୍ତ ଅଭିଯୋଗକୁ ରାଜନୈତିକ ରଙ୍ଗ ଦେଇ ଖଣ୍ଡନ କରିଚାଲିଲେ। ଯାହାର ଫଳସ୍ୱରୂପ ପିହୁ ପାଇଁ ଆଜି ବି ତା ମା' ଆଖିରୁ ଲୁହ ଝରାଉଛି।

## ମାମଲତକାରଙ୍କ...

କେନ୍ଦ୍ରାପଡ଼ା ଚୂଡ଼ାନ୍ତ ହୋଇପାରିଲା ନାହିଁ। ଦଳୀୟ ମହଲରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ୧୦ରୁ ଅଧିକ ସାଙ୍ଗଠନିକ ଜିଲ୍ଲାରେ ଭୀଷଣ ଅଡୁଆ ରହିଛି । କଟକରେ କାହାକୁ ଜିଲ୍ଲା ସଭାପତି କରିବେ, ଦଳ ବୁଝିପାରୁନି । ଦେବାଶିଷ ସାମନ୍ତରାୟ, ପ୍ରଭାତ ତ୍ରିପାଠୀ, ପ୍ରଭାତ ବିଶ୍ୱାଳ, ଚନ୍ଦ୍ରସାରଥୀ ବେହେରାଙ୍କ ଆଣ୍ଟପଣ ଦଳର କ୍ଷମତାଶାଳୀ ଗୋଷ୍ଠୀର ନିଦ ହଜାଇ ଦେଲାଣି। ଖୋର୍ଦ୍ଧାରେ ସଭାପତି ହେବାକୁ ରାଜେନ୍ଦ୍ର ସାହୁ ପ୍ରମୁଖ ଦାବିଦାର ଥିବା ବେଳେ ଦଳର ନିର୍ଦ୍ଦିଷ୍ଟ କ୍ଷମତାଶାଳୀ ଗୋଷ୍ଠୀ ତାଙ୍କ ସପକ୍ଷରେ ନାହାନ୍ତି। ବଲାଙ୍ଗିରରେ ରାଜପରିବାର ଓ ଟୁକୁନି ସାହୁଙ୍କୁ ନେଇ ବିବାଦ ରହିଛି। କଳାହାଣ୍ଡିରେ ନବୀନ ନିବାସ ଦିବ୍ୟଶଙ୍କର ମିଶ୍ରଙ୍କୁ ଚାହୁଁଥିବା ବେଳେ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ସପକ୍ଷରେ ଅଧିକାଂଶ ନେତା ଥିବା କୁହାଯାଉଛି । ନବରଙ୍ଗପୁରରେ ପ୍ରଦୀପ ମାଝୀ ବନାମ ରମେଶ ମାଝୀ ବିବାଦ ଛିଣ୍ଡୁନି। କୋରାପୁଟରେ ଈଶ୍ୱର ପାଣିଗ୍ରାହୀ ଓ ରବି ନନ୍ଦଙ୍କୁ ନେଇ ଦଳ କିଛି ସ୍ଥିର କରିପାରୁନି। ଗଞ୍ଜାମରେ ଶୋଚନୀୟ ପରାଜୟ ପରେ ଦାୟିତ୍ୱ ନେବାକୁ ବହୁ ନେତା ଅମଙ୍ଗ ଥିବା ଜଣାପଡିଛି। ଏଭଳି ଏକ ବିବାଦୀୟ ସ୍ଥିତିରେ ଆଜି ପ୍ରତାପ ଦେବ ୧୮ଟି ଜିଲ୍ଲାର ସଭାପତି ଚୂଡ଼ାନ୍ତ ହୋଇଥିବା ତାଲିକା ଘୋଷଣା କରିଛନ୍ତି। ଅନୁଗୁଳ ଜିଲ୍ଲାର ବିଜେଡି ସଭାପତି ପାଇଁ ବ୍ରଜକିଶୋର ପ୍ରଧାନ, ବରଗଡ ପାଇଁ ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକ ପାଇଁ ଜଗନ୍ନାଥ ସ୍ୱାଇଁ, ବୌଦ୍ଧ ପାଇଁ ପ୍ରଦୀପ କୁମାର ଅମାତ, ଦେବଗଡ଼ ପାଇଁ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଗଜପତି ପାଇଁ ପ୍ରଦୀପ ନାୟକ, ଜଗତସିଂହପୁର ପାଇଁ ପ୍ରଶାନ୍ତ ମୁଦୁଲୀ, ଯାଜପୁର ପାଇଁ ସରୋଜ ମହାପାତ୍ର, ଝାରସୁଗୁଡ଼ା ପାଇଁ ହରିଶ ଗନ୍ତରା, କନ୍ଧମାଳ ଜିଲ୍ଲା ପାଇଁ ପଦ୍ମନାଭ ବେହେରା, ମାଲକାନଗିରି ପାଇଁ ମାନସ ମାଡକାମି, ମୟୂରଭଞ୍ଜ-୧ ପାଇଁ ସୁଦାମ ମାରାଣ୍ଡି, ନବରଙ୍ଗପୁର ପାଇଁ ମନୋହର ରାନ୍ଧାରୀ, ନୟାଗଡ଼ ପାଇଁ ରମେଶ ଚନ୍ଦ୍ର ବେହେରା, ନୂଆପଡ଼ା ପାଇଁ ଅବନୀ ରଞ୍ଜନ ଯୋଶୀ, ପୁରୀ ପାଇଁ ଉମାକାନ୍ତ ସାମନ୍ତରାୟ, ସୁବର୍ଣ୍ଣପୁର ପାଇଁ ସରୋଜ କୁମାର କାମ୍ପା ଓ ସୁନ୍ଦରଗଡ଼ ପାଇଁ ଯୋଗେଶ ସିଂଙ୍କୁ ବିଜେଡି ଜିଲ୍ଲା ସଭାପତି ଭାବେ ଘୋଷଣା କରାଯାଇଛି।

## ରାଜଧାନୀରେ...

କରାଯାଉନଥିବାରୁ ଭିତରେ କାଦୁଅ ରହୁଛି। ସିମେଣ୍ଟ ଅଖା, କାଠ, ବଲ୍ ଆଦି ତା' ଭିତରୁ ବାହାରୁଛି। ଏହି ଦୂଷିତ ପାଣି ପିଇ ସ୍ଥାନୀୟ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ତେବେ ଝାଡ଼ାବାନ୍ତି ଖବର ପାଇ ଘଟଣାସ୍ଥଳରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପହଞ୍ଚି ଚିକିତ୍ସା ଆରମ୍ଭ କରିବା ସହ ଆକ୍ରାନ୍ତଙ୍କୁ ଔଷଧ ଦେଇଥିବା ଜଣାପଡ଼ିଛି। ସେହିପରି ଗୁରୁତରମାନଙ୍କୁ ମେଡିକାଲ ପଠାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛି। ସେହିପରି ସ୍ଥାନୀୟ ଲୋକଙ୍କୁ ସମ୍ପ୍ ପାଣିକୁ ବ୍ୟବହାର ନ କରିବା ସହ ପାଣିକୁ ଫୁଟାଇ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ତା'ଛଡ଼ା ଉକ୍ତ ସମ୍ପର ପାଣି ନମୁନାକୁ ମଧ୍ୟ ପରୀକ୍ଷା କରାଯିବା ସକାଶେ ପଠାଯାଇଥିବା ଜଣାପଡ଼ିଛି।

## ୧୦ ଲକ୍ଷ ପର୍ଯ୍ୟନ୍ତ...

ଆର୍ଥିକ ବର୍ଷ ଓ ପରବର୍ତ୍ତୀ ବର୍ଷଗୁଡ଼ିକ ପାଇଁ ଜାରି ରଖିବା ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏହି ପଦକ୍ଷେପ ରାଜ୍ୟରେ ମହିଳା ଉଦ୍ୟୋଗୀ ଓ ଲକ୍ଷପତି ଦିଦି ସୃଷ୍ଟି ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମହିଳା ଭାଗିଦାରୀ ଜରିଆରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଅର୍ଥନୀତି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୧୭ରେ ଆସିବେ...

ମହତାବ ଜୟନ୍ତୀ ଉତ୍ସବରେ ଶ୍ରୀ ଗଡ଼କରୀ ଯୋଗଦେବା ସହ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପ୍ରକଳ୍ପର ସମୀକ୍ଷା କରିବେ। ଏଥିସହ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଏକ ସାଧାରଣ ସଭାରେ କେନ୍ଦ୍ର ମନ୍ତ୍ରୀ ଜାତୀୟ ରାଜପଥକୁ ନେଇ କେତେକ ବଡ଼ ଘୋଷଣା ମଧ୍ୟ କରିପାରନ୍ତି। ଏଥିସହ ୫ ହଜାର କୋଟି ଟଙ୍କାର ୧୬ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କ ଦ୍ୱାରା ସମ୍ପାଦିତ ହେବ ବୋଲି ଆଜି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

## ନିନ୍ଦା କଲେ...

ଓ ପୂଜ୍ୟପୂଜା ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି। ବିଜୁବାବୁଙ୍କ ପ୍ରତି ତାଙ୍କର ବ୍ୟକ୍ତିଗତ ଭାବେ ଗଭୀର ସମ୍ମାନ ରହିଆସିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିକଟରେ ଗତ ମାର୍ଚ୍ଚ ୫ରେ ବିଜୁବାବୁଙ୍କ ଜୟନ୍ତୀକୁ ରାଜ୍ୟ ସ୍ତରରେ ବିପୁଳ ଉତ୍ସାହର ସହ ପାଳନ କରାଯାଇଥିଲା । ସେଥିରେ ସେ ନିଜେ ଯୋଗ ଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ମଧ୍ୟ ଆସନ୍ତା ୧୭ ତାରିଖରେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଜାଳିଦେଲେ...

ନେଇ ବିଜେଡି ସାରା ରାଜ୍ୟରେ ଆରମ୍ଭ କରିଛି ପ୍ରତିବାଦ ଓ ବିକ୍ଷୋଭ। ଭୁବନେଶ୍ୱରରୁ ଆରମ୍ଭ କରି ସମ୍ବଲପୁର, ପୁରୀ, ଯାଜପୁର, କଳାହାଣ୍ଡି, କୋରାପୁଟ ସବୁଠି ବିରୋଧୀ ନେତା ଓ କର୍ମୀ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଜାଣିଶୁଣି ବିଜେପି ସରକାରରେ ବିଜୁବାବୁଙ୍କୁ ଅସମ୍ମାନ କରାଯାଉଛି। କେତେବେଳେ କଟକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିର ରଙ୍ଗ ବଦଳାଯାଉଛି ତ ଆଉ କେତେବେଳେ ମାହାଙ୍ଗାରେ ଜନ୍ମଦିନର ଅବ୍ୟବହିତ ପୂର୍ବରୁ ତାଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଉଛି। ସେପଟେ ନିଆଁ ଲଗାଇଥିବା ଦୁର୍ବୃତ୍ତ ଜଣଙ୍କ ଜଣେ ମାନସିକ ବିକୃତ ବ୍ୟକ୍ତି ବୋଲି କହିଛନ୍ତି ପଶ୍ଚିମାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ୍।

ଗିରଫ ହୋଇଥିବା ବ୍ୟକ୍ତିଙ୍କ ନାମ ଯୁଗଳ ସାହୁ ବୋଲି ଜଣାପଡ଼ିଛି। ଆଇଜି ଶ୍ରୀ ଲାଲ୍ କହିଛନ୍ତି ଯେ ଅଭିଯୁକ୍ତ ଗତବର୍ଷ ଏକ ବିଦ୍ୟୁତ୍ ଖୁଣ୍ଟରେ ମଧ୍ୟ ଚଢ଼ିଥିଲା। ତା' ନାମରେ ଏମିତି ଅନେକ ଅଭିଯୋଗ ରହିଛି। ତେବେ କେଉଁ କାରଣ ପାଇଁ ସେ ପ୍ରତିମୂର୍ତ୍ତିରେ ନିଆଁ ଲଗାଇଛି, ତାହା ସ୍ପଷ୍ଟ ହୋଇପାରିନାହିଁ। ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ବେଳେ ଘଟଣାର ତଦନ୍ତ ଠିକଣା ଭାବେ କରାଯାଉଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଜି କହିଛନ୍ତି । ଏହା ପଛରେ କାହାର ହାତ ରହିଛି କି ନାହିଁ, ତାହା ଜାଣିବା ସକାଶେ ପୁଲିସ୍ ତନାଘନ ଚଳାଇଛି।

## ବିଜୁଙ୍କ ବିରୋଧରେ...

ପ୍ରତି କ୍ଷେତ୍ରରେ ବିଜୁ ବାବୁଙ୍କ ନାଁ ଲିଭାଇବାକୁ ଷଡ଼ଯନ୍ତ୍ର କରାଯାଉଛି ।

ଓଡ଼ିଶାବାସୀ ବିଜେପିର ଏହି ହୀନ କାର୍ଯ୍ୟକୁ କଦାପି କ୍ଷମା ଦେବେନି ବୋଲି ବିଜେଡି ଚେତାଇଦେଇଛି। ଏହି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରାଗଲେ, ଏହାର ଠିକଣା ଜବାବ ଲୋକେ ଦେବେ। ବିଜେପି ସରକାରରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଉପରେ ବି ଆକ୍ରମଣ ହେଉଛି, ପୂର୍ବତନ ବିଧାୟକ ବି ଆକ୍ରମଣର ଶିକାର ହୋଇଛନ୍ତି। ସରକାରଙ୍କ ଦୁର୍ବଳତାର ଫାଇଦା ନେଇ ଅପରାଧୀ ଏପରି କାଣ୍ଡ ଘଟାଉଥିବା ବିଜେଡି ଅଭିଯୋଗ କରିଛି। ବିଜୁ ବାବୁଙ୍କ ଜନ୍ମଦିନ ପୂର୍ବରୁ ମାହାଙ୍ଗାରେ ମୁଣ୍ଡ ଉଡ଼ାଇଲେ ଓ ତିରୋଧାନ ଦିବସ ପୂର୍ବରୁ ପ୍ରତିମୂର୍ତ୍ତି ଜଳାଗଲା। ଏହା କ'ଣ ଓଡ଼ିଆ ଅସ୍ମିତାର ପରିଚୟ ବୋଲି ବିଜେଡି ପ୍ରଶ୍ନ କରିଛି ।

## ବିଜୁ ମୂର୍ତ୍ତି...

ଘଟିଥିଲା। ଯେଉଁ ଜିପ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା, ତାହା ଜଣେ ରାଜନୈତିକ ବ୍ୟକ୍ତିଙ୍କ ନାଁରେ ପଞ୍ଜିକୃତ ଥିବାରୁ ଏହା ଏକ ରାଜନୈତିକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା। ଜଣେ ଉଦୀୟମାନ ଛାତ୍ରନେତାଙ୍କୁ ଏଭଳି ହତ୍ୟା ସେତେବେଳେ ରାଜ୍ୟ ରାଜନୀତିକୁ ଦୋହଲାଇଦେଇଥିଲା । ୧୯୭୪ରୁ ଚାଲିଥିବା ଏହି ମାମଲାର ୪୧ ବର୍ଷ ପରେ ୨୦୧୫ରେ ଫଏସଲା ହୋଇଥିଲା। ଏହି ହତ୍ୟାକାଣ୍ଡରେ ସାମିଲ ଥିବା ଅନେକ ଅଭିଯୁକ୍ତଙ୍କ ମାମଲା ଫଏସଲା ବେଳକୁ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡରେ କଂଗ୍ରେସ ସରକାରର ଜଣେ ବରିଷ୍ଠ ନେତା ନାମ ମଧ୍ୟ ଥିଲା। ତେବେ ମାମଲା ଫଇସଲା ସମୟରେ ଯେଉଁ କେତେଜଣ ଜୀବିତ ଥିଲେ, ସେମାନେ ବାର୍ଦ୍ଧ୍ୟକଜନିତ କାରଣ ଦର୍ଶାଇ ଦଣ୍ଡ କୋହଳ ପାଇଁ ଆବେଦନ କରିଥିଲେ। ହେଲେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ପରିଣତ ବୟସରେ ବି ସେମାନେ ଜେଲ ଯାଇଥିଲେ। ଛାତ୍ରନେତା ପର୍ଶୁରାମଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉକ୍ତ ସ୍ଥାନରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ସହ ପର୍ଶୁରାମ ଛକ ଭାବେ ନାମକରଣ ପାଇଁ ବ୍ରାହ୍ମଣ ସମାଜ ସ୍ଥିର କରିଥିଲା। ହେଲେ ଏଥିରେ ରାଜନୀତି ପଶିବା ସହ ତତ୍କାଳୀନ ବିଜେଡି ବିଧାୟକ ସରୋଜ ମେହେର ରାତାରାତି ବିଜୁଙ୍କ ପ୍ରତିମୂର୍ତ୍ତି ବସାଇଥିଲେ। ଫଳରେ ଏହାକୁ ନେଇ ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ଯେଉଁଥିପାଇଁ ବିଜୁ ସେବେଠାରୁ ମୁହଁ ବନ୍ଧାହୋଇ ଛିଡା ହୋଇଥିଲେ ଓ ଆଜି ଜଣେ ମାନସିକ ବିକୃତଙ୍କ ଶିକାର ହୋଇଗଲେ।

## ଗାଁକୁ ନେଇ...

ବିଧାୟକମାନଙ୍କୁ ନିଜ ପ୍ରୋଜେକ୍ଟ କରିବାକୁ ବାଟ ରଖିଛନ୍ତି। ଗୋଟେ ଗୋଟେ ପଂଚାୟତକୁ ମାତ୍ର ୮ ରୁ ୧୬ ଲକ୍ଷ ଟଙ୍କା ଆସିବ। ଉପକୂଳରେ ଥିବା ପଂଚାୟତରେ ୨୪ ଖଣ୍ଡ ୱାର୍ଡ ରହୁଛି। ୨୫ ରୁ ୩୦ ରାଜସ୍ୱ ଗ୍ରାମ ରହୁଛି। ସେ ସବୁ ଗାଁ ପାଇଁ କେଉଁଠୁ ଅର୍ଥ ଆଣିବେ ବୋଲି ବିଜେଡି ପ୍ରଶ୍ନ କରିଛି। ନୂଆ ସରକାର ଗାଁ ଗାଁ ଭିତରେ ଗଣ୍ଡଗୋଳ ଲଗାଇବାକୁ ଚକ୍ରାନ୍ତ କରୁଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାରେ ବର୍ତ୍ତମାନ ସୁଦ୍ଧା କୌଣସି ଅସୁବିଧା ନାହିଁ। ୨୦୦୨ର ଓପିଡବ୍ଲୁ କୋଡକୁ ଆଧାର କରି ସବୁ କାମ ହେଉଛି। କୋଡ ଅନୁସାରେ ଗ୍ରାମ ସଭାରେ ପାରିତ ହେବ, ପଞ୍ଚାୟତ ସମିତି ଅନୁମୋଦନ କରିବ, ଜିଲ୍ଲାପାଳ ଅନୁମୋଦନ ପରେ କାମ ହେଉଛି। ଗାଁର କାମ ହେବ ଗାଁ ଲୋକ କରିବେ। ଗାଇଡ଼ ଲାଇନ କୌଣସି ପରିବର୍ତ୍ତନ ହୋଇନାହିଁ। ୨୦୧୮ ମାର୍ଚ୍ଚ ୫ରେ ପୂର୍ବ ସରକାର ଆରମ୍ଭ କରିଥିଲେ ଆମ ଗାଁ ଆମ ବିକାଶ। ଏଥିରେ ଗାଁର ବିକାଶ ପାଇଁ ୬୨,୮୫୭ ପ୍ରକଳ୍ପରେ ୧୫୫୪ କୋଟି ଖର୍ଚ୍ଚ କରିବେ କହିଥିଲେ। ହେଲେ ପରିବର୍ତ୍ତି ସମୟରେ ଏଥିରେ ଅନିୟମିତା ଓ ଦୁର୍ନୀତିର ପ୍ରମାଣ ପାଇଥଇଲେ ସିଏଜି। ତେଣୁ ୨୦୨୪ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଆମ ଓଡିଶା ନବୀନ ଓଡିଶା ଯୋଜନା ଆରମ୍ଭ କରିଥିଲେ ଏଥିରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ହିସାବରେ ୯୦,୭୨୩ ପ୍ରକଳ୍ପ କରିବେ କହିଲେ ଏଥିପାଇଁ ୩୩୧୭ କୋଟି ଖର୍ଚ୍ଚ ହେବ ବି କହିଲେ। ହେଲେ ଅନେକ ସ୍ଥାନରେ କେବଳ ଶୁଭ ଦେବାରେ ସୀମିତ ରହିଲା ଗାଁ ବିକାଶର କାମ। ଗାଁ ବିକାଶ ନାଁରେ କର୍ମୀ ପୋଷା ହେବାର ଆସିଲା ଅଭିଯୋଗ। ଯେଉଁଥି ପାଇଁ ବିଜେପି କ୍ଷମତାକୁ ଆସିବା ପରେ ସ୍ୱଚ୍ଛତାର ସହ ଗାଁ ବିକାଶକୁ ଆଗେଇ ନେବାକୁ ଆରମ୍ଭ କରିଛନ୍ତି ବିକଶିତ ଗାଁ ବିକଶିତ ଓଡ଼ିଶା।



# ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ଖର୍ଚ୍ଚ ହେବ ୩୪୫କୋଟି ଟଙ୍କା

**କାକଟପୁର/ଅସ୍ତରଙ୍ଗ, ୧୫।୪ (ସଂଚାର ବ୍ୟୁରୋ):** ନୂଆ ରୂପ ପାଇବ ପୁରୀ ଜିଲ୍ଲା କାକଟପୁର ମା' ମଙ୍ଗଳାଙ୍କ ପୀଠ । ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ୩୪୫କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ଡିପିଆର ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର । ଏ ନେଇ ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସେହିଭଳି ମା' ମଙ୍ଗଳା ପୀଠରେ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତୁତ ହୋଇଛି ଡିପିଆର୍ । ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ ହେବ ୧୨୨ କୋଟି ଟଙ୍କା । ସୂଚନା ଅନୁଯାୟୀ, ମଙ୍ଗଳବାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମା' ମଙ୍ଗଳା ମନ୍ଦିର ପରିଦର୍ଶନ କରିଛନ୍ତି। ବୈଶାଖ ମାସର ପ୍ରଥମ ମଙ୍ଗଳବାରରେ ମା' ମଙ୍ଗଳାଙ୍କ ମନ୍ଦିରରେ ଝାମୁ ଯାତ୍ରା ପାଳନ ହୋଇଥାଏ ତେଣୁ ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମା' ମଙ୍ଗଳା ମନ୍ଦିର ପରିସରରେ ପହଞ୍ଚି ମା'ଙ୍କୁ ଦର୍ଶନ କରିଥିଲେ। ଦର୍ଶନ ପରେ ଉପ ମୁଖ୍ୟମନ୍ତ୍ରୀ କାକଟପୁର ମା' ମଙ୍ଗଳାଙ୍କ ପୀଠରେ ସୌନ୍ଦର୍ଯ୍ୟକରଣ ପାଇଁ ଡିପିଆର ପ୍ରସ୍ତୁତ ହୋଇଛି ବୋଲି ସୂଚନା ଦେଇଛନ୍ତି। ସେହିପରି ଗସ୍ତ ସମୟର ଫଟୋ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିବା ସହ ଲେଖିଛନ୍ତି ' ବୈଶାଖ ମାସର ପ୍ରଥମ ମଙ୍ଗଳବାରରେ ଆଜି କାକଟପୁର ମା'ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁ ଯାତ୍ରା ଅବସରରେ ମା'ଙ୍କ ଦର୍ଶନର ସୌଭାଗ୍ୟ ପ୍ରାପ୍ତ କଲି । ମା'ଙ୍କ ଆଶୀର୍ବାଦରୁ ଆମ ରାଜ୍ୟ ଓ ଦେଶର ଆହୁରି ପ୍ରଗତି ହେଉ ଏହା ହିଁ ପ୍ରାର୍ଥନା । ଏହି ଅବସରରେ ଗ୍ରୀଷ୍ମ ତାତିରୁ ଉପଶମ ପାଇଁ ମନ୍ଦିର ପ୍ରାଙ୍ଗଣରେ ପଣା ବଣ୍ଟନ କରିଥିଲେ।

## କାକଟପୁରରେ ସୁଭଦ୍ରା ଶକ୍ତି ସମାରୋହ ଓ ସେବା କେନ୍ଦ୍ର

# ଲକ୍ଷପତି ଦିଦି ଓଡ଼ିଶା ମହିଳା ସଶକ୍ତୀକରଣର ନୂତନ ଅଧ୍ୟାୟ

**କାକଟପୁର/ଅସ୍ତରଙ୍ଗ, ୧୫।୪ (ସଂଚାର ବ୍ୟୁରୋ):** ମହିଳା ସଶକ୍ତୀକରଣ କେବଳ ଏକ ନୀତିଗତ ପ୍ରସଙ୍ଗ କିମ୍ବା ରାଜନୈତିକ ଆଭିମୁଖ୍ୟ ନୁହେଁ; ଏହା ଏକ ସମୃଦ୍ଧ ସମାଜର ମୂଳଦୂଆ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶନ ଓ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆମେ 'ଲକ୍ଷପତି ଦିଦି' ନାମରେ ଏକ ଅଭିନବ ଓ ପ୍ରଭାବଶାଳୀ ଅଭିଯାନ ମାଧମରେ ମହିଳାମାନଙ୍କର ସାମାଜିକ ତଥା ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଆରମ୍ଭ କରିଛୁ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବକ୍ତବ୍ୟରେ କହିଥିଲେ ଯେବେ ମୁଁ ମହିଳା ସଶକ୍ତୀକରଣର ବିକାଶ ପଥ ଉପରେ ଦୃଷ୍ଟିପାତ କରେ, ରାଜ୍ୟର କୋଣ ଅନୁକୋଣରେ ସାକ୍ଷାତ ହୋଇଥିବା ମହିଳାମାନଙ୍କ କଥା ମୋ ସ୍ମୃତିପଟଳରେ ଜୀବନ୍ତ ହୋଇଉଠେ, ଯେଉଁ ମହିଳାମାନେ ଏକଦା କେବଳ ଆର୍ଥିକ ସ୍ୱାଧୀନତା ପାଇବା ନିମନ୍ତେ ସଂଘର୍ଷ କରୁଥିଲେ, ଆଜି ସେମାନେ ସଫଳ ଉଦ୍ୟୋଗର ନେତୃତ୍ୱ ନେଉଛନ୍ତି। ଆମ ସରକାରଙ୍କ ଲକ୍ଷ୍ୟଭିତ୍ତିକ ପ୍ରୟାସ ନିରନ୍ତର ଭାବେ ପ୍ରତ୍ୟେକ ମହିଳାଙ୍କ ଅନ୍ତର୍ନିହିତ ସାମର୍ଥ୍ୟକୁ ଜାଗ୍ରତ କରିବା ଦିଗରେ ଉଦ୍ୟମରତ, ଯଦ୍ୱାରା ସେମାନେ ଓଡ଼ିଶାର ବିକାଶ କାହାଣୀରେ ଅଗ୍ରଣୀ ଭୂମିକା ନିର୍ବାହ କରିପାରିବେ। ଅତ୍ୟନ୍ତ ଗର୍ବ




ଓ ଗଭୀର ଦାୟିତ୍ୱବୋଧ ସହିତ ଆମେ ୨୦୨୭ ସୁଦ୍ଧା ଓଡ଼ିଶାରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛୁ।

ମଙ୍ଗଳବାର ଦିନ ପୁରୀ ଜିଲ୍ଲା କାକଟପୁର ବ୍ଲକ ପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ, କାକଟପୁର ପରିସରରେ ସୁଭଦ୍ରା ଶକ୍ତି ସମାରୋହ ଓ ସେବା କେନ୍ଦ୍ର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉପସ୍ଥିତ ରହି ମହିଳାଙ୍କ ଦ୍ୱାରା ହସ୍ତଶିଳ୍ପ ନିର୍ମିତ ସାମଗ୍ରୀ ଷ୍ଟଲ ଉଦ୍‌ଘାଟନ କରିବା ସହ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ଏହା ପରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସୁଭଦ୍ରା ଶକ୍ତି ସମାରୋହ ବୈଠକରେ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମୁଖ୍ୟ ବକ୍ତା ଜିଲ୍ଲା ସମାଜକଲ୍ୟାଣ ଅଧିକାରିଣୀ ତନୁପ୍ରଭା ବେହୁରା, ସଂମ୍ମାନିତ ଅତିଥି ଅସ୍ତରଙ୍ଗ ସିଡିପିଓ ମମତା ନାୟକ, କାକଟପୁର ସିଡିପିଓ ମେରୀ ମାଇକେଲ, ଜଗତସିଂହପୁର ସାଂସଦଙ୍କ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ସୁରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ସଭା ପରିଚାଳନା କରିଥିଲେ ପ୍ରତାପ ରାଉତ। ପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ କାକଟପୁରର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଦ୍ୟାଳୟ ତରଫରୁ ପ୍ରଶଂସାପତ୍ର ପ୍ରଦାନ ସହ ଏକ ଅନୁରୋଧ ପତ୍ର ପ୍ରଦାନ କରିଥିଲେ।

ସୁଭଦ୍ରା ଶକ୍ତି ସମାରୋହରେ ଉପମୁଖ୍ୟମନ୍ତ୍ରୀ ଅଭିଭାଷଣରେ କହିଥିଲେ ମିଶନ ଶକ୍ତି ସହାୟତାରେ ଓଡ଼ିଶା ଜୀବିକା ମିଶନ (ଓଏଲ୍‌ଏମ୍) ଏହି ଉଲ୍ଲେଖନୀୟ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ପ୍ରତି ଆମର ଦୃଷ୍ଟିକୋଣ କେବଳ ଆର୍ଥିକ ସହାୟତା ନୁହେଁ, ବରଂ ବ୍ୟାପକ ତାଲିମ, ଦକ୍ଷତା ବୃଦ୍ଧି, ଆର୍ଥିକ ସାକ୍ଷରତା ଏବଂ ବଜାର ସଂଯୋଗକୁ ମଧ ଅନ୍ତର୍ଭୁକ୍ତ କରେ। ଆମେ ଏକ ପରିବେଶ ସୃଷ୍ଟି କରିଛୁ ଯାହା ପ୍ରତ୍ୟେକ ମହିଳାଙ୍କୁ ସେମାନଙ୍କ ଉଦ୍ୟୋଗୀ ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରୁ ଆରମ୍ଭ କରି ତାଙ୍କର ଉଦ୍ୟୋଗର ବିପଣନ ଏବଂ ବିସ୍ତାର ପର୍ଯ୍ୟନ୍ତ ସମର୍ଥନ ଯୋଗାଇବା ସୁନିଶ୍ଚିତ କରିବ। ଲକ୍ଷପତି ଦିଦି ଅଭିଯାନ ଇତିମଧରେ ଓଡ଼ିଶାରେ ୮ ଲକ୍ଷରୁ ଅଧିକ ମହିଳା ଉଦ୍ୟୋଗୀଙ୍କ ଜୀବନକୁ ପରିବର୍ତ୍ତନ କରିଛି, ଯାହାକି ଅତ୍ୟନ୍ତ ସ୍ୱଳ୍ପ ସମୟ ମଧରେ ହାସଲ କରାଯାଇଥିବା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ। ଏହି ସଫଳତା କେବଳ ସଂଖ୍ୟାରେ ସୀମିତ ନୁହେଁ, ବରଂ ଆମର ଗ୍ରାମୀଣ ମହିଳାମାନଙ୍କ ମଧରେ, ବିଶେଷକରି ଦୂରବର୍ତ୍ତୀ ଏବଂ ଆଦିବାସୀ ଅଞ୍ଚଳର ମହିଳାମାନଙ୍କ ମଧରେ ଥିବା ଦୃଢ଼ ସଂକଳ୍ପ ଏବଂ ପ୍ରତିଭାର ଏକ ପ୍ରମାଣ। ଏହି କାର୍ଯ୍ୟକ୍ରମ ରେ କାକଟପୁର ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ସହ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ଶେଷ ହେଲା ମା' ମଙ୍ଗଳାଙ୍କ ମଙ୍ଗଳବାର ଯାତ୍ରା

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା

**କାକଟପୁର/ଅସ୍ତରଙ୍ଗ, ୧୫।୪ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା ମଙ୍ଗଳାଙ୍କ ପୀଠ। ଚୈତ୍ର ମାସର ପ୍ରଥମ ମଙ୍ଗଳବାରରୁ ଆରମ୍ଭ କରି ପଞ୍ଚମ ମଙ୍ଗଳବାର ପର୍ଯ୍ୟନ୍ତ ପୀଠର ଶ୍ରେଷ୍ଠ ପର୍ବ ଦିବସ। କିନ୍ତୁ ଚୈତ୍ର ମାସର ପ୍ରଥମ ଚାରିଟି ମଙ୍ଗଳବାର ମା ମଙ୍ଗଳାଙ୍କ ପୀଠରେ 'ପାଳିଯାତ୍ରା' ଭାବେ ପାଳିତ ହେବା ବେଳେ ପଞ୍ଚମ ମଙ୍ଗଳବାର 'ଝାମୁଯାତ୍ରା' ରୂପେ ପାଳିତ ହୋଇଥାଏ। ଶେଷ ମଙ୍ଗଳବାର ଚୈତ୍ର ମାସରେ ନ ପଡ଼ି ବୈଶାଖ ମାସରେ ପଡିଲେ ବି ତାହା ପର୍ବ ରୂପେ ପାଳିତ ହୁଏ। ଯେଉଁ ବର୍ଷ ପଞ୍ଚମ ମଙ୍ଗଳବାର ଚୈତ୍ର ମାସରେ ପଡ଼େ, ତାହାକୁ ଅଧିକ



ପବିତ୍ର ବୋଲି ବିବେଚନା କରାଯାଏ, ତାହାକୁ 'ବାରୁଣୀ ଯାତ୍ରା' କୁହାଯାଏ। ଚୈତ୍ର ମାସ ପ୍ରଥମ ମଙ୍ଗଳବାରରେ ମା ମଙ୍ଗଳାଙ୍କ ନେତ୍ରୋତ୍ସବ ଠାରୁ ଆରମ୍ଭ ହୋଇ ଥିବା ମା'ଙ୍କ ପାଳିଯାତ୍ରା ଆଜି ପଞ୍ଚମ ପାଳି ମଙ୍ଗଳବାରରେ ଝାମୁ ଯାତ୍ରା ପରେ ଏହି ପାଳିଯାତ୍ରା ଶେଷ ହୋଇଛି। ବିଳମ୍ବିତ ରାତ୍ର ୩ଟାରୁ ମାଙ୍କର ସ୍ନାନ ମାର୍ଜଣା, ସୂର୍ଯ୍ୟପୂଜା, ବଲ୍ଲଭ ପୂଜା, ସକାଳ ଧୂପ,ଦ୍ୱାରପାଳ ପୂଜା ପରେ ମା ମଙ୍ଗଳା ରାଜା ରାଜେଶ୍ୱରୀ ବେଶ ପରେ ଭୋର ୫ ଘ ୩୦ମିନିଟରେ ସାହାଣମେଳା ଓ ସର୍ବସାଧାରଣ ଦର୍ଶନ ପହଡ ଖୋଲିଥିଲା । ମା'ଙ୍କ ଏହି ଦୁର୍ଲ୍ଲଭ ବେଶ ଦେଖିବାକୁ ଲକ୍ଷାଧିକ ଭକ୍ତ ମାଙ୍କୁ ଦର୍ଶନ କରିଥିଲେ । ଏଥି ସହ ଏହି ପଞ୍ଚମ ପାଳିରେ ମାନସିକ ରଖି ଗ୍ରାମାଞ୍ଚଳ ସଧବା ମହିଳା ମାନଙ୍କ ଦ୍ୱାରା ଚାଲିଥିବା ପଚ୍ଛେଇ ଓଷା ଶେଷ ହୋଇଥିଲା ।

## ବ୍ଲକ ପ୍ରଶାସନର ମନମାନୀ ବିରୁଦ୍ଧରେ ଆମରଣ ଅନଶନ

# ସମର୍ଥନ ଦେଲେ ଅଧିକାଂଶ ପଞ୍ଚାୟତ ଜନପ୍ରତିନିଧି



**ନାଉଗାଁ, ୧୫।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ପ୍ରଶାସନର ମନମାନି ବିରୁଦ୍ଧରେ ବଛାଳୋ ପଞ୍ଚାୟତର ସରପଞ୍ଚ ପ୍ରିୟଦର୍ଶିନୀ ଲେଙ୍କା ଓ ସମିତି ସଭ୍ୟ ଚନ୍ଦନ କୁମାର ଲେଙ୍କା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଅନ୍ୟ ପଞ୍ଚାୟତର ଜନ ପ୍ରତିନିଧିମାନେ ତାଙ୍କୁ ସମର୍ଥନ ଜଣାଇ ଅନଶନସ୍ଥଳରେ ବସିଥିବା ଦେଖାଯାଇଛି। କିନ୍ତୁ ଖବର ଲେଖା ହେଲା ବେଳକୁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ସେମାନଙ୍କ ସହିତ ଆଲୋଚନା କରି ନଥିବା ଜଣାଯାଇଛି।

ସୂଚନା ମୁତାବକ ଗ୍ରାମ ପଞ୍ଚାୟତରେ ଏକ ବ୍ୟାଙ୍କ ସେବା ଗୃହ ନିର୍ମାଣ ନିମନ୍ତେ ୨୬ତମ ସାଧାରଣ ବୈଠକରେ ସ୍ଥାନ ନିରୁପଣ କରାଯାଇଥିଲା। କିନ୍ତୁ ଯେଉଁ ସ୍ଥାନ ନିରୁପଣ କରାଯାଇଥିଲା ସେହି ସ୍ଥାନରେ ଉକ୍ତ ଗୃହ ନିର୍ମାଣ କରା ନ ଯାଇ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚଙ୍କ ଅଜାଣତରେ ଅନ୍ୟ ଏକ ସ୍ଥାନରେ ନିର୍ମାଣ କରାଯାଇଛି। ଯାହାକୁ ନେଇ ଗତ ମାର୍ଚ୍ଚ ୨୯ରେ ଜିଲ୍ଲା ପ୍ରଶାସନ ସମେତ ବ୍ଲକ ଅଧକ୍ଷା ଓ ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ ହୋଇଥିଲା। ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଏପରିକି ଅଭିଯୋଗ ପରେ ବ୍ଲକ ଅଧକ୍ଷା ତୃଷ୍ଣା ଲେଙ୍କା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ଅଙ୍କିତା ଜାଲି, ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ସୋନାଲି ମଲ୍ଲିକ ଆଦି କାର୍ଯ୍ୟସ୍ଥଳକୁ ଯାଇ ତଦାରଖ କରିଥିଲେ ମଧ ଉକ୍ତ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ବ୍ଲକ ପ୍ରଶାସନର ଏଭଳି ମନମାନି ପାଇଁ ଉକ୍ତ ପଞ୍ଚାୟତର ସରପଞ୍ଚ ଲେଙ୍କା ଓ ସମିତି ସଭ୍ୟ ଲେଙ୍କା ଆମରଣ ଅନଶନରେ ବସିଥିବା ବେଳେ ତାଙ୍କୁ ସମର୍ଥନ ଜଣାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଜିତ ପୁହାଣ, ଘୋଡାଂଶ ସମିତି ସଭ୍ୟ ତରୁଣକାନ୍ତ ବାରିକ, ଡାବର ସମିତି ସଭ୍ୟ ସୁବଳ ବେହେରା, ଡେରିକି ସରପଞ୍ଚ ପ୍ରଶାନ୍ତ ଜେନା, ଅଲଣା ସରପଞ୍ଚ ଚନ୍ଦ୍ରମଣୀ ବେହେରା, ସମାଜସେବୀ ଅନିଲ କୁମାର ଲେଙ୍କା, ଗୌରାଙ୍ଗ ସ୍ୱାଇଁଙ୍କ ସମେତ ଗ୍ରାମର ୧୦ଉର୍ଦ୍ଧ୍ୱ ମହିଳା ଅନଶନସ୍ଥଳରେ ବସିଥିବା ଦେଖାଯାଇଛି। ଅନ୍ୟପଟରେ ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର ଦୁଇ ମାସ ହେବ ନାଉଗାଁ ବିଡିଓ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ମାତ୍ର ବ୍ଲକ କାର୍ଯ୍ୟାଳୟକୁ ୩-୪ ଥର ଆସିଥିବା ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଏ ସମ୍ପର୍କରେ ବିଡିଓ ଶ୍ରୀ ମିଶ୍ରଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇପାରିନାହିଁ।



# ପୌର ପରିଷଦରେ ଓଡ଼ିଆ ପକ୍ଷ ପାଳନ

**ନୟାଗଡ଼, ୧୫।୪ (ସଂଚାର ବ୍ୟୁରୋ):** ନୟାଗଡ଼ ପୌର ପରିଷଦରେ ଓଡ଼ିଆ ନବବର୍ଷ ପାଳନ, ହୁଳହୁଳି, ଝୋଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗୀତା । ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ନୟାଗଡ଼ ପୌର ପରିଷଦ ପକ୍ଷରୁ ଓଡ଼ିଆ ନବବର୍ଷ ଓ କାକେରା, ଆରିଶା, ଇଟିଲି, ଚକୁଳି ପ୍ରଭୃତି ପାରମ୍ପରିକ ଓଡ଼ିଆ ଚଳଣୀର ପିଠାପଣାକୁ କର୍ମଚାରୀମାନେ ପ୍ରସ୍ତୁତ କରି ଏକ ପରମ୍ପରା ସୃଷ୍ଟି କରିଥିଲେ। ପ୍ରତିଟି ମଣିଷ ଏହି ଜଳଖିଆକୁ ଖାଇବାକୁ ସଚେତନତା କାରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧକ୍ଷା ନିରୁପମା ଖଟେଇ, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । କୋଷାଧକ୍ଷ ଶିଶିର ମହାପାତ୍ର, ଗୋଷ୍ଠୀ ସଂଗଠିକା ଇନ୍ଦୁମତୀ ପରିଡା ଓ ୱାର୍କ୍ ସରକାର ରଞ୍ଜନ କୁମାର ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ କର୍ମଚାରୀମାନେ ଏକାଠି ବସି ଜଳଖିଆ ଖାଇଥିଲେ ।

# ଚୋରା ନିଶା କାରବାରକୁ ସୁରକ୍ଷା ଦେଉଛି କି ପୁଲିସ ?

**ନାଉଗାଁ, ୧୫।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରା ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହି ଥାନା ଅଞ୍ଚଳର ନାଉଗାଁ ବଜାର, ଗଙ୍ଗଦାହାଟ, ଅଲଣାହାଟ, ମୁଣ୍ଡାଲୋ ବଜାର, କଣ୍ଟୁଣିଆହାଟ, ଅଙ୍ଗେଶ୍ୱରପଡ଼ା ଉଚ୍ଚ ବିଦ୍ୟାଳୟ ନିକସ୍ଥ, ଶିଖର, ଅରଖକୁଦ, ଏରେଡା, ଗଜରାଜପୁର, ମଧୁପୁର, କୁଣ୍ଡେଶ୍ୱର, ତିରୁଣା, ଓଷକଣା, ପୋକାମୂଳ ସମେତ ବିଭିନ୍ନ ଅଞ୍ଚଳରେ ମଦ, ଗଂଜେଇ ଓ ଧଳା ଜହର କାରବାର ବ୍ୟାପକ ମାତ୍ରା ବୃଦ୍ଧି ପାଇଛି। କିନ୍ତୁ ଏହା ଉପରେ ସ୍ଥାନୀୟ ପୋଲିସ ପ୍ରଶାସନ ରୋକ ଲଗାଇବାରେ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଏପରିକି ନାଉଗାଁ ବଜାର ଓ ବ୍ଲକଛକ



ନିକଟରେ ଥିବା ଦୁଇଟି ସରକାରୀ ମଦ ଦୋକାନ ନିକଟରେ ମଦ ଦୋକାନ ଖୋଲା ହେବା ଠାରୁ ଦୋକାନ ବନ୍ଦ ହେବା ପର୍ଯ୍ୟନ୍ତ ମଦ୍ୟପଙ୍କ ଦ୍ୱାରା ଏପରି ପରିସ୍ଥିତି ସୃଷ୍ଟି ହେଉଛି। ରାସ୍ତାରେ ଝିଅ ବୋହୁଙ୍କୁ ନେଇ ଯିବା ଆସିବା କରିବା ପାଇଁ ସାଧାରଣ ଲୋକ ଉଚିତ ମଣୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ନାଉଗାଁ ଥାନା ନିକଟରେ ଏକ ବିରାଟକାୟ ଗଞ୍ଜେଇ ଗଛ ରହିଛି। ଥାନାଧିକାରୀଙ୍କ ସମେତ ଥାନାର ଅନ୍ୟ କର୍ମଚାରୀମାନେ ସେହିପଟରେ ଯାତାୟତ କରୁଥିଲେ ମଧ ସେମାନଙ୍କର ନଜର ନ ପଡ଼ିବା ଥାନାଧିକାରୀଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଉପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କୁହୁଡ଼ି ପଞ୍ଚାୟତରେ ଖୋର୍ଦ୍ଧା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି

**ଖୋର୍ଦ୍ଧା, ୧୫।୪ (ସଂଚାର ବ୍ୟୁରୋ):** ଆଜି ସକାଳ ୭ଘଟିକା ସମୟରୁ ପୂର୍ବାହ୍ନ ୧୦ ଘଟିକା ପର୍ଯ୍ୟନ୍ତ ଟାଙ୍ଗୀ ବ୍ଲକ ଅନ୍ତର୍ଗତ, କୁହୁଡ଼ି ଗ୍ରାମ ପଂଚାୟତ ସଭାଗୃହ ଠାରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥଙ୍କ ମିଳିତ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି ।

ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଖୋର୍ଦ୍ଧା, ଜ୍ୟୋତି ଶଙ୍କର ସାହୁ, ବିଡିଓ ଟାଙ୍ଗୀ ରୁମାନା ଜାଫ୍ରି, ତହସିଲଦାର ମିତାଲି ପାତ୍ର ଯୋଗଦେଇ ଥିଲେ। ଆଜିର ଅଭିଯୋଗ ଶିବିରକୁ ମୋଟ ୩୮୪ଟି ଅଭିଯୋଗ




ଆସିଥିବା ବେଳେ ତନ୍ମଧ୍ୟରୁ ୩୫୪ଟି ଅଭିଯୋଗ ବ୍ୟକ୍ତିଗତ, ୨୦ଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୫ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ଜଣ ଅଭିଯୋଗକାରୀଙ୍କୁ ମୋଟ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ଏବଂ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୨ ଜଣ ଅଭିଯୋଗକାରୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୧୨ ହଜାର ଟଙ୍କା ଆର୍ଥିକ ସାହାଯତା ରାଶି ଯୋଗାଇଦେଇଥିଲେ । ସେହି ପରି ଜଣେ ଅଭିଯୋଗ କାରିଙ୍କୁ ଟ୍ରାଇ ସାଇକେଲ ଏବଂ ୨ ଜଣ ଅଭିଯୋଗକାରୀଙ୍କୁ ୨ ଗୋଟି କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା । ପରେ ଜିଲ୍ଲାପାଳ ଶ୍ରୀ ରାଣା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି , ଓଡିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ପ୍ରାଣୀ ଚିକିତ୍ସା ବିଭାଗ, ପଂଚାୟତ ଆମ୍ବ ବଗିଚା ବୁଲି ଦେଖି ଖୁସି ପ୍ରକାଶ କରିଥିଲେ। ଏଥିରେ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# କଂଗ୍ରେସର ମଶାଲ ଶୋଭାଯାତ୍ରା

**ଖୋର୍ଦ୍ଧା, ୧୫।୪ (ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳା ମାନଙ୍କ ପ୍ରତି ବଢ଼ି ଚାଲିଥିବା ନିର୍ଯ୍ୟାତନା , ହିଂସା, ଦୁଷ୍କର୍ମ,ବଳାତ୍କାର ବିରୁଦ୍ଧରେ କଂଗ୍ରେସ ନେତ୍ରୀ ସୋନାଲି ସାହୁଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଖୋର୍ଦ୍ଧା ବ୍ୟାଙ୍କ ଛକ ଠାରୁ ବାହାରି ଗୀତାଭବନ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଏହି ପରିପ୍ରେକ୍ଷୀରେ କଂଗ୍ରେସ ନେତ୍ରୀ ସୋନାଲି ସାହୁ କହିଛନ୍ତି ସାରା ରାଜ୍ୟରେ ୧୦ ମାସର ସରକାର ସମୟରେ ୨୪ ହଜାର ରୁ ଉର୍ଦ୍ଧ ମହିଳାଙ୍କ ପ୍ରତି ହିଂସା ହୋଇଥିବା ବେଳେ ୨୦୦୦ରୁ ଉର୍ଦ୍ଧ ମହିଳା ବଳାତ୍କାରର ଶିକାର ହୋଇଛନ୍ତି । ସେହିପରି ସରକାରୀ ଆବାସିକ ବିଦ୍ୟାଳୟରେ ପଢୁଥିବା ଛୋଟ ଛୋଟ ନାବାଳିକ ମାନେ ଅନ୍ତଃସ୍ୱତ୍ତା ହେବା ଓ ଶିଶୁଙ୍କୁ ଜନ୍ମଦେବା ଚିନ୍ତାର ବିଷୟ ପାଲଟିଛି । କେବଳ ସେତିକି ନୁହେଁ ୧୦ ମାସର ସରକାରରେ ପ୍ରାୟ ୬୪ ଜଣ ଗଣଦୁଷ୍କର୍ମର ଶିକାର ହୋଇଥିବା ବେଳେ ୬୦ ହଜାରରୁ ଉର୍ଦ୍ଧ ମହିଳା ଓ ଶିଶୁ ନିଖୋଜ ହୋଇଛନ୍ତି । ସେମାନେ କୁଆଡେ ଗଲେ କୌଣସି ପତ୍ତା ନମିଳିବା ସନ୍ଦେହକୁ ଆହୁରି ଦୃଢ଼ୀଭୁତ କରୁଛି । ନିଖୋଜ ହୋଇଥିବା ମହିଳା ଓ ଶିଶୁ ଅଙ୍ଗ ତସ୍କରୀ ର ଶିକାର ହୋଇଛନ୍ତି କି ସେମାନଙ୍କୁ ଯୌନ ଶୋଷଣ କରାଯାଉଛି , ସେ ବିଷୟରେ ସରକାର ଆଦୌ ଚିନ୍ତିତ ନୁହଁନ୍ତି । ତେଣୁ ସରକାର ମହିଳାଙ୍କ ସୁରକ୍ଷା ,ସମ୍ମାନ ଓ ସ୍ୱାଭିମାନକୁ ସୁନିଶ୍ଚିତ କରିବା ପାଇଁ ଆଜି ସାରା ରାଜ୍ୟ ସମେତ ଖୋର୍ଦ୍ଧାରେ ମଧ ମଶାଲ ଶୋଭାଯାତ୍ରା ମାଧମରେ କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି ପାଇଁ ପ୍ରୟାସ କରାଯାଉଛି । ଏହି ଶୋଭାଯାତ୍ରାରେ କଂଗ୍ରେସ ଦଳର ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଏହି ମଶାଲ ଶୋଭାଯାତ୍ରାକୁ ସଫଳ କରିଥିବାରୁ କଂଗ୍ରେସ ନେତ୍ରୀ ସୋନାଲି ସମସ୍ତଙ୍କୁ ଧନ୍ୟବାଦ ଧନ୍ୟବାଦ ଦେଇଛନ୍ତି ।

# ବାହୁଡ଼ାଚଣ୍ଡୀଙ୍କ ପୀଠରେ ରାମଲୀଳା

**କୁଜଙ୍ଗ, ୧୫।୪ (ସଂଚାର ବ୍ୟୁରୋ):** ଓଡ଼ିଆ ନବବର୍ଷ ଓ ରାମନାବାମୀ ଉପଲକ୍ଷେ କୁଜଙ୍ଗ ପଂଚାୟତ ଅନ୍ତର୍ଗତ ବଳରାମପୁର ଗ୍ରାମର ଚିତ୍ରକାର ସାହିର ଆରାଧା ଦେବି ମା ବାହୁଡ଼ାଚଣ୍ଡୀ ନିକଟରେ ପ୍ରତି ବର୍ଷ ପରି ଚଳିତ ବର୍ଷ ରାମଲୀଳା ଅନୁଷ୍ଠିତ ହେଉଛି। ଗ୍ରାମର ଯୁବସଂଗଠ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁପେ ସମ୍ପାଦନ କରାଯାଇଅଛି।

## ନୟାଗଡ଼ ଜିଲ୍ଲା ଫୁଟବଲ ଚାମ୍ପିଅନ୍‌ସିପ୍ ସିଏମ ଟ୍ରଫି ଉଦ୍‌ଯାପିତ

# ଖଣ୍ଡପଡାକୁ ହରାଇ ବାଇଗଣିଆ ଚାମ୍ପିଅନ୍



**ନୟାଗଡ, ୧୫।୪ (ସଂଚାର ବ୍ୟୁରୋ):** ନୟାଗଡ଼ ଖେଳ ପଡିଆରେ ନୟାଗଡ଼ ଜିଲ୍ଲା ଫୁଟବଲ ଚମ୍ପିୟାନ ସିପ ୨୦୨୫ ସି.ଏମ ଟ୍ରଫି ସୋମବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି ୧୫ ବର୍ଷରୁ କମ ବର୍ଗର ଖେଳରେ ଅନୁଷ୍ଠିତ ଫାଇନାଲ ଖେଳରେ ସ୍ପୋର୍ଟ୍ସ ଆସୋସିଏସନ, ଖଣ୍ଡପଡା ସହିତ ୟୁଥ ସ୍ପୋର୍ଟ୍ସ ବାଇଗଣିଆ, ଭାପୁର ପରସ୍ପରକୁ ଭେଟିଥିଲେ। ତେବେ ଏହି ଫାଇନାଲ ଖେଳରେ ୟୁଥ ସ୍ପୋର୍ଟ୍ସସ୍ପୋର୍ଟ୍ସ ଆସୋସିଏସନ ବାଇଗଣିଆ, ଭାପୁର ଦଳ କ୍ରମାଗତ ୩ ଟି ଗୋଲ ସ୍କୋର କରି ଚମ୍ପିୟାନ ହୋଇ ଚମ୍ପିୟାନ ସିଲ ଗ୍ରହଣ କରିଥିବାବେଳେ ସ୍ପୋର୍ଟ୍ସ ଆସୋସିଏସନ, ଖଣ୍ଡପଡା ରନର୍ସ ଅପ ହୋଇ ରନର୍ସ ଅପ କପ ହାସଲ କରିଛନ୍ତି। ଆଜିର ଖେଳରେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ଧାରା ବିବରଣୀ ପ୍ରଦାନ କରିଥଲେ। ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଡ ଅରୁଣ କୁମାର ସାହୁ ଯୋଗ ଦେଇ ଉଭୟ ଦଳର ଖେଳାଳି ମାନଙ୍କ ସହ କରମର୍ଦ୍ଦନ କରିଥିଲେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ପୌରାଧକ୍ଷା ନିରୁପମା ଖଟେଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ଖେଳକୁ ଜିଲ୍ଲା କ୍ରୀଡା ଅଧିକାରୀ ସୁଜାତା ସାହୁ, ଜିଲ୍ଲା ଆଥଲେଟିକ ଆସୋସିସନର ସମ୍ପାଦକ ଅଶେଷ କୁମାର ଦାସ, ଅବସରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ଆଲୋକ ଦାଶ, ସହ ସମ୍ପାଦକ ବିନାୟକ ପ୍ରସାଦ ରାଓ, ଗନୁ ଦାସ, ରିଟୁ ମହାପାତ୍ର, ନଟ ମହାନ୍ତି ପ୍ରମୁଖ ଆଗେଇ ନେଇଥିଲେ।

# 'କୋଭିଡ ପରେ ଜଳବାୟୁ ପରିବର୍ତ୍ତନ ମାନବ ସମାଜ ପାଇଁ ବଡ଼ ସଙ୍କଟ'

**ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ):** କୋଭିଡର ବିଭୀଷିକା ପରେ ଜଳବାୟୁ ପରିବର୍ତ୍ତନ ହିଁ ମାନବ ସମାଜ ନିମନ୍ତେ ସବୁଠାରୁ ବଡ଼ ସଙ୍କଟ। ଏଥିପାଇଁ ଏ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ସବୁଠାରୁ ବଡ଼ ଆବଶ୍ୟକତା ବୋଲି ବିଶିଷ୍ଟ ପରିବେଶ ବିଜ୍ଞାନୀ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଡିଷ୍ଟିଙ୍ଗୁଇସଡ୍ ପ୍ରଫେସର ଉମା ଚରଣ ମହାନ୍ତି କହିଛନ୍ତି। ସାଇନ୍ସ ଫର କମନ୍ ପିପୁଲ ସୋସାଇଟି (ସ୍କୋପସ)ର ସଭାପତି ଥିବା ପ୍ରଫେସର ମହାନ୍ତି କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଖାଦ୍ୟ ନିରାପତା, ମାନବ ସ୍ୱାସ୍ଥ୍ୟ ଓ ଜଳ ସମ୍ପଦ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବ। ସୋଆ ବିଶ୍ୱବିଦ୍ୟାଳୟ ଠାରେ ନିକଟରେ ଅନୁଷ୍ଠିତ ସ୍କୋପସ୍‌ର ପରିଚାଳନା କମିଟିର ସଭାରେ ବକ୍ତବ୍ୟ ରଖି ସେ ଏହା କହିଛନ୍ତି।

ପୂର୍ବରୁ ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ଭୁବନେଶ୍ୱର ଠାରେ ଶିକ୍ଷାଦାନ କରିଥିବା ପ୍ରଫେସର ମହାନ୍ତି ବର୍ତମାନ ସୋଆ ପରିଚାଳିତ ସେଂଟର ଫର କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚର ଠାରେ ଡିଷ୍ଟିଙ୍ଗୁଇସଡ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି।

ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍କୋପସ୍‌ର ଲୋଗୋ ଉନ୍ମୋଚନ କରି କହିଥିଲେ ଯେ ଜନସାଧାରଣଙ୍କୁ ବିଜ୍ଞାନ ବିଷୟରେ ଅବଗତ କରାଇବା ନିମନ୍ତେ ବିଶ୍ୱବିଦ୍ୟାଳୟ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହା ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀକୁ ପ୍ରଭାବିତ କରିବା ସଂଗେ ସଂଗେ ସନ୍ତୁଳନ ସହ ବିକାଶକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ। ସ୍କୋପସର ସଦସ୍ୟ ରହିଥିବା ସୋଆ ଜନସାଧାରଣଙ୍କ ନିକଟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଉପଲବ୍ଧ ହେଉଥିବା ସଦ୍ୟତମ ଜ୍ଞାନ ପହଞ୍ଚାଇବା ନିମନ୍ତେ ଏକ ବହୁମୁଖୀ ଆଭିମୁଖ୍ୟ ଗ୍ରହଣ କରିଛି। ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ ଛାତ୍ରଛାତ୍ରୀମାନେ କୃଷକମାନଙ୍କ ସହ ସମୟ କ୍ଷେପଣ କରି କୃଷିର ଉନ୍ନତି ନିମନ୍ତେ ସେମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ।

ପ୍ରଫେସର ମହାନ୍ତି କୃଷି ଉତ୍ପାଦନକୁ ବର୍ଦ୍ଧିତ କରିବା ନିମନ୍ତେ ବିଭିନ୍ନ ଉପାୟ ଅବଲମ୍ବନ କରିବାର ଆବଶ୍ୟକତା ରହିଛି ବୋଲି କହି ଜଳବାୟୁ ପରିବର୍ତ୍ତନ କୃଷି ଉତ୍ପାଦନକୁ ପ୍ରଭାବିତ କରିପାରେ ବୋଲି ପ୍ରକାଶ କରିଥିଲେ।

ସ୍କୋପସର ସମ୍ପାଦକ ଡ. ନିହାର ରଞ୍ଜନ ଦାସ କହିଥିଲେ ଯେ ଏହି ଅନୁଷ୍ଠାନ ସ୍ଥାପନ ହେବା ପଛରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ପ୍ରୋତ୍ସାହନ ରହିଛି। କୋଭିଡର ବିଭୀଷକା ପରେ ପ୍ରଫେସର (ଡ) ନାୟକ ଚିନ୍ତା କରିଥିଲେ ଯେ ବିଜ୍ଞାନର କ୍ରମବିକାଶ ହେଉଥିବା ବେଳେ ଏହାର ଲାଭ ତୃଣମୂଳ ସ୍ତରରେ ପହଞ୍ଚିବା ଆବଶ୍ୟକ। ତାଙ୍କ ମତରେ ବିଜ୍ଞାନାଗାରରୁ ଉପଲବ୍ଧ ଲାଭ ଜନସାଧାରଣଙ୍କ ଉପକାରରେ ଆସିବା ଜରୁରୀ। ଏହି ଚିନ୍ତା ଫଳରେ ସ୍କୋପସ ଜନ୍ମ ଲାଭ କରିଛି ବୋଲି ଡ. ଦାସ କହିଥିଲେ।

ପ୍ରଫେସର ମହାନ୍ତି କହିଥିଲେ ଯେ ସ୍କୋପସ ମୂଳତଃ ଆଠଟି ବିଷୟ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି କାର୍ଯ୍ୟ କରୁଛି। ଏହି ବିଷୟଗୁଡ଼ିକ ମଧ୍ୟରେ ପାଣିପାଗ, ଜଳବାୟୁ ଓ ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ବିପର୍ଯ୍ୟୟ ଓ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ସୁରକ୍ଷା, ଶକ୍ତି, ଜଳ ସଂରକ୍ଷଣ ଓ ପରିଚାଳନା, ପରିବେଶ, ପ୍ରଦୂଷଣ ଓ ବର୍ଜ୍ୟବସ୍ତୁ ପରିଚାଳନା ଓ ସନ୍ତୁଳିତ ବିକାଶ ଅନ୍ତର୍ଭୁକ୍ତ।

ସ୍କୋପସ ମଧ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ 'ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ କ୍ଲାଇମେଟ ଅଲିମ୍ପିଆଡ' ତଥା ଉଷ୍ଣ ପ୍ରବାହ, ସାମୁଦ୍ରିକ ଝଡ଼, ବଜ୍ରପାତ ଓ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗ ବିଷୟରେ ସଚେତନତା ସୃଷ୍ଟି ନିମନ୍ତେ 'ଜନ ବିଜ୍ଞାନ ଯାତ୍ରା' ଆୟୋଜନ କରିବ ବୋଲି ସେ କହିଥିଲେ।

ଏହି ସଭାରେ ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ, ସେଂଟର ଫର କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚରର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଓ ସୋଆର ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।






# ଆଜିର ସୁନା ଦର

ସୁନା ବଜାରରେ ନିଆଁ। ଦିନକୁ ଦିନ ନୂଆ ରେକର୍ଡ କରୁଛି ସୁନା ଦର। ଆଗକୁ ୧ଲକ୍ଷ ୩୦ ହଜାର ଛୁଇଁବା ଅନୁମାନ କରିଛି ବିଦେଶୀ ନିବେଶକ ବ୍ୟାଙ୍କ ଗୋଲଡମ୍ୟାନ୍ ସାଚସ। ଆମେରିକା-ଚୀନ ମଧ୍ୟରେ ବଢୁଥିବା ବାଣିଜ୍ୟ ଯୁଦ୍ଧ ଏବଂ ମାନ୍ଦାବସ୍ଥା ଆଶଙ୍କା ମଧ୍ୟରେ ଏ ବର୍ଷ ସୁନା ଦର ନୂଆ ରେକର୍ଡ କରିପାରେ। ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୫, ୧୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୨୨୦ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫ ହଜାର ୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୨୨୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫, ୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭ ,୨୨୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୮୭, ୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୩୩୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୧୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୫, ୧୮୦ ଓ ୮୭ ,୧୮୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୯,୮୦୦ ଟଙ୍କା ହୋଇଛି।

## ଶେୟାର ବଜାରରେ ଜବରଦସ୍ତ ଉତ୍ସାହ

# ୧୭୫୦ ପଏଣ୍ଟ ଉପରକୁ ଉଠିଲା ସେନସେକ୍ସ

ମୁମ୍ବାଇ,୧୫।୪: ଆରବିଆଇ ରେପୋ ହାର ହ୍ରାସ ଠାରୁ ଆରମ୍ଭ କରି ଟ୍ରମ୍ପଙ୍କ ଇଲେକ୍ଟ୍ରୋନିକ୍ସ ଉପରେ ଶୁଳ୍କରୁ ମୁକ୍ତି ଦେବା ପର୍ଯ୍ୟନ୍ତ, ଏସୀୟ ବଜାରରୁ ଭାରତୀୟ ବଜାର ପର୍ଯ୍ୟନ୍ତ ସବୁକିଛି ଏକ ବୁଷ୍ଟର ଡୋଜ୍ ଭାବରେ କାମ କରିଛି। ଗୋଟିଏ ପଟେ ୱାଲ ଷ୍ଟ୍ରିଟରୁ ଜାପାନ ପର୍ଯ୍ୟନ୍ତ ଏସୀୟ ବଜାରରେ ଉଷ୍ମତା ଦେଖାଦେଇଥିଲା, ଅନ୍ୟପଟେ ମଙ୍ଗଳବାର ଭାରତୀୟ ଶେୟାର ବଜାର ମଧ୍ୟ ଉତ୍ସାହ ଦେଖିବାକୁ ମିଳୁଛି। ମାତ୍ର ୧୦ ସେକେଣ୍ଡ ମଧ୍ୟରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ବର୍ଷା ହୋଇଛି। ପ୍ରାରମ୍ଭିକ ବ୍ୟବସାୟରେ, ସେନସେକ୍ସ ପ୍ରାୟ ୧,୫୦୦ ପଏଣ୍ଟ କିମ୍ବା ୨ ପ୍ରତିଶତ ବୃଦ୍ଧି ପାଇଥିଲା। ସକାଳ ୯.୨୭ ସମୟରେ, ସେନସେକ୍ସ ୧୫୭୬.୪୫ ପଏଣ୍ଟ କିମ୍ବା ୨.୧୦ ପ୍ରତିଶତ ବୃଦ୍ଧି ପାଇ ୭୬,୭୩୩.୭୧ ରେ ପହଞ୍ଚିଥିଲା। ଯେତେବେଳେ ନିଫ୍ଟି ୪୭୦ ପଏଣ୍ଟ କିମ୍ବା ୨.୦୬ ପ୍ରତିଶତ ବୃଦ୍ଧି ପାଇ ୨୩,୨୯୮.୭୫ ରେ ପହଞ୍ଚିଛି। ବ୍ୟାଙ୍କ ନିଫ୍ଟି ୧୧୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇଛି। ସର୍ବାଧିକ ବୃଦ୍ଧି ପାଇଥିବା ଷ୍ଟକ୍‌ଗୁଡ଼ିକ ହେଉଛି ଟାଟା ମୋଟର୍ସ, ଏଚଡିଏଫସି ଭାରତୀ ଏୟାରଟେଲ୍, ଏଲଆଣ୍ଡଟି, ଏମଆଣ୍ଡଏମ, ଏମାନେ ସମସ୍ତେ ନିଫ୍ଟିର ସର୍ବାଧିକ ଲାଭକାରୀ। ପ୍ରାରମ୍ଭିକ କାରବାର ସମୟରେ, ବଜାଜ ଗ୍ରୁପ୍ କମ୍ପାନୀ ବଜାଜ ଫାଇନାନ୍ସର ସେୟାର ପ୍ରାୟ ୩.୫% ବୃଦ୍ଧି ପାଇଥିଲା। ଟାଟା ମୋଟର୍ସ ୫ ପ୍ରତିଶତ ବୃଦ୍ଧି ପାଇ ନିଫ୍ଟିରେ ସର୍ବାଧିକ ଲାଭକାରୀ ହୋଇଛି। ଯେତେବେଳେ ଆଇଟି, ମେଟାଲ ଏବଂ ରିଅଲ୍ଟି ଷ୍ଟକରେ ମଧ୍ୟ ଜୋରଦାର ଉତ୍ସାହ ଦେଖିବାକୁ ମିଳିଥିଲା।

ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ମାର୍ଟଫୋନ ଏବଂ କମ୍ପ୍ୟୁଟରକୁ ଶୁଳ୍କ ପରିସରରୁ ବାହାରେ ରଖିବା ନିଷ୍ପତ୍ତି ନେବା ପରେ ପ୍ରଯୁକ୍ତିବିଦ୍ୟା ଷ୍ଟକଗୁଡ଼ିକ ବୃଦ୍ଧି ପାଇଥିଲା ଏବଂ ୱାଲ ଷ୍ଟ୍ରିଟ୍ ସକାରାତ୍ମକ ଦେଖାଦେଇଥିଲା।




କିଛି ଅଟୋମୋବାଇଲ ନିର୍ମାତାଙ୍କୁ ସାହାଯ୍ୟ କରିବା ବିଷୟରେ ଟ୍ରମ୍ପଙ୍କ ବିବୃତ୍ତି ପରେ, ଅଟୋ କ୍ଷେତ୍ରର ଷ୍ଟକରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିଥିଲା ଏବଂ ନିବେଶକଙ୍କ ଭାବନା ସକାରାତ୍ମକ ହୋଇଥିଲା। ଆମେରିକା ସରକାର ଚାଇନାରୁ ବହୁ ପରିମାଣରେ ଆମଦାନି ହେଉଥିବା ସ୍ମାର୍ଟଫୋନ୍, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀକୁ ଶୁଳ୍କ ପରିସରରୁ ମୁକ୍ତ କରିଛନ୍ତି। ଜାପାନର ନିକେଇ ୨୨୫ ପଏଣ୍ଟ କିମ୍ବା ୧.୧୫% ବୃଦ୍ଧି ପାଇଥିବାବେଳେ ଟପିକ୍ ଇଣ୍ଡେକ୍ସରେ ୧.୧୬ ପ୍ରତିଶତ ବୃଦ୍ଧି ଘଟିଛି। ଅଟୋ ଷ୍ଟକଗୁଡିକ ସବୁଠାରୁ ଅଧିକ ଲାଭବାନ ହୋଇଥିଲେ। ସୁଜୁକି ମୋଟର ସେୟାର ୫.୨୮ ପ୍ରତିଶତ ବୃଦ୍ଧି ପାଇଛି, ମାଜଦା ମୋଟର ସେୟାର ୫.୦୮ ପ୍ରତିଶତ, ହୋଣ୍ଡା ମୋଟର ସେୟାର ୫.୫୦ ପ୍ରତିଶତ ଏବଂ ଟୟୋଟା ମୋଟର ସେୟାର ୪.୪୮୩ ପ୍ରତିଶତ ବୃଦ୍ଧି ପାଇଛି।

# ଗୋଲ୍ଡମ୍ୟାନ୍ ସଚ୍‌ସର ଆକଳନ: ଲକ୍ଷେ ଟପିବ ସୁନା

ନୂଆଦିଲ୍ଲୀ, ୧୫।୪: ଆମେରିକା ଓ ଚୀନ୍ ମଧ୍ୟରେ ଜାରି ରହିଥିବା ବାଣିଜ୍ୟ ଯୁଦ୍ଧ ପ୍ରଭାବରେ ଅନ୍ତର୍ଜାତୀୟ ସ୍ତରରେ ସୁନାର ଆଉନ୍ସ ପିଛା ଦାମ୍ ୪୫୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବ। ବର୍ତ୍ତମାନ ଏହି ଦର ୩୨୦୦ ଡଲାର ପାଖାପାଖି ରହିଛି। ବିଦେଶରେ ସୁନା ମହଙ୍ଗା ହେଲେ ଭାରତୀୟ ବଜାରରେ ତାହାର ପ୍ରଭାବ ଅନୁଭୂତ ହେବ। ଭାରତରେ ସୁନାର ୧୦ ଗ୍ରାମ ପିଛା ଦର ୧ ଲକ୍ଷ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ରହିଛି ବୋଲି ବିଶ୍ୱସ୍ତରୀୟ ସଂସ୍ଥା ଗୋଲ୍ଡମ୍ୟାନ୍ ସଚ୍‌ସ ଆକଳନ କରିଛି। ଯଦି ବାଣିଜ୍ୟ ଯୁଦ୍ଧ ଘମାଘୋଟ ହେବ ଓ ମାନ୍ଦାବସ୍ଥାର ବିପଦ ଦେଖାଦେବ, ତେବେ ସୁନା ଦର ଏଭଳି ଉଚ୍ଚ ସ୍ତରକୁ ବୃଦ୍ଧି ପାଇବ। ଯଦି ସେହି ସ୍ତରରେ ବାଣିଜ୍ୟ ଲଢ଼େଇ ପହଞ୍ଚିବ ନାହିଁ, ତେବେବି ସୁନାର ଆଉନ୍ସ ପିଛା ଦର ୩୭୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଏହା ଆକଳନ କରିଛି। ଚଳିତ ବର୍ଷ ଜାନୁଆରିରେ ଗୋଲ୍ଡମ୍ୟାନ୍ ସଚ୍‌ସ ପୂର୍ବାନୁମାନ କରିଥିଲା ଯେ ସୁନାର ଆଉନ୍ସ ପିଛା ଦର ୩୧୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବା ଆଶଙ୍କା ରହିଛି। ସେହି ଆକଳନ ସତ ହୋଇଛି। ଫେବ୍ରୁଆରିରେ ଏହା ଆଉଥରେ ଆକଳନ କରିଥିଲା ଯେ ସୁନା ଦାମ୍ ୩,୩୦୦ ଡଲାର ହୋଇଯିବ। ଏବେ ବର୍ଷର ତୃତୀୟ ଆକଳନ ଜାରି କରି ଏହା କହିଛି ଯେ ସୁନା ଦାମ୍ ଆହୁରି ବଢ଼ିବ। ଭାରତରେ ଏବେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୯୩,୩୫୩ ଟଙ୍କା ରହିଛି। ଚଳିତ ବର୍ଷ ଜାନୁଆରିରୁ ବର୍ତ୍ତମାନ ସୁଦ୍ଧା ଏହାର ଦାମ୍ ୧୭,୧୯୧ ଟଙ୍କା ବୃଦ୍ଧି ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ଲଢ଼େଇ ଆରମ୍ଭ କରିଥିବାରୁ ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା ଦେଖାଦେବା ସହ ମାନ୍ଦାବସ୍ଥା ଆଶଙ୍କା ବଢ଼ିଯାଇଛି। ଏଭଳି ସମୟରେ ନିଜ ସମ୍ପତ୍ତିକୁ ସୁରକ୍ଷିତ ରଖିବା ଲାଗି ଲୋକମାନେ ସୁନାରେ ନିବେଶ କରୁଥିବାରୁ ତାହାର ଚାହିଦା ବଢ଼ିଛି। ଅନ୍ୟ ପକ୍ଷରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ମଧ୍ୟ ଆମଦାନିକୁ ମହଙ୍ଗା କରିଛି। ଦେଶରେ ବର୍ତ୍ତମାନ ବିବାହ ଋତୁ ଚାଲିଥିବାରୁ ଗହଣାର ଚାହିଦା ରହିଛି। ଏଭଳି ବିଭିନ୍ନ କାରଣ ପାଇଁ ସୁନା ଦରରେ ବୃଦ୍ଧି ଘଟୁଛି। କିନ୍ତୁ ପ୍ରମୁଖ କାରଣଟି ହେଉଛି ଅନ୍ତର୍ଜାତୀୟ ବଜାରରେ ଦାମ୍ ବଢୁଥିବାରୁ, ସ୍ଥାନୀୟ ବଜାରରେ ସୁନା ମହଙ୍ଗା ହେଉଛି।



# ବିକ୍ରି ହୋଇପାରେ ହ୍ୱାଟ୍ସଆପ୍ ଓ ଇନଷ୍ଟାଗ୍ରାମ୍




ମୁମ୍ବାଇ, ୧୫।୪: ସୋସିଆଲ ମିଡିଆ ଆପ୍ ଇନଷ୍ଟାଗ୍ରାମ ଓ ହ୍ୱାଟ୍ସଆପ୍‌କୁ ନେଇ ଏକ ବଡ଼ ଖବର ହସ୍ତଗତ ହୋଇଛି। ଅଡୁଆରେ ଫସି ଯାଇଛନ୍ତି ଏହାର ମାଲିକ ମାର୍କ ଜୁକରବର୍ଗ। ସୂଚନା ରହିଛି ଯେ ବିକ୍ରି କରିବାକୁ ପଡ଼ିପାରେ ସବୁଠୁ ବଡ଼ ଆପ୍ ହ୍ୱାଟ୍ସଆପ୍ ଓ ଇନଷ୍ଟାଗ୍ରାମ। ବିଶ୍ୱର ଦୁଇ ବିଶାଳ ସୋସିଆଲ ମିଡିଆ ଆପ୍ ଇନଷ୍ଟାଗ୍ରାମ ଓ ହ୍ୱାଟ୍ସଆପ୍ ଆମେରିକାର ଧନୀ ବ୍ୟକ୍ତି ମାର୍କ ଜକରବର୍ଗଙ୍କ ମାଲିକାନାରୁ ଖସିଯିବାର ସମ୍ଭାବନା ରହିଛି। ୨୦୨୦ରେ ତାଙ୍କ କମ୍ପାନୀ ଫେସବୁକ ନାଁରେ ପ୍ରତିଯୋଗିତାକୁ ପ୍ରଶ୍ରୟ ଦେଉନଥିବା ଅଭିଯୋଗରେ ଏକ ମାମଲା ରୁଜୁ ହୋଇଥିଲା। ପୁଣି ଥରେ ସେହି ମାମଲା କୋର୍ଟକୁ ଯାଇଛି। ଯଦି ରାୟ ଜୁକରବର୍ଗଙ୍କ ବିପକ୍ଷରେ ଯିବ। ତେବେ ତାଙ୍କୁ ଉଭୟ ହ୍ୱାଟ୍ସଆପ୍ ଓ ଇନଷ୍ଟାଗ୍ରାମକୁ ବିକ୍ରି କରିବାକୁ ପଡ଼ିବ। ମେଟା ବିରୋଧରେ ଅଭିଯୋଗ ରହିଛି ଯେ ପ୍ରତିଯୋଗିତାକୁ ଶେଷ କରିବା ଓ ନିଜର ଏକଛତ୍ରବାଦୀ ଶାସନ ବଜାୟ ରଖିବା ଲାଗି କମ୍ପାନୀ ୨୦୧୨ରେ ୧୦୦ କୋଟି ଡଲାରରେ ଇନଷ୍ଟାଗ୍ରାମ ଓ ୨୦୧୪ରେ ୨୨୦୦ କୋଟି ଡଲାରରେ ହ୍ୱାଟ୍ସଆପ୍‌କୁ ଅଧିଗ୍ରହଣ କରିଥିଲା। କିନ୍ତୁ ଏହି ଜିଲ୍‌ର ପରିମାଣକୁ ଅନୁଶୀଳନ କରିବା ପରେ ଏହି ମାମଲା ରୁଜୁ କରିବାକୁ ବାଧ ହୋଇଥିଲା। ପୂର୍ବରୁ ଜୁକରବର୍ଗ କହିଥିଲେ ଯେ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବା ବଦଳରେ ପ୍ରତିଦ୍ୱନ୍ଦ୍ୱୀକୁ କିଣିନେବା ହିଁ ଭଲ। ଏହି ମନ୍ତବ୍ୟ ତାଙ୍କ ବିପକ୍ଷରେ ଯାଇପାରେ ବୋଲି କୁହାଯାଉଛି। ଜୁକରବର୍ଗଙ୍କ ତିନି ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସବୁକ୍, ଇନଷ୍ଟାଗ୍ରାମ ଓ ହ୍ୱାଟ୍ସଆପ୍‌ର ବର୍ତ୍ତମାନ ସମୟରେ ଏତେ ପ୍ରଭାବ ରହିଛି ଯେ ଅନ୍ୟ ଛୋଟ କମ୍ପାନୀଗୁଡ଼ିକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାର କୌଣସି ସୁଯୋଗ ନାହିଁ।



# ଆଜିର ପେଟ୍ରୋଲ, ଡିଜେଲ ଦର

ଯଦି ଆପଣ ଗାଡ଼ିରେ ତେଲ ପକାଇବାକୁ ଯାଉଛନ୍ତି, ତେବେ ଟାଙ୍କି ଭରିବା ପୂର୍ବରୁ ଜାଣନ୍ତୁ ଆଜିର ନୂଆ ଦର। କାରଣ ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ୍ୟ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ବାଣିଜ୍ୟିକ ଶୁଳ୍କକୁ ନେଇ ଆମେରିକା ଓ ଚୀନ ମୁହାଁମୁହିଁ



ନୂଆଦିଲ୍ଲୀ, ୧୫।୪: ବାଣିଜ୍ୟିକ ଶୁଳ୍କକୁ ନେଇ ଆମେରିକା ଓ ଚୀନ ମୁହାଁମୁହିଁ ହୋଇଛନ୍ତି। ଉଭୟ ଉଭୟଙ୍କ ଉପରେ ଶୁଳ୍କ ଲଗାଇବାରେ ବ୍ୟସ୍ତ ଅଛନ୍ତି। ଯାହାଦ୍ୱାରା ଅର୍ଥନୀତି ଉପରେ ସିଧାସଳଖ ପ୍ରଭାବ ପଡୁଛି। ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଉପରେ ଚୀନ ଚାପ ପ୍ରୟୋଗ କରିବାକୁ ଚେଷ୍ଟା ତ କରିଥିଲା ହେଲେ ତାହା କାମ ଦେଲାନି। ସେଇଥି ଲାଗି ତ ଚାପ ବଦଳରେ ଅନୁରୋଧର ରାସ୍ତା ଆପଣାଇଛି ବେଜିଂ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧକୁ ନେଇ ଦୁଇ ମହାଶକ୍ତି, ଆମେରିକା ଏବଂ ଚୀନ୍ ମୁହାଁମୁହିଁ ହୋଇଛନ୍ତି। ଚୀନ୍ ପ୍ରଥମେ ଶୁଳ୍କ ଲାଗୁରେ କଠୋର ମନୋଭାବ ଦେଖାଇଥିଲା କିନ୍ତୁ ଧୀରେ ଧୀରେ ଏହାର ମନୋଭାବ ନରମ ହେଉଥିବା ଦେଖିବାକୁ ମିଳିଛି। ଚୀନର ବାଣିଜ୍ୟ ମନ୍ତ୍ରଣାଳୟ ରବିବାର ଆମେରିକାକୁ ପାରସ୍ପରିକ ଶୁଳ୍କକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ନିବେଦନ କରିଛି। ଯାହା ଅନ୍ତର୍ଜାତୀୟ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ସେପଟେ ପୂରା ଘଟଣାକୁ ନେଇ ଚୀନ ମୁଖପାତ୍ର କହିଛନ୍ତି, ଆମେ ଆମେରିକାକୁ ତା'ର ଭୁଲ ସଂଶୋଧନ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେବାକୁ ଏବଂ ପାରସ୍ପରିକ ଶୁଳ୍କର ଭୁଲ୍ ଅଭ୍ୟାସକୁ ସଂପୂର୍ଣ୍ଣ ବାତିଲ କରିବାକୁ ଏବଂ ପାରସ୍ପରିକ ସମ୍ମାନର ସଠିକ୍ ପଥକୁ ଫେରିବାକୁ ଅନୁରୋଧ କରୁଛୁ। ଏଠାରେ ସ୍ପଷ୍ଟ ଭାବରେ କହିରଖୁଛୁ କି,ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ମାର୍ଟଫୋନ୍, ଲାପଟପ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ପାଇଁ ଛାଡ଼ ଘୋଷଣା କରିଥିଲା। ଏହାସହ ଚୀନ୍ ଆହୁରି ମଧ୍ୟ କହିଛି , କିଛି ଇଲେକ୍ଟ୍ରୋନିକ୍ସ ସାମଗ୍ରୀକୁ ଶୁଳ୍କରୁ ମୁକ୍ତ କରିବା ପାଇଁ ଏହା ଏବେ ବି ବିଚାର କରୁଛି, କାରଣ ଦେଶକୁ ୯୦ ଦିନର ଶୁଳ୍କ ସ୍ଥଗିତ ରଖିବା ପରେ ମଧ୍ୟ ଅଧିକାଂଶ ଚୀନ୍ ସାମଗ୍ରୀ ଉପରେ ୧୪୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଛି। ଯାହା ସାଧାରଣ ଜନତାଙ୍କୁ ପ୍ରଭାବିତ କରୁଛି। ମୋଟ୍ ଉପରେ ଚୀନ ଓ ଆମେରିକା ଶୁଳ୍କ ଯୁଦ୍ଧ ତେଜିବାରେ ଲାଗିଛି। ନିଇତି ଏନେଇ ପରସ୍ପର ଉପରେ ଦୋଷାରୋପ ମଧ୍ୟ କରୁଛନ୍ତି। ହେଲେ ଚୀନ ଯେଉଁପରି ଭାବରେ ନଇଁଲା ସେଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି କି, ଆମେରିକା ସହ ସିଧାସଳଖ ପଙ୍ଗା ନେବାକୁ ଚାହୁଁନି ଚୀନ।

**ଆଉ ରହିବନି ପେଟ୍ରୋଲ୍ ଚିନ୍ତା**

# ୧୦ ହଜାରରେ ମିଳିବ ଇ-ସ୍କୁଟର

ନୂଆଦିଲ୍ଲୀ ୧୫।୦୪: ଦିନକୁ ଦିନ ଚିନ୍ତା ବଢାଉଛି ପେଟ୍ରୋଲ୍-ଡିଜେଲ୍ ଦାମ୍। ଏଥିରୁ ସମସ୍ତେ ପାଇବାକୁ ଚାହୁଁଛନ୍ତି ମୁକ୍ତି। ଆଉ ଏବେ ପେଟ୍ରୋଲ୍-ଡିଜେଲ୍ ଗାଡିର ବିକଳ୍ପ ସାଜିଛି ଇଲେକ୍ଟ୍ରିକ୍ ଗାଡି। ବର୍ତ୍ତମାନ ପ୍ରାୟ ଅନେକଙ୍କ ଘରେ ରହୁଛି ଇଲେକ୍ଟ୍ରିକ୍ ଗାଡି। ସବୁ କମ୍ପାନୀ ବଜାରକୁ ଆଣିସାରିଛନ୍ତି ନିଜ ଇ-ଯାନ। ସେ ୪ହ୍ୱିଲର ହେଉ କି ୨ ହ୍ୱିଲର। ଏବେ ବଜାରକୁ ଆସିଛି ହିରୋ ଭିଡା ଭି୨ ବେସ୍ ଲାଇଟ ମଡେଲ। ଯେଉଁଥିରେ ୨.୨ କେଡବ୍ଲ୍ୟୁଏଚ ବ୍ୟାଟେରୀ ପ୍ୟାକ୍‌ର କରାଯାଇଛି ବ୍ୟବହାର। ଏହା ଗୋଟିଏ ଥର ଚାର୍ଜରେ ୯୪ କିଲୋମିଟର ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରିପାରିବ। ହିରୋର ଏହି ଇଲେକ୍ଟ୍ରିକ ସ୍କୁଟରର ସର୍ବାଧିକ ଗତି ପ୍ରତି ଘଣ୍ଟା ରହିଛି ୬୯ କିଲୋମିଟର। ଏହି ଇଲେକ୍ଟ୍ରିକ ସ୍କୁଟରଟି ସ୍ମାର୍ଟ ଫିଚର୍ସ ସହିତ ସଜ୍ଜିତ। ଏଥିରେ ୭-ଇଞ୍ଚ ଟିଏଫଟି ଟଚ୍‌ସ୍କ୍ରିନ ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ଟର୍ନ ବାଇ ଟର୍ନ ନାଭିଗେସନ, ରିଜିଅନ ବ୍ରେକିଂ ଏବଂ କ୍ରୁଜ ନିୟନ୍ତ୍ରଣ ଭଳି ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ। ଆପଣ ହିରୋର ଏହି ଇଲେକ୍ଟ୍ରିକ ସ୍କୁଟରକୁ ମ୍ୟାଟ୍ ନେକ୍ସସ ବ୍ଲୁ-ଗ୍ରେ ଏବଂ ଗ୍ଲସି ସ୍ପୋର୍ଟିସ ରେଡ ଭଳି ରଙ୍ଗ ବିକଳ୍ପରେ କିଣିପାରିବେ। ତେବେ ହିରୋର ଏହି ଇଲେକ୍ଟ୍ରିକ ସ୍କୁଟରର ଏକ୍ସ-ଶୋ'ରୁମ୍ ମୂଲ୍ୟ ମାତ୍ର ୭୪ ହଜାର ଟଙ୍କା। ହିରୋ ଭିଡା ଭି୨ ଇଲେକ୍ଟ୍ରିକ ସ୍କୁଟରକୁ ତିନୋଟି ଭିନ୍ନ ଭିନ୍ନ ଭାରିଆଣ୍ଟରେ ବିକ୍ରି କରୁଛି। ଦେଶର ରାଜଧାନୀ ଦିଲ୍ଲୀରେ ହିରୋ ଭିଡା ଭି୨ର ଅନ-ରୋଡ ମୂଲ୍ୟ ପ୍ରାୟ ୭୯ ହଜାର ଟଙ୍କା। ତେବେ ସବୁଠାରୁ ବଡ଼ କଥା ହେଉଛି ଏହି ଗାଡିକୁ ଆପଣ ମାତ୍ର ୧୦୦୦୦ ଟଙ୍କାରେ କିଣିପାରିବେ। ଅର୍ଥାତ୍ ଆପଣ ମାତ୍ର ଦଶ ହଜାର ଡାଉନ୍ ପେମେଣ୍ଟ କରି ଏହାକୁ ଫାଇନାନ୍ସ କରିପାରିବେ। ଯଦି ଆପଣ ଦିଲ୍ଲୀ-ଏନ୍‌ସିଆରରେ ୭୯ ହଜାର ଟଙ୍କାର ଅନ୍-ରୋଡ ମୂଲ୍ୟରେ ୧୦,୦୦୦ ଟଙ୍କାର ଡାଉନ୍ ପେମେଣ୍ଟ କରନ୍ତି, ତେବେ ଆପଣଙ୍କୁ ବ୍ୟାଙ୍କରୁ ୬୯ ହଜାର ଟଙ୍କାର ଋଣ ନେବାକୁ ପଡ଼ିବ। ଯଦି ଆପଣଙ୍କର କ୍ରେଡିଟ ସ୍କୋର ଭଲ ଥାଏ ତେବେ ଆପଣ ବ୍ୟାଙ୍କରୁ ୧୦ ପ୍ରତିଶତ ସୁଧ ହାରରେ ୩ ବର୍ଷ ପାଇଁ ଋଣ ପାଇପାରିବେ। ଏହିପରି ଆପଣଙ୍କୁ ୩୬ ମାସ ପାଇଁ ପ୍ରାୟ ୨୩୦୦ ଟଙ୍କାର ଇଏମ୍‌ଆଇ ଦେବାକୁ ପଡ଼ିବ। ଯଦି ଆପଣ ଋଣ ନେଇ ହିରୋ ଭିଡା ଭି୨ କିଣନ୍ତି, ତେବେ ଆପଣଙ୍କୁ ଇଏମ୍‌ଆଇ ଭାବରେ ୧୧,୦୦୦ ଟଙ୍କା ଦେବାକୁ ପଡ଼ିବ।



# ଚାର୍ଟାର୍ଡ ବିମାନରେ ଭାରତରୁ ୬୦୦ ଟନ୍ ଆଇଫୋନ୍ ନେଇଗଲା ଆପଲ୍

ନୂଆଦିଲ୍ଲୀ,୧୫।୪: ଟେକ୍ ଜାଏଣ୍ଟ ଆପଲ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମାଡ଼ରୁ ବର୍ତ୍ତିବା ପାଇଁ ରାତିଦିନ ଏକ କରି ଭାରତରୁ ୬ ଚାର୍ଟାର୍ଡ କାର୍ଗୋ ବିମାନରେ ୬୦୦ ଟନ୍ କିମ୍ବା ପ୍ରାୟ ୧.୫ ନିୟୁତ ଆଇଫୋନ୍ ଆମେରିକାକୁ ନେଇଯାଇଛି। ଏହି ପଦକ୍ଷେପ ଆମେରିକାର ସ୍ମାର୍ଟଫୋନ୍ କମ୍ପାନୀର ଟ୍ରମ୍ପଙ୍କ ଶୁଳ୍କକୁ ମାତ୍ ଦେବା ପାଇଁ ଏକ ଷ୍ଟ୍ରାଟେଜି ବୋଲି କୁହାଯାଉଛି। ଅନ୍ୟପଟେ ବିଶ୍ଳେଷକମାନେ ଚେତାବନୀ ଦେଇଛନ୍ତି ଯେ ଆପଲ୍ ଡିଭାଇସଗୁଡ଼ିକର ମୁଖ୍ୟ ଉତ୍ପାଦନ କେନ୍ଦ୍ର ଚାଇନାରେ ହୋଇଥିବାରୁ ଏଠାରୁ କମ୍ପାନୀ ଉତ୍ପାଦଗୁଡିକୁ ଆମେରିକାକୁ ଆଣିବାରେ ବଡ଼ ଟାରିଫ(୧୨୫%)ର ସମ୍ମୁଖୀନ ହୋଇପାରେ। ଯାହା ଭାରତରୁ ଆମଦାନୀ ଉପରେ ୨୬% ଶୁଳ୍କଠାରୁ ଏହି ସଂଖ୍ୟା ବହୁତ ଅଧିକ। କିନ୍ତୁ ଟ୍ରମ୍ପ ଗତ ସପ୍ତାହରେ ଚାଇନାକୁ ବାଦ ଦେଇ କେତେକ ଦେଶ ଉପରେ ନୂତନ କର ଲାଗୁ ଯୋଜନାକୁ ୯୦-ଦିନ ସ୍ଥଗିତ ରଖିଛନ୍ତି। ତେବେ ୬୦୦ ଟନ୍ ଆଇଫୋନ୍ ନେବା ଲାଗି ତାମିଲନାଡୁର ଚେନ୍ନାଇ ବିମାନବନ୍ଦରରେ କଷ୍ଟମ କ୍ଲିୟର ପାଇଁ ଆବଶ୍ୟକ ସମୟକୁ ୩୦ ଘଣ୍ଟାରୁ କମ କରି ଛଅ ଘଣ୍ଟା କରିବାକୁ କମ୍ପାନୀ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଲବି କରିଥିବା ଜଣାପଡିଛି। ଏଥିପାଇଁ ଭାରତୀୟ ଉତ୍ପାଦନ କେନ୍ଦ୍ରରୁ ବିମାନବନ୍ଦରରେ ମଧ୍ୟରେ ତଥାକଥିତ "ଗ୍ରୀନ୍ କରିଡର" ବ୍ୟବସ୍ଥା ଚାଇନାର କିଛି ବିମାନବନ୍ଦରରେ ଆପଲ୍ ବ୍ୟବହାର କରୁଥିବା ଏକ ମଡେଲକୁ ଅନୁକରଣ କରିଥିବା ରିଉଟର୍ସ ସୂତ୍ର ରିପୋର୍ଟ କରିଛି। ଫଳରେ ମାର୍ଚ୍ଚ ଶେଷ ସୁଦ୍ଧା ୧୦୦ ଟନ୍ କ୍ଷମତା ବିଶିଷ୍ଟ ପ୍ରାୟ ଛଅଟି କାର୍ଗୋ ସାହାଯ୍ୟରେ କମ୍ପାନୀ ଏହି ସମସ୍ତ ମୋବାଇଲ ନେବାରେ ସଫଳ ହୋଇଥିବା ସୂଚନା ମିଳିଛି। ସେଥିମଧ୍ୟରୁ ଗୋଟିଏ ଚଳିତ ସପ୍ତାହରେ ନୂତନ ଶୁଳ୍କ ଲାଗୁ ହେବା ପରେ ଯାଇଥିବା ଜଣେ ଭାରତୀୟ ସରକାରୀ ଅଧିକାରୀ କହିଛନ୍ତି। ଏକ ଆଇଫୋନ୍ ୧୪ ଏବଂ ଏହାର ଚାର୍ଜିଂ କେବୁଲର ପ୍ୟାକେଜ୍ ଓଜନ ପ୍ରାୟ ୩୫୦ ଗ୍ରାମ ହେବ। ଅର୍ଥାତ କମ୍ପାନୀ ୬୦୦ ଟନ୍ ମୋଟ କାର୍ଗୋରେ ପ୍ରାୟ ୧.୫ ନିୟୁତ ଆଇଫୋନ୍‌ସ ଭାରତରୁ ଆମେରିକା ନେଇଥିବା ରିପୋର୍ଟ କରାଯାଇଛି। ଏହି ଖବର ଉପରେ ଆପଲ୍ ଏବଂ ଭାରତର ବିମାନ ଚଳାଚଳ ମନ୍ତ୍ରଣାଳୟ କୌଣସି ପ୍ରତିକ୍ରିୟା ଦେଇ ନଥିଲେ। ସମସ୍ତ ସୂତ୍ର ଗୁପ୍ତ ରଖିବାକୁ ଚାହୁଁଥିଲେ କାରଣ ଏହି ରଣନୀତି ଏବଂ ଆଲୋଚନା ବ୍ୟକ୍ତିଗତ ଥିଲା। ଆପଲ୍ ପ୍ରତିବର୍ଷ ବିଶ୍ୱରେ ୨୨୦ ନିୟୁତରୁ ଅଧିକ ଆଇଫୋନ୍ ବିକ୍ରି କରେ, କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଆକଳନ ଅନୁଯାୟୀ ଆମେରିକାକୁ ମୋଟ ଆଇଫୋନ୍ ଆମଦାନିର ଏକ ପଞ୍ଚମାଂଶ ବର୍ତ୍ତମାନ ଭାରତରୁ ଏବଂ ବାକି ଚାଇନାରୁ ଆସୁଛି। ଟ୍ରମ୍ପ୍ ଚାଇନା ଉପରେ ଆମେରିକାର ଶୁଳ୍କ ଲଗାତାର ବୃଦ୍ଧି କରିଥିଲେ, ଯାହା ବୁଧବାର ସୁଦ୍ଧା ୧୪୫% ହୋଇଛି, ଯାହା ପୂର୍ବରୁ ୫୪% ଥିଲା। ତେବେ ୫୪% ଶୁଳ୍କ ହାରରେ, ଯୁକ୍ତରାଷ୍ଟ୍ରରେ ଟପ୍-ବ୍ରାଣ୍ଡ ଆଇଫୋନ୍ ୧୬ ପ୍ରୋ ମାକ୍ସର ମୂଲ୍ୟ ୧,୫୯୯ ଡଲାରରୁ ୨,୩୦୦ ଡଲାରକୁ ବୃଦ୍ଧି ପାଇଥାନ୍ତା। ଭାରତରେ, ଆପଲ୍ ଆଇଫୋନ୍ ପ୍ଲାଣ୍ଟରେ ସାଧାରଣ ଉତ୍ପାଦନରେ ୨୦% ବୃଦ୍ଧିର ଲକ୍ଷ୍ୟ ପୂରଣ କରିବା ପାଇଁ ବିମାନ ପରିବହନକୁ ବୃଦ୍ଧି କରିଥିଲା, ଯାହା ଅଧିକ କର୍ମଚାରୀ ସାମିଲ କରି ହାସଲ କରାଯାଇଥିଲା ଏବଂ ସର୍ବବୃହତ ଫକ୍ସକନ୍ ଇଣ୍ଡିଆ କାରଖାନାରେ ଅସ୍ଥାୟୀ ଭାବରେ ରବିବାର ପର୍ଯ୍ୟନ୍ତ କାର୍ଯ୍ୟ ବୃଦ୍ଧି କରାଯାଇଥିବା ସୂତ୍ରରୁ ଜଣାପଡିଛି। ଅନ୍ୟ ଦୁଇଟି ପ୍ରତ୍ୟକ୍ଷ ସୂତ୍ର ନିଶ୍ଚିତ କରିଛି ଯେ ଚେନ୍ନାଇରେ ଫକ୍ସକନ୍ ପ୍ଲାଣ୍ଟ ଏବେ ରବିବାର ଦିନ ଚାଲୁଛି, ଯାହା ସାଧାରଣତଃ ଛୁଟିଦିନ ଅଟେ। ଗତ ବର୍ଷ ଏହି ପ୍ଲାଣ୍ଟରୁ ୨୦ ନିୟୁତ ଆଇଫୋନ୍ ବାହାରିଥିଲା, ଯେଉଁଥିରେ ନୂତନତମ ଆଇଫୋନ୍ ୧୫ ଏବଂ ୧୬ ମଡେଲ୍ ମଧ୍ୟ ସାମିଲ ଥିଲା। ଆପଲ୍ ଚାଇନା ବାହାରେ ଏହାର ଉତ୍ପାଦନକୁ ବିବିଧ କରୁଥିବାରୁ, ଏହା ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ବାଛିଛି। ଭାରତରେ ଏହାର ଦୁଇ ମୁଖ୍ୟ ଯୋଗାଣକାରୀ ଫକ୍ସକନ୍ ଏବଂ ଟାଟା'ର ମୋଟ ତିନୋଟି କାରଖାନା ଅଛି, ଯେତେବେଳେ କି ଆଉ ଦୁଇଟି ନିର୍ମାଣ ଚାଲିଛି।



**ଟ୍ରମ୍ପଙ୍କ ଟାରିଫ୍ ଭୟ**

## ବାଲିପାଟଣାରେ ଝାମୁଯାତ୍ରା
# ନିଆଁରେ ଚାଲିଲେ, ମା'ଙ୍କ କୃପା ଲଭିଲେ



**ବାଲିପାଟଣା,୧୫।୪ (ସଂଚାର ବ୍ୟୁରୋ):** ପବିତ୍ର ପଣା ସଂକ୍ରାନ୍ତି ଅବସରରେ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ତୁରିନ୍ତିରାର ବାବା ତ୍ରିନାଥ ଓ ମହାବିର ମନ୍ଦୀର ପ୍ରାଙ୍ଗଣରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ପାରମ୍ପରିକ ବିଧିରେ ପୂର୍ବଦିନ ମାନସିକଧାରୀମାନେ ଉପବାସ କରିଥିଲେ। ପରେ ଗ୍ରାମ ପରିକ୍ରମା କରିବା ପରେ ଯମୁନା ସ୍ନାନ କରିଥିଲେ। ପରେ ଝାମୁରେ ପଶିଥିଲେ। ଏହି ଝାମୁଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ଭକ୍ତ ଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ବାଲିପାଟଣା, ସରାଟ, ବିଶ୍ୱନାଥ ପୁର, ରାଜସ, ସୋମଣା, ନରଦା, ଗୁଆପୁର ଆଦି ଆଖପାଖ ଅଳରେ ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ଭକ୍ତମାନେ ଯୋଗଦେଇ ମା'ଙ୍କ କୃପା ଲାଭ କରିଥିଲେ।

# ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ଏସୟୁସିଆଇର ବିକ୍ଷୋଭ




**କଟକ,୧୫।୪ (ସଂଚାର ବ୍ୟୁରୋ):** କେନ୍ଦ୍ର ବିଜେପି ସରକାର ସମ୍ପ୍ରତି ରନ୍ଧନ ଗ୍ୟାସ ର ଅହେତୁକ ମୂଲ୍ୟବୃଦ୍ଧି କୁ ଏସ୍ ୟୁ ସି ଆଇ (କମ୍ୟୁନିଷ୍ଟ) ତରଫରୁ ତୀବ୍ର ନିନ୍ଦା କରାଯାଇଛି। କେନ୍ଦ୍ର ସରକାରଙ୍କର ଏହି ନିଷ୍ପତ୍ତି ପ୍ରତିବାଦରେ ଆଜି ପାର୍ଟି ପକ୍ଷରୁ କଲେଜ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାର୍ଟି ପକ୍ଷରୁ ପ୍ରକାଶ କରାଯାଇଛି ଯେ ଗୋଟିଏ ପଟରେ ଦରଦାମ୍ ବଢ଼ି ଚାଲିଛି ଅନ୍ୟ ପଟରେ ସାଧାରଣ ଲୋକଙ୍କ ରୋଜଗାର କମିଚାଲିଚି, ବେକାରୀ ଭୟଙ୍କର ହୋଇଚି।ଫଳରେ ସାଧାରଣ ଲୋକଙ୍କ ବଞ୍ଚିବା ଦୁର୍ବିସହ ହୋଇଚି।ଆନ୍ତର୍ଜାତୀୟ ବଜାରରେ କଞ୍ଚା ତେଲର ଦାମ କମୁଥିଲେ ବି ଦେଶରେ ପେଟ୍ରୋଲ ଡିଜେଲ ର ଦର କମୁନାହିଁ। ଏହା ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆହୁରି ବୃଦ୍ଧି ପାଉଛି। ଏହି ସମୟରେ ରନ୍ଧନ ଗ୍ୟାସ ର ଦରବୃଦ୍ଧି ବେଢ଼ି ଉପରେ କୋରଡ଼ା ସଦୃଶ ହୋଇଚି। ସେଥିପାଇଁ ବର୍ଦ୍ଧିତ ଗ୍ୟାସ ଦର୍ ହ୍ରାସ କରିବାକୁ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ କଟକ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଜିଲ୍ଲା ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ଜିଲ୍ଲା କମିଟି ସଦସ୍ୟ ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ଦୀପକ ଦାସ, ଈଶା ଧର, ତରୁଣସେନ ନାୟକ, ଶିବାନୀ ସାହୁ ଶୁଭସ୍ମିତା ସାହୁ, ସୋଭା ଦେହୁରୀ, ସ୍ୱାଧିନୀ ବେହେରା, ଜୋସ୍ନାରାଣୀ ଦାସ, ଝରଣା ଦାସ, ସଂଜିବ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଅଭୀପ୍ସାର ବାର୍ଷିକ ଉତ୍ସବ ପାଳିତ



**କଟକ,୧୫।୪ (ସଂଚାର ବ୍ୟୁରୋ):** ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ "ଅଭିପ୍ସା"ର ୨୮ତମ ବାର୍ଷିକ ଉତ୍ସବ, ପତ୍ରିକା ଉନ୍ମୋଚନ, ସମ୍ମାନ ପ୍ରଦାନ ଓ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଗାନ୍ଧୀଭବନ, କଟକଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ ମାଧମରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବିରଞ୍ଜନ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ଅଭୀପ୍ସାର ନିରବଚ୍ଛିନ୍ନ ଦୀର୍ଘ ବର୍ଷର ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଆଇନଜୀବୀ ବିଶ୍ୱଜିତ ମହାପାତ୍ର ଅଭୀପ୍ସାର ବିବିଧ ସଚେତନତାମୂଳକ କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ। ସମ୍ବର୍ଦ୍ଧିତ ଅତିଥି ଅଧାପକ କିଶୋର ଚନ୍ଦ୍ର ଦାସ ସମ୍ବର୍ଦ୍ଧନା ଗୁରୁ ଦାୟିତ୍ୱ ନେଇଥାଏ ବୋଲି କହିଥିଲେ। ସମ୍ମାନୀତ ଅତିଥି ଶିକ୍ଷକ ମନୋଜ କୁମାର ଦାସ ଅଭୀପ୍ସାର ପ୍ରତିଭା ଅନ୍ୱେଷଣ ମାଧମରେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ହେଉଛି ବୋଲି ମତ ରଖିଥିଲେ। ଅନ୍ୟତମ ବକ୍ତା ଅଧାପିକା ସୁଶ୍ରୀ ମିଶ୍ର ସଂଗଠନକୁ ମଜବୁତ୍ କରିବାକୁ ଆହ୍ୱାନ ଦେଇଥିଲେ। ଅଭୀପ୍ସାର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ନାୟକ ସଭାରେ ଅଧକ୍ଷତା କରିଥିବାବେଳେ ଅତିଥି ପରିଚୟ ପ୍ରକାଶ ଚନ୍ଦ୍ର ସିଲ୍ ପ୍ରଦାନ କରିଥିଲେ। ସହ-ସମ୍ପାଦିକା ସୁଲତା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସାଇଅଂଶ ଭାରତୀ, ଶକ୍ତି ସମ୍ପୂର୍ଣ୍ଣା, ଶୁଭ୍ରଜିତ୍ ନାୟକ, ନିବୃତ୍ତି ମହାପାତ୍ର, ଶିବାଂଶ ସାହୁ, ଆରବ ମହାନ୍ତି, ସୋମେଶ ମହାନ୍ତି, ଅନୁସ୍କା ଦାସ, ଦେବାଧିପତେହ ନାୟକ, ଯଶସ୍ୱିନୀ ସାହୁ, ସୌମ୍ୟାଶ୍ରୀ ଜେନା, ଅର୍ଥବିତ୍ତ ମହାନ୍ତି, ଆର୍ଯ୍ୟନଦୀପ ରଥ ପ୍ରମୁଖଙ୍କୁ ଅଭୀପ୍ସା ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୌମ୍ୟରଞ୍ଜନ ସାହୁ, ପ୍ରଦୀପ ରାଉତରାୟ, ଇତିଶ୍ରୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ବୃକ୍ଷହୀନ ରାଜପଥ, ପଥଚାରୀ ହନ୍ତସନ୍ତ



**କଳାହାଣ୍ଡି,୧୫।୪ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ଛେଣ୍ଡିଆ ତେଲ ନଦୀରୁ ଆମପାଣି ପଂଚାୟତ ପର୍ଯ୍ୟନ୍ତ ଦୀର୍ଘ ୬୦ କିଲୋମିଟରରୁ ଉର୍ଦ୍ଧ ରାଜ୍ୟ ରାଜପଥ ବୃକ୍ଷହୀନ ହୋଇପଡ଼ିଛି । ସମ୍ପ୍ରତି ଗ୍ରୀଷ୍ମ ପ୍ରବାହରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ହଜାର ହଜାର ପଥଚାରୀ ଛାଇ ଟିକିଏ ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି ।

ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ବ୍ରାହ୍ମଣ ଛେଣ୍ଡିଆ ପଂଚାୟତର ତେଲ ନଦୀ ଉପରେ ନିର୍ମିତ ହୋଇ ଆସିଥିବା ବିଜୁ ଏକ୍ସପ୍ରେସ ରାସ୍ତା ରାଉରକେଲାରୁ ବରଗଡ଼, ନୂଆପଡା ଓ କଳାହାଣ୍ଡି ସଂଯୋଗକୁ ଦୃଷ୍ଟିରେ ରଖି ଗତ ୨୦୨୦-୨୧ରେ ପୂର୍ତ୍ତ ବିଭାଗ ପକ୍ଷରୁ ଆମପାଣି ପର୍ଯ୍ୟନ୍ତ ଚାରି ଥାକିଆ ରାସ୍ତା ୬୬ ଫୁଟ ଚଉଡ଼ାରେ ଧର୍ମଗଡରୁ ଆମପାଣି ପର୍ଯ୍ୟନ୍ତ ପ୍ରାୟ ୫୦ କିଲୋମିଟର ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ନୂତନ ରାସ୍ତା ସମ୍ପ୍ରସାରଣ ଯୋଗୁଁ ରାସ୍ତା କଡ଼ରେ ଥିବା ଶହ ଶହ ସଂଖ୍ୟାରେ ବିରାଟକାୟ ପୁରୁଣା ବୃକ୍ଷଗୁଡ଼ିକ କଟାଯାଇଥିଲା। ରାସ୍ତା ନିର୍ମାଣ ୨୦୨୨-୨୩ରେ ସରିଥିବା ବେଳେ କେବଳ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାରୁ ଆମପାଣି ପର୍ଯ୍ୟନ୍ତ ରାସ୍ତାରେ ୨୦୨୩-୨୪ ଆର୍ଥିକ ବର୍ଷରେ ବନ ବିଭାଗ ପକ୍ଷରୁ ପଥପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଜରିଆରେ ହଜାର ହଜାର ଚାରାରୋପଣ କରାଯାଇଥିଲା । ଏହାର ଆବଶ୍ୟକୀୟ ରକ୍ଷଣବେକ୍ଷଣା ଅଭାବରୁ ସେଥିରୁ ବହୁସଂଖ୍ୟକ ଗଛ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି ।

ଅନ୍ୟପଟେ ନୂଆପଡା ଜିଲ୍ଲାରୁ ଖରିଆର ଓ ସିନାପାଲିରୁ ଗୋଲାମୁଣ୍ଡା ପର୍ଯ୍ୟନ୍ତ ଆଦୌ ସୌନ୍ଦର୍ଯ୍ୟ କରଣ କିମ୍ବା ବନିକରଣ ହୋଇନଥିବାରୁ ଉକ୍ତ ରାଜ୍ୟ ରାଜପଥଟି ବୃକ୍ଷହୀନ ହୋଇପଡ଼ିଛି । ଏହି ରାସ୍ତା ଦେଇ ଶହ ଶହ ସଂଖ୍ୟାରେ ଦୂରଦୂରାନ୍ତରରୁ ସ୍ଥାନୀୟ କଲେଜ ମାନଂକୁ ପାଠପଢ଼ିବା ପାଇଁ ଆସୁଥିବା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ପାଇଁ ଧର୍ମଗଡ, ନବରଙ୍ଗପୁରକୁ ଯାତାୟାତ ଜନସାଧାରଣ ଛାଇ ଟିକିଏ ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ରାଜ୍ୟ ରାଜପଥ ହେଉ କି ଜାତୀୟ ରାଜପଥ ନିର୍ମାଣ ସମୟରେ କଟା ଯାଇଥିବା ବୃକ୍ଷ ବାବଦରେ ସମ୍ପୃକ୍ତ ବିଭାଗ ପକ୍ଷରୁ କଟାଯାଇଥିବା ଗଛଗୁଡ଼ିକର କ୍ଷତିପୂରଣ ବାବଦକୁ ଅର୍ଥାତ୍ ପୁନଃ ପଥପାର୍ଶ୍ୱ ବନୀକରଣ ପାଇଁ ବିଭାଗ ପକ୍ଷରୁ ବନ ବିଭାଗକୁ ଆବଶ୍ୟକୀୟ ଅନୁଦାନ ଯୋଗାଇ ଦିଆଯାଇଛି । ମାତ୍ର ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ବନ ବିଭାଗକୁ ପଥପାର୍ଶ୍ୱ ବନୀକରଣ ପାଇଁ କେତେ ପରିମାଣର ଅର୍ଥ ପ୍ରଦାନ କରାଯାଇଥିଲା, ଏହାର ତଦନ୍ତ ହେବାର ଆବଶ୍ୟକତା ରହିଛି ।

# ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଉଦ୍‌ଘାଟିତ



**ଖୋର୍ଦ୍ଧା,୧୫।୪ (ସଂଚାର ବ୍ୟୁରୋ):** ସ୍ଥାନୀୟ ଶ୍ରୀରାମ ନଗର (ଟେଲିଫୋନ ଅଫିସ ନିକଟ) ଠାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଜନ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠର ନୂତନ ଗୃହ ଓଡ଼ିଆ ନବ ବର୍ଷରେ ଉଦଘାଟିତ ହୋଇଯାଇଛି। ଶ୍ରୀ ଜଗଦ୍ଦେବ ହୋମ, ଯଜ୍ଞ ଓ ପୂଜାପାଠ କରିବା ପରେ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଏହି ଅବସରରେ ବିଧାୟକ ଶତାଧିକ ଲୋକଙ୍କୁ ଶ୍ରୀମଦ୍ ଭଗବତ ଗୀତା ପୁସ୍ତକ ବଣ୍ଟନ କରିଥିଲେ । ତେବେ ଏହି ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠ ପ୍ରତ୍ୟେକ ଦିନ ଖୋଲା ରହିବା ସହ ସପ୍ତାହକୁ ତିନି ଦିନ ବିଧାୟକ ନିଜେ ଉପସ୍ଥିତ ରହି ଲୋକଙ୍କ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ଶୁଣି, ସମାଧାନ କରିବେ ବୋଲି ପ୍ରକାଶ କରିଛନ୍ତି। ଶେଷରେ ଉପସ୍ଥିତ ଜନସାଧାରଣଙ୍କୁ ବିଧାୟକ ଓଡ଼ିଶା ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସମସ୍ତଙ୍କ ପାଇଁ ପଣା ଓ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।

# ଫାଟିଲା ଟ୍ରାନ୍ସଫର୍ମର, ଅଳ୍ପକେ ବର୍ତ୍ତିଲେ ସ୍ଥାନୀୟ ବାସିନ୍ଦା



**କଳିଙ୍ଗନଗର,୧୫।୪ (ସଂଚାର ବ୍ୟୁରୋ):** ଆଜି ସୁକିନ୍ଦା ବ୍ଲକ ଅନ୍ତର୍ଗତ ବାରଗଡିଆ ଗ୍ରାମରେ ଏକ ଅଘଟଣ ଘଟି ଯାଇଛି। ବାରଗଡିଆ ଗ୍ରାମର ଟୋପ ସାହିର ଏକ ସ୍ଥାନରେ ବିଦ୍ୟୁତ ବିଭାଗ ତରଫରୁ ଏକ ଟ୍ରାନ୍ସଫରମର ବସା ଯାଇଥିଲା। ଆଜି ମଧାହ୍ନ ସମୟରେ ଟ୍ରାନ୍ସଫରଟି ହଟାତ ଫାଟି ଯାଇଥିଲା। ଟ୍ରାନ୍ସଫରମଟି ଫାଟି ଏତେ ଜୋରରେ ଶବ୍ଦ କରିଥିଲା ଯେ ଆଖପାଖ ଘରେ ରହୁଥିବା ଲୋକମାନେ ଭୟଭୀତ ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ସଙ୍ଗେ ସଙ୍ଗେ ଟାଟା ଷ୍ଟିଲ ଏବଂ ସୁକିନ୍ଦା ଦମକଳ କେନ୍ଦ୍ରକୁ ଫୋନ କରିଥିଲେ। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏପରି କାହିଁକି ହେଲା ଇଲେକ୍ଟ୍ରି ବିଭାଗକୁ ପଚାରିଲେ, କହୁଛନ୍ତି ଟ୍ରାନ୍ସଫରମ ପାଖରେ କିଛି କଦଳୀ ଗଛର ପତ୍ର ବାଜି ଏହି ଭଳି ଘଟଣା ଘଟଛି। ସତରେ କଦଳୀ ଗଛ ପାଇଁ ଏହି ଭଳି ଘଟଣା ଘଟିଛି ନା ଟ୍ରାନ୍ସଫରମଟିରେ କୌଣସି ଖରାପ ଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି

## ବହୁ ପୁରାତନ ମହୁରୀ ଉଡ଼ା ଯାତ୍ରା ଏକ ନିଆରା ପରମ୍ପରା
# କଣ୍ଟାପାଟ, ନିଆଁପାଟ, ଝୁଲାପାଟ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ



**ବୈଶିଙ୍ଗା,୧୫।୪ (ସଂଚାର ବ୍ୟୁରୋ):** ପହିଲା ବୈଶାଖୀରେ ମହୁରୀ ଉଡା ଯାତ୍ରା କାହିଁ କେଉଁ ଆବାହନ କାଳରୁ ପାଳିତ ହୋଇ ଆସୁଅଛି। ଗ୍ରାମର ଥିବା ବୟଜ୍ୟେଷ୍ଠ ବ୍ୟକ୍ତିଙ୍କ କହିବା ଅନୁସାରେ ତାଙ୍କ ବାପା ଜେଜେ ବାପାଙ୍କ ଅମଳରୁ ଗ୍ରାମ ଦେବତୀ ମା ବାସୁଳୀ ଆବିର୍ଭୁତ ହୋଇ ପୂଜା ପାଇ ଆସୁଥିଲେ। ଗ୍ରାମ ତଥା ଅଞ୍ଚଳର ଲୋକମାନଙ୍କ ସୁଖ ଶାନ୍ତି ପାଇଁ ମା ବାସୁଳୀଙ୍କ ଉଦେଶ୍ୟରେ ତତ୍କାଳୀନ ଗ୍ରାମବାସୀଙ୍କ ଦ୍ୱାରା ଏହି ଉଡା ଯାତ୍ରା ଆରମ୍ଭ ହୋଇଥିଲା।

ଏହି ଉଡା ଯାତ୍ରା ପହିଲା ବୈଶାଖୀର ୧୩ ଦିନ ପୂର୍ବରୁ ଭକ୍ତାମାନେ ଶୁଦ୍ଧପୁତ ଭାବେ ହବିଷାନ୍ନ କରି ଏକାଙ୍ଗୀ ଭାବେ ଭକ୍ତା ମଣ୍ଡପରେ ରହିଥାଆନ୍ତି। ପ୍ରଥମ ଦିନରୁ ମହାଦେବ ଶିବ ଏବଂ ପାର୍ବତୀଙ୍କର ଅନ୍ୟ ରୂପ ବାସୁଳୀଙ୍କୁ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ପଇତା ଧାରଣ କରିଥାଆନ୍ତି। ପହିଲା ବୈଶାଖୀର ପୂର୍ବ ରାତ୍ରୀରେ ନିଶା ଘଟ ଗ୍ରାମ ପୁଷ୍କରିଣୀରୁ ନିଶା ଘଟ ଉତ୍ତୋଳନ କରି ଦଣ୍ଡ ନୃତ୍ୟ ଏବଂ ଢୋଲ ବାଦ୍ୟ ବଜାଇ ମଣ୍ଡପ ପ୍ରାଙ୍ଗଣରେ ରଖି ସାରା ରାତି ପୂଜାର୍ଚ୍ଚନାରେ ଭକ୍ତମାନେ ନିଜକୁ ନିୟୋଜିତ କରିଥିଲେ। ପଣା ସଂକ୍ରାନ୍ତି ପ୍ରାତଃରୁ ପୋଖରୀରୁ ସ୍ନାନ ସାରି ଗ୍ରାମ ପରିକ୍ରମା କରିଥିଲେ। ଅପରାହ୍ନରେ ପ୍ରଥମେ ଏହି ଭକ୍ତମାନେ କଣ୍ଟାପାଟ, ଝୁଲାପାଟ ଓ ନିଆଁପାଟ ପରେ ପୁଣି ପୁଷ୍କରିଣୀରେ ସ୍ନାନ ସାରି ମଣ୍ଡପରେ ପହଞ୍ଚିବା ପରେ ରାତ୍ରୀରେ ନିଶାଘଟକୁ ଗ୍ରାମ ପରିକ୍ରମା କରିଥିଲେ। ସୋମବାର ଏହି କଣ୍ଟାପାଟ, ନିଆଁପାଟ, ଝୁଲାପାଟକୁ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା। ଏହି ଉଡା ପର୍ବରେ ନିଜକୁ ସାମିଲ କରିବା ପାଇଁ ବହୁ ମାନସିକଧାରୀ ଗ୍ରାମର ଭକ୍ତ ମାନଙ୍କ ସହିତ ମିଶି ହବିଷାନ୍ନ କରିବା ପୂର୍ବକ ନିଜକୁ ଶୁଦ୍ଧପୁତ ଭାବେ ଏହାକୁ ପାଳନ କରିଥାଆନ୍ତି। ପଣାସଂକ୍ରାନ୍ତି ପରଦିନ ଉଡା ପଡ଼ିଆରେ ଉଡ଼ାଖୁଣ୍ଟ ସ୍ଥାପନ କରାଯାଇ ଦାଶୀ ଏବଂ ଭକ୍ତ ମାନେ ଉଡି ଉଡି ମାଙ୍କର ପୁଷ୍ପ ଏବଂ ମିଷ୍ଟାନ୍ନ ବର୍ଷା କରିଥାଆନ୍ତି ବୋଲି ବୟଜ୍ୟେଷ୍ଠ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି।

# ତୃତୀୟ ଥର ପାଇଁ ସରୋଜ ମହାପାତ୍ର ହେଲେ ଜିଲ୍ଲା ବିଜେଡି ସଭାପତି



**ଦଶରଥପୁର,୧୫।୪ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ସଭାପତି ଭାବେ ତୃତୀୟ ଥର ପାଇଁ ସରୋଜ କୁମାର ମହାପାତ୍ର ମନୋନିତ ହେବା ପରେ ସରୋଜ ମହାପାତ୍ର ବିଯୁଜନତା ଦଳର ରାଜ୍ୟ ସଭାପତି ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କୁ ନିଜର କୃତଜ୍ଞତା ଜଣେଇବା ସହ ସେ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ ଓ ଆଗାମୀ ଦିନରେ ପୂର୍ବପରି ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି। ତୃତୀୟ ଥର ପାଇଁ ଜିଲ୍ଲା ବିଜେଡି ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି।

# ଅଧିକାରୀ ବର୍ଗଙ୍କ ଶିକ୍ଷା ଓ କଲ୍ୟାଣ ଟ୍ରଷ୍ଟର ଆମ୍ବେଦକର ଜୟନ୍ତୀ



**ସୁନ୍ଦରଗଡ,୧୫।୪ (ସଂଚାର ବ୍ୟୁରୋ):** ଡ. ଆମ୍ବେଦକର ଅଧିକାରୀ ବର୍ଗଙ୍କ ଶିକ୍ଷା ଏବଂ କଲ୍ୟାଣ ଟ୍ରଷ୍ଟ ରାଉରକେଲା ତରଫରୁ ଆମ୍ବେଦକର ଜୟନ୍ତୀ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଟ୍ରଷ୍ଟର ଚେୟାରମ୍ୟାନ ଇଂ ଦୁଖବନ୍ଧୁ କିଶାନ, ଉପସ୍ଥିତ ସଭ୍ୟ, ଛାତ୍ରଛାତ୍ରୀ ବାବାସାହେବଙ୍କ ମୂର୍ତିଚରଣରେ ଫୁଲତୋଡ଼ା, ଶ୍ରଦ୍ଧାସୁମନ ଅର୍ପଣ କଲେ। ଶ୍ରୀ କିଶାନ ଉଦବୋଧନ ଦେଇ କହିଲେ ଆମେ ସମସ୍ତେ ସୁନାଗରିକ ଓ ଶିକ୍ଷିତ ସଭ୍ୟ ହେବା ଓ ଦେ , ମାତୃଭୂମି,ଜାତିର ଗୌରବ ବଢ଼ାଇବା ପାଇଁ ଶପଥ ନେବା ଓ କର୍ତ୍ତବ୍ୟପଥରେ ଆଗେଇ ସଫଳତା ପ୍ରାପ୍ତ କରିବା । ମୁଖ୍ୟ ବକ୍ତା ଇଂ ବିଜୟ ଯୋଯୋ ସମ୍ବୋଧନ କରି କହିଲେ, ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ଆମ୍ବେଦକରଙ୍କ ଜୀବନ ଅତି ଅସାଧାରଣ ଓ ସଂଘର୍ଷମୟ ଥିଲା। ପ୍ରକୃତରେ ସେ ମାନବଜାତି ତଥା ଦଳିତ ସର୍ବହରା ସମାଜର ଜନନାୟକ ଓ ସାଥି । ସେ ବାଲ୍ୟକାଳରୁ ଶିକ୍ଷା ଓ ନ୍ୟାୟ ପାଇଁ ସଂଘର୍ଷ କରିଥିଲେ ଓ ଅନ୍ୟ ମାନଙ୍କୁ ନିଜର ନ୍ୟାୟ ଓ ଅଧିକାର ପାଇଁ ସଂଘଟିତ ହେବା ପାଇଁ ସାରା ବିଶ୍ୱବାସୀଙ୍କୁ ପ୍ରେରଣାର ଉତ୍ସ ଦେଇ ଆସୁଛନ୍ତି। ଇଂ ଚିତ୍ରସେନ ତାଜନ, ସଚିବ ଏବଂ ନିର୍ଦ୍ଦେଶକ ଜେନେରାଲ୍ କହିଲେ କି ଶିକ୍ଷା ହେଉଛି ଆମ ଜୀବନର ମାପଦଣ୍ଡ । ଆମର ଛାତ୍ର ଏବଂ ପିଲାମାନେ ଉତ୍ତମ ଶିକ୍ଷା, ଚାଲିଚଳଣି ଏବଂ ଅଭ୍ୟାସ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଅନ୍ତୁ। ଡ. ମ୍ୟାସା ସୋରେନ ଆରଜିଏଚ ଉପାଧକ୍ଷ ଏବଂ ଇଂ ରସାଳ ଜୋଜୋ , ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ , ଓଡିଶା ସରକାର ପ୍ରସ୍ତାବ ଦେଲେ କି ଆମ ଅନୁଷ୍ଠାନ ପରିବାର ସ୍ୱାସ୍ଥ୍ୟ ଯୋଜନା ଯେମିତି କି ଜୀବନବୀମା, ସ୍ୱାସ୍ଥ୍ୟ ଯାଞ୍ଚ, ରକ୍ତ ଗୋଷ୍ଠୀ, ଯୋଗ ଓ ଫିଟନେସ,କ୍ରୀଡା କାର୍ଯ୍ୟକଳାପ, ଆତ୍ମନିଯୁକ୍ତି,ପରିବେଶ, ଗୃହ ପ୍ରୋଜେକ୍ଟ ଆଦି ଉପରେ ଯୋଜନା କରାଯାଉ। ଉପସ୍ଥିତ ପିଜି କୃତି ଛାତ୍ରୀ ସୁଶ୍ରୀ ରୀତିକା ଯୋଯୋ, ସ୍ୱୟଂଶାସିତ ମହାବିଦ୍ୟାଳୟ ରାଉରକେଲାର ଶ୍ରୀମତୀ ମାରାଣ୍ଡି ଶାଢ଼ୀ ଧୋତି ପାରମ୍ପରିକ ବସ୍ତ୍ରଧାରଣ ପାଇଁ ସମ୍ମାନିତ ଓ ପୁରସ୍କୃତ ହୋଇଥିଲେ।

# ମହାବିଷୁବ ସଂକ୍ରାନ୍ତି ସାଂସ୍କୃତିକ ପରିଷଦର ନବମ ବାର୍ଷିକ ସାଂସ୍କୃତିକ ସମ୍ମିଳନୀ



**କଳିଙ୍ଗନଗର,୧୫।୪ (ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକ ଅନ୍ତର୍ଗତ ଖରଡ଼ି ଗ୍ରାମର ପ୍ରତିବର୍ଷ ପରି ଚଳିତ ବର୍ଷ ମହାବିଷୁବ ସଂକ୍ରାନ୍ତି ସାଂସ୍କୃତିକ ପରିଷଦର ନବମ ବାର୍ଷିକ ସାଂସ୍କୃତିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା ପବିତ୍ର ପଣା ସଂକ୍ରାନ୍ତି ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପରିଷଦର ପ୍ରତିଷ୍ଠାତା ଭଜନକବି ସନାତନ ଗେଡିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସମ୍ବାଦ ସାହିତ୍ୟ ଘର ଦାନଗଦୀର ପ୍ରାକ୍ତନ ସଭାପତି ରବିନାରାୟଣ ଶତପଥି, ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତୀୟ ଚାରଣଗୋଷ୍ଠୀ, ପୁରୀର ସେବାଦଳର ମୁଖ୍ୟ ଗଣେଶ୍ୱର ବେହେରା ଯୋଗଦାନ କରିଥିଲେ। ଏହି ଅବସରରେ ଚାରିଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକତା କ୍ଷେତ୍ରରେ ଶ୍ରୀକାନ୍ତ ମହାପାତ୍ର, ଅନ୍ତର୍ଜାତୀୟ ଚାରଣ ଗୋଷ୍ଠିର ପ୍ରଚାରକ ଓ ପ୍ରବଚକ ଇଂଜିନିୟର ଦେବବ୍ରତ ସିଂ, ଭାଗବତ ଓ ସଂକ୍ରିତନ ଗାୟକ କାଳନ୍ଦୀ ଚରଣ ଦାସ, ସମାଜସେବୀ ତପନ କୁମାର ବାରିକ, ଓଡ଼ିଆ ନୂଆବର୍ଷ ଓ ପଣା ସଂକ୍ରାନ୍ତିର ମହତ୍ୱ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ ଓ ଖରଡି ଭାଗବତ ଟୁଙ୍ଗିରେ ଭାଗବତ ପାଠ କରାଯାଇଥିଲା। ଭଜନ କବି ସନାତନ ଗେଡିଙ୍କ ଲିଖିତ "ଭାବ ପୁଷ୍ପାଞ୍ଜଳି" ପୁସ୍ତକଟିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମଦନ ମୋହନ ପ୍ରଧାନ, ସୁଦର୍ଶନ ମହାନ୍ତି, ନରହରି ବଟ, ସୁରେନ୍ଦ୍ର କୁମାର ବେହେରା, ନିମାଇଁ ଚରଣ ଜେନା, ନଳିନୀ ପଣ୍ଡା, ମାତାଜୀ ଗେଡି, ଉଷା ଦାସ, ଶଶୀଲତା ପ୍ରଧାନ ଭାଗବତଟୁଙ୍ଗିର ପ୍ରମୁଖ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସ୍ୱାଧାୟ କରାଯାଇ ଉତ୍ସବ ସମାପନ ହୋଇଥିଲା।

# ମା' ମଲ୍ୟାବୁଢ଼ୀଙ୍କ ବାର୍ଷିକ ଯଜ୍ଞ ଉତ୍ସବ ପାଳିତ



**ବାଲିଚନ୍ଦ୍ରପୁର,୧୫।୪ (ସଂଚାର ବ୍ୟୁରୋ):** ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ବଜାରସ୍ଥିତ ବାଲିଚନ୍ଦ୍ରପୁର ଗ୍ରାମଦେବତୀ ମା'ଶ୍ରୀ ଶ୍ରୀ ମଲ୍ୟାବୁଢ଼ୀଙ୍କର ବାର୍ଷିକ ଉତ୍ସବ ମନ୍ଦିର ପରିସରରେ ମହାସମାରୋହରେ ପାଳିତ ହୋଇଯାଇଅଛି। ରବିବାର ଦିନ ଅଙ୍କୁରରୋପଣ, ଯଜ୍ଞ ଅଧିବାସ, ମଣ୍ଡଳ ସ୍ଥାପନା ପୂଜା ଓ ତୋରଣ ସ୍ଥାପନ ହୋଇଥିବା ବେଳେ ସୋମବାର ପବିତ୍ର ପଣାସଂକ୍ରାନ୍ତି ତିଥିରେ ଏକ ଦିବସୀୟ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରାତଃ ସମୟରୁ ୧୦୮ ମହିଳାଙ୍କ ଦ୍ୱାରା ଘଣ୍ଟ ଘଣ୍ଟା, କୋଳତାଳ ସହ ନିକଟସ୍ଥ ବିରୂପା ନଦୀରୁ ପୂଜାର୍ଚ୍ଚନା କରାଯାଇ କଳସ ଯାତ୍ରା ହୋଇ ମା'ମଲ୍ୟାବୁଢ଼ୀ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଥିବା ଯଜ୍ଞ ସ୍ଥଳରେ ସ୍ଥାପନା କରାଯାଇଥିଲା। ଏହି ଯଜ୍ଞ କାର୍ଯ୍ୟରେ ଅନନ୍ତ କୁମାର ମହାରଣା ସପତ୍ନୀଙ୍କ କର୍ତ୍ତା ଭାବେ ସଂକଳ୍ପ କରିଥିଲା ବେଳେ ପଣ୍ଡିତ ଗଗନ ବିହାରୀ ମିଶ୍ର ଓ ସହଯୋଗୀ ମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମାହିତ ହୋଇଥିଲା। ଏକ ଦିବସ ବ୍ୟାପି ଏହି ବାର୍ଷିକ ଯଜ୍ଞ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ, ବିଭୁକୃପା ଲାଭ ସହ ମା'ଙ୍କ ଆଶ୍ରୀବାଦ ଭିକ୍ଷା କରିଥିଲେ।

## ବାଲୁଙ୍କେଶ୍ୱର ପ୍ରିମିୟର ଲିଗ ଉଦ୍‌ଯାପିତ
# ଟିୟୁବୋର୍ଗ ଚାମ୍ପିଅନ



**ବାଲିପାଟଣା,୧୫।୪ (ସଂଚାର ବ୍ୟୁରୋ):** ୧୦ତମ ବାଲୁଙ୍କେଶ୍ୱର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଶତପଥୀ, ସମାଜସେବୀ ଗୋକୁଳା ନନ୍ଦସାବୁତ୍, ସମାଜସେବୀ ରାଜେଶ ସାହୁ, ଚିତ୍ରସେନ ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ୬ଟିଦଳ ଟିୟୁବୋର୍ଗ, ସୁପର ଇଲେଭେନ, ରାଇଜିଙ୍ଗ ରୟାଲ୍ସ, ନାଇଟ ୱ୍ଲସ, ଚାମ୍ପିଅନ ୱାରିଅର, ତୁରିନ୍ତରା ଷ୍ଟ୍ରାଇକର୍ସ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲରେ ଟିୟୁବୋର୍ଗ ଓ ସୁପର ଇଲେଭେନ ଭେଟାଭେଟି ହୋଇଥିଲେ।ପ୍ରଥମେ ଟିୟୁବୋର୍ଗ ବ୍ୟାଟିଂ କରି ୮ ଓଭରରେ ୧୨୮ ରନ ସଂଗ୍ରହ କରିଥିଲା। ଜବାବରେ ସୁପର ଇଲେଭେନ ୮ ଓଭରରେ ୧୨୯ ରନ କରିବାକୁ ସକ୍ଷମ ହୋଇନଥିଲା। ଶେଷରେ ସୁପର ଇଲେଭେନ ସମ୍ପୂର୍ଣ୍ଣ ୱିକେଟ ହରାଇବା ସହ ଟିୟୁବୋର୍ଗ ବିଜୟ ମୁକୁଟ ପିନ୍ଧିଥିଲା। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅରୁଣକୁମାର ଶତପଥୀ, ସମାଜସେବୀ ଗୋକୁଳା ନନ୍ଦ ସାବୁତ, ସମାଜସେବୀ ରାଜେଶ ସାହୁ, ଚିତ୍ରସେନ ସାହୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

# ସିଭିଲ ସୋସାଇଟି ଫୋରମ୍ ଗଠିତ




**ଜଗତସିଂହପୁର,୧୫।୪ (ସଂଚାର ବ୍ୟୁରୋ):** ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଅବସରରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସମସ୍ୟା ତଥା ତାର ସମାଧାନର ସ୍ଥାୟୀ ଉପାୟ ବାହାର ପୂର୍ବକ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଉଦ୍ଦେଶ୍ୟରେ ଜଗତସିଂହପୁର ସହରରେ ସିଭିଲ ସୋସାଇଟି ଫୋରମ୍ ଗଠିତ ହୋଇଯାଇଅଛି। 'ସାମୁହିକ କାର୍ଯ୍ୟ ପାଇଁ ସାମୁହିକ ଉଦ୍ୟାମ' ଏହାର ମୂଳ ଲକ୍ଷ। ମୌଳିକ ସମସ୍ୟା ଖୋଜିବା ଓ ତାର ସ୍ଥାୟୀ ପ୍ରତିକାର କରିବା ପାଇଁ ଉଚ୍ଚ କତୃପକ୍ଷଙ୍କ ନିକଟରେ ଦାବି ରଖି ତାହା କିପରି ସମାଧାନ ହୋଇପାରିବ, ଏଥି ପାଇଁ ସିଭିଲ ସୋସାଇଟି ଫୋରମ୍ କାର୍ଯ୍ୟ କରିବ ବୋଲି ମତପ୍ରକାଶ ପାଇଥିଲା।

ସ୍ଥାନୀୟ ଚାଟ୍ରା ସ୍ଥିତ ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣରେ ବର୍ଷିୟାନ ସମାଜସେବୀ ଗୌରାଙ୍ଗ ଚରଣ ହୋତା ଅଧକ୍ଷତାରେ ଅନୁଷ୍ଠିତ ବିଷୁବ ମିଳନ କାର୍ଯ୍ୟକ୍ରମରେ ସମାଜସେବୀ, ବୁଦ୍ଧିଜୀବୀ, ଆଇନଜୀବୀ, ଶିକ୍ଷକ, ଅଧାପକ, ସାମ୍ବାଦିକ, ବ୍ୟବସାୟୀ ଆଦି ଉପସ୍ଥିତ ରହି ନିଜ ନିଜର ବହୁମୂଲ୍ୟ ମତାମତ ରଖିଥିଲେ।

ଏହି ଅବସରରେ ସର୍ବସମ୍ମତିକ୍ରମେ ବିପ୍ଳବ ଚୌଧୁରୀ ଙ୍କୁ ସିଭିଲ ସୋସାଇଟି ଫୋରମ୍, ଜଗତସିଂହପୁରର ଆବାହକ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ ଡ଼ ପ୍ରଦୀପ କୁମାର ଶତପଥୀ, ଶରତ ଚନ୍ଦ୍ର ବାରିକ, ଶ୍ରୀକାନ୍ତ ଚୌଧୁରୀ, ନିକୁଞ୍ଜ କିଶୋର ବେହେରା, ସୁକାନ୍ତ କୁମାର ଚୌଧୁରୀ, ସାରଦା ପ୍ରସାଦ ଦାସ,ବିଜୟ କୁମାର ରାଉତ, ମନୋଜ ଦାସ,ମାନସ କୁମାର କାନୁନଗୋ,ଆଇଜାକ୍ ମହାନ୍ତି, ପ୍ରଜ୍ଞା ପାରମିତା ଚୌଧୁରୀ, ମହିମା ପୁରୁଷୋତ୍ତମ ଦାସ, ଲିଳନ ପାଢ଼ୀ,କୃଷ୍ଣଚନ୍ଦ୍ର ପ୍ରଧାନ,ପ୍ରଭୁଦତ୍ତ ସାହୁ, ବିକ୍ରମ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଅବସରରେ ପଣା ବଣ୍ଟନ କରାଯାଇଥିଲା। ଶେଷରେ ସାମାଜିକ କର୍ମୀ ଜ୍ୟୋତି ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।







# ଦ୍ୱିତୀୟ ଥର ଶୈଳେନ୍ଦ୍ର-ଶିବାନୀ

ଛି ଛି ଛିରେ ନନୀ ଛି ଛି'- କିଛିଦିନ ତଳେ ଏହି ମୁଖୁଡ଼ା ଥିବା ଗୀତଟି ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହୋଇଥିଲା। ଏବେ ସମାନ ଶବ୍ଦକୁ ଶୀର୍ଷକ ଭାବେ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ଛି ଛି ଛିରେ ନନୀ ଛି ଛି'। ଏହି ଛବିରେ ନାୟକ-ନାୟିକା ଭାବେ ଅଭିନୟ କରୁଛନ୍ତି ଶୈଳେନ୍ଦ୍ର ଓ ଶିବାନୀ। ଏଥିରେ ଦ୍ୱିତୀୟ ଥର ଲାଗି ଶୈଳେନ୍ଦ୍ର-ଶିବାନୀଙ୍କ ଯୋଡ଼ି ଦେଖିବାକୁ ପାଇବେ ଦର୍ଶକ। ପୂର୍ବରୁ କୁମାର ପ୍ରୀତମ୍ ସାହୁଙ୍କ ପ୍ରଯୋଜିତ ତଥା ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଗୁଡ୍ଡୁ ଗ୍ୟାଙ୍ଗ୍‌ଷ୍ଟର୍'ରେ ଶୈଳେନ୍ଦ୍ର-ଶିବାନୀ ଏକାଠି ଅଭିନୟ କରିଥିଲେ। ସୀତାରାମ ଅଗ୍ରୱାଲ୍‌ଙ୍କ ପ୍ରଯୋଜିତ ଏହି ଭିନ୍ନ ଧରଣର ଲଭ୍ ଷ୍ଟୋରିର ନିର୍ଦ୍ଦେଶନା ଦେଉଛନ୍ତି ସୁଶାନ୍ତ ମଣି।

ସୂଚନାଯୋଗ୍ୟ, ଶୈଳେନ୍ଦ୍ର ଇତିମଧ୍ୟରେ 'ଗୁପ୍‌ଚୁପ୍', 'ଡେଲିଭରି ବୟ', 'ଗୁଡ୍ଡୁ ଗ୍ୟାଙ୍ଗ୍‌ଷ୍ଟର୍', 'ଦଶମ', 'ତୋର ମୋର କଟି', 'ପ୍ରେମରେ ରିସ୍କ ହେଲା ମତେ ଇସ୍କ' ଓ 'ଘମାଘୋଟ' ଆଦି ଓଡ଼ିଆ ସିନେମାରେ ଅଭିନୟ କରିଛନ୍ତି। ଏସବୁ ଫିଲ୍ମରେ ସେ ସନମୀରା, ଶିବାନୀ, ଶୀତଲ, ପ୍ରିୟମ୍ବଦା, ଦିବ୍ୟା ଓ ନୀଲାକ୍ଷୀ ପ୍ରମୁଖଙ୍କ ବିପକ୍ଷରେ ନାୟକ ବନିଛନ୍ତି। ସେହିପରି ଶିବାନୀ 'ସିଷ୍ଟର୍ ଶ୍ରୀଦେବୀ', 'ପ୍ରେମ୍ କୁମାର', 'ବାବୁ ଭାଇଜାନ୍', 'ଦିଲ୍ ମୋର ମାନେନା', 'କିସ୍‌ମିସ୍', 'ବିଦ୍ୟାରାଣୀ', 'ଗୁଡ୍ଡୁ ଗ୍ୟାଙ୍ଗ୍‌ଷ୍ଟର୍' ଓ 'ମାଲ୍ୟଗିରି' ଆଦି ୮ଟି ଓଡ଼ିଆ ସିନେମାରେ ନଜର ଆସିଲେଣି। ଏସବୁ ଫିଲ୍ମରେ ବାବୁସାନ୍, ଅନୁଭବ, ସ୍ୱରାଜ, ଅରିନ୍ଦମ ଓ ଶୈଳେନ୍ଦ୍ରଙ୍କ ବିପକ୍ଷରେ ନାୟିକା ବନିଛନ୍ତି ଶିବାନୀ। ଏହାଛଡ଼ା ତାଙ୍କ ଅଭିନୀତ 'ଶ୍ରୀଜଗନ୍ନାଥଙ୍କ ନବକଳେବର', 'ଗଣ୍ଡଭୈରବ' ଓ 'ଦି ମିଲେଟ୍ ଷ୍ଟୋରି' ମୁକ୍ତି ପ୍ରତୀକ୍ଷାରେ ରହିଛି। ଦେଖାଯାଉ ଦ୍ୱିତୀୟ ଥର ଶୈଳେନ୍ଦ୍ର-ଶିବାନୀ ଯୋଡ଼ିକୁ ଦର୍ଶକ କେତେ ପସନ୍ଦ କରୁଛନ୍ତି!

# ନିକିତା ଏବେ 'ସୁନାନାକୀ ବୋହୂ'



ବୋହୂ ଆମର ମାଟ୍ରିକ୍ ଫେଲ୍' ଓ 'ବୋହୂକୁ ଲାଗିଚି ରିଲ୍‌ସ ଭୂତ' ଭଳି ଶୀର୍ଷକରେ ବୋହୂ ଶବ୍ଦ ଥିବା ଟେଲି ସିନେମାର ନାୟିକା ନିକିତାଙ୍କୁ ପୁଣି ଦର୍ଶକ ଦେଖିବାକୁ ପାଇବେ ସେହି ଧରଣର ଆଉ ଏକ ଟେଲି ସିନେମାରେ। ଏହାର ଶୀର୍ଷକ ରହିଛି 'ସୁନାନାକୀ ବୋହୂ'। ଏଥିରେ ଟେଲିଜଗତର ଜଣାଶୁଣା ଅଭିନେତା ସାପଲିନ୍‌ଙ୍କ ବିପକ୍ଷରେ ନଜର ଆସିବେ ସେ। ଜଣେ ଶିଶୁ କଳାକାର ଭାବେ ବେଶ୍ କେତୋଟି ଓଡ଼ିଆ ଛବିରେ ଅଭିନୟ କରିବା ପରେ ନିର୍ମାତା ଶ୍ରୀଧର ମାର୍ଥା ଓ ନିର୍ଦ୍ଦେଶକ ନିଂରଜନ ବେହେରାଙ୍କ 'ଯୋଗୀ' ସିନେମାରେ ବ୍ରେକ୍ ପାଇଥିଲେ ନିକିତା। ଏହି ଫିଲ୍ମରେ ସେ ନବାଗତ ନାୟକ ଆର୍ଯ୍ୟନ୍ ଦାଶ କୁମାରଙ୍କ ବିପକ୍ଷରେ ନଜର ଆସିଥିଲେ। ହେଲେ 'ଯୋଗୀ' ପରେ ତାଙ୍କୁ ଅନ୍ୟ ସିନେମାରେ ଏଯାଏ ଦେଖିବାକୁ ମିଳିନାହିଁ।

ଏହାପରେ ସେ ଟେଲିଜଗତରେ ଅଧିକ ସକ୍ରିୟ ହୋଇଛନ୍ତି। ତାଙ୍କୁ ମେଗା ଧାରାବାହିକ 'ସିଂହଦ୍ୱାର' (ମଞ୍ଜରୀ) ଓ ଝିଲି (ଜୀ ସାର୍ଥକ) ଖୁବ୍ ଲୋକପ୍ରିୟତା ଆଣି ଦେଇଥିଲା।

'ସୁନାନାକୀ ବୋହୂ'ରେ ଅନ୍ୟମାନଙ୍କ ମଧ୍ୟରେ ପୃଥ୍ୱୀରାଜ ନାୟକ, ପୁଷ୍ପା ପଣ୍ଡା, ବିଶ୍ୱଭୂଷଣ, ମିଲି ମହାନ୍ତି, ଭକ୍ତି, ଦେବ ମିଶ୍ର ଓ ଭୂପତି ତ୍ରିପାଠୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ମୃତ୍ୟୁଞ୍ଜୟ ସାହୁ ଏହାର ନିର୍ଦ୍ଦେଶକ। କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା। ବୈଦ୍ୟନାଥ ଦାଶ ଏହାର ସଙ୍ଗୀତକାର। ଏହି ନୂଆ ଟେଲି ସିନେମା ଖୁବ୍ ଶୀଘ୍ର ଜୀ ସାର୍ଥକରେ ପ୍ରଦର୍ଶିତ ହେବ।

# ପୁଣି ନବାଗତଙ୍କ ସହ ନମ୍ରତା



ବଲିଉଡ୍‌ରେ ନାୟିକା ଭାବେ ବିଗତ ୨୧ ବର୍ଷ ଧରି ନିଜର ଯାତ୍ରା ଜାରି ରଖିଛନ୍ତି ନମ୍ରତା ଥାପ୍ପା। ବ୍ରଜରାଜ ମୁଭିଜ୍‌ର 'ଆଇ ଲଭ୍ ୟୁ' (୨୦୦୪) ସିନେମାରୁ କ୍ୟାରିୟର୍ ଆରମ୍ଭ କରିଥିଲେ ସେ। ହର ପଟ୍ଟନାୟକ ନିର୍ଦ୍ଦେଶିତ ଏହି ଛବିରେ ତାଙ୍କର ନାୟକ ଥିଲେ ନବାଗତ ଅନୁଭବ। ତା'ପରେ ସେ ୨୦୦୬ରେ ପୁଣି ଦୁଇଜଣ ନବାଗତ ନାୟକଙ୍କ ବିପକ୍ଷରେ ପରଦାକୁ ଆସିଲେ। 'ପ୍ରେମରତ୍ନ ଆସିଲାରେ'ରେ ନବାଗତ ଅରିନ୍ଦମ୍ ଓ 'ଆଇ ଲଭ୍ ମାଇଁ ଇଣ୍ଡିଆ'ରେ ନୂଆ ନାୟକ ବୁଦ୍ଧାଦିତ୍ୟଙ୍କ ନାୟିକା ବନିଥିଲେ ନମ୍ରତା। ଏବେ ତାଙ୍କ ଅଭିନୀତ 'ରାକେଟ୍' ମୁକ୍ତି ଅପେକ୍ଷାରେ ରହିଛି। ଏହି ସିନେମାରେ ତାଙ୍କୁ ପୁଣି ଜଣେ ନବାଗତଙ୍କ ବିପକ୍ଷରେ ଦେଖିବାକୁ ପାଇବେ ଦର୍ଶକ। ସଂଗ୍ରାମ ମହାନ୍ତିଙ୍କ ନିର୍ଦ୍ଦେଶିତ 'ରାକେଟ୍'ରେ ନମ୍ରତାଙ୍କ ବିପକ୍ଷରେ ଅଛନ୍ତି ହେମନ୍ତ ପାତ୍ର। ଏଥିରେ ନମ୍ରତା ଜଣେ ଅଧ୍ୟାପିକା ଭୂମିକାରେ ଥିବାବେଳେ ହେମନ୍ତ ତାଙ୍କ ସ୍ୱାମୀ ଭୂମିକା ତୁଲାଇଛନ୍ତି। କାହାଣୀ ଅନୁଯାୟୀ, ଉଭୟଙ୍କର ଏକ ଝିଅ ଅଛି। କୌଣସି ଘଟଣାକୁ ନେଇ ଝିଅଟି ଅସୁବିଧାରେ ପଡ଼ିଛି। ସେହି ଘଟଣା କ'ଣ ଓ ତା'ର କିପରି ସମାଧାନ କରାଯାଇଛି, ତାହା ହିଁ ସିନେମାର ମୁଖ୍ୟ ପ୍ରସଙ୍ଗ। ତେବେ ନମ୍ରତାଙ୍କ ଅଭିନୀତ 'ମୁଁ ତତେ ଲଭ୍ କରୁଚି', 'ସିନ୍ଦୂର', 'ୱାନ୍ ଫୋର୍ ଥ୍ରି ଆଇ ଲଭ୍ ୟୁ', 'ରସିକ ନାଗର', 'ମିତରେ ମିତ', 'ଗୁଡ୍ଡୁ ଗ୍ୟାଙ୍ଗ୍‌ଷ୍ଟର୍' ଓ 'କାଇଁଚମାଳି' ଆଦି ଓଡ଼ିଆ ସିନେମାରେ କୌଣସି ନବାଗତ ତାଙ୍କର ନାୟକ ନଥିଲେ।



# ସ୍ୱଚ୍‌ବୟରେ ରୂପ୍‌ସା

ପୁଣି ଓଡ଼ିଆ ସିନେମାରେ ବଙ୍ଗୀୟ ନାୟିକା ରୂପ୍‌ସା ମୁଖୋପାଧ୍ୟାୟଙ୍କୁ ଦେଖିବାକୁ ମିଳିବ। ଏବେ ସେ ଓଡ଼ିଆ ଛବି 'ସ୍ୱଚ୍‌ବୟ'ରେ ଅଭିନୟ କରିବାକୁ ଯାଉଛନ୍ତି। ରମେଶ ବାରିକଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ଅଶ୍ୱିନ ତ୍ରିପାଠୀ। ଡକ୍ଟର ରଜନୀରଂଜନ ଏହାର ସଂଳାପ ଲେଖିଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅସଦ୍ ନିଜାମ୍। ଏହାର ଅନ୍ୟ ସବୁ କଳାକାର ଚୟନ ପ୍ରକ୍ରିୟା ଚାଲିଛି। 'ସ୍ୱଚ୍‌ବୟ'ର ସୁଟିଂ ଚଳିତ ମାସ ୨୨ ତାରିଖରୁ ଆରମ୍ଭ ହେଉଥିବାର ସୂଚନା ଦେଇଛନ୍ତି ପ୍ରଯୋଜକ।

ଓଡ଼ିଆ ଦର୍ଶକ ରୂପ୍‌ସାଙ୍କୁ ପ୍ରଥମେ ୨୦୨୩ରେ ମୁକ୍ତିଲାଭ କରିଥିବା ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ରାମ୍'ରେ ଅରିନ୍ଦମଙ୍କ ବିପକ୍ଷରେ ଦେଖିବାକୁ ପାଇଥିଲେ। ରତ୍ନା ଫିଲ୍ମସ୍ ବ୍ୟାନର୍‌ରେ ନିର୍ମିତ ଏହି ଦ୍ୱିଭାଷୀ (ଓଡ଼ିଆ-ବଙ୍ଗଳା) ଫିଲ୍ମରେ ରୂପ୍‌ସା ପ୍ରଭାବଶାଳୀ ଅଭିନୟ କରିଥିଲେ। ସୂଚନାଯୋଗ୍ୟ, ରୂପ୍‌ସା ୨୦୧୬ରେ ମୁକ୍ତିଲାଭ କରିଥିବା ବଙ୍ଗଳା ଛବି 'ଭାଲୋବାସା ଭାଲୋବାସା'ରେ ଅଭିନୟ କରି ରାତାରାତି ଚର୍ଚ୍ଚାକୁ ଆସିଥିଲେ। ଏହାପରେ ତାଙ୍କୁ 'କେ ତୁମି ନନ୍ଦିନୀ' ଓ 'ହରର୍ ଷ୍ଟୋରିଜ୍' ଆଦି ବଙ୍ଗଳା ଛବିରେ ଦେଖିବାକୁ ପାଇଥିଲେ ସିନେପ୍ରେମୀ। ଏବେ ବି ରୂପ୍‌ସାଙ୍କ ହାତରେ ବେଶ୍ କେତୋଟି ବଙ୍ଗଳା ସିନେମା ଅଛି।

# ଲେଖକ ଅଭିନେତା ପ୍ରଣବ



ସମସାମୟିକ ଓଡ଼ିଆ ଚଳଚ୍ଚିତ୍ରରେ ଚିତ୍ରନାଟ୍ୟ ଓ ସଂଳାପ ରଚନାରେ ଯେଉଁ କେତେଜଣ ସଫଳତାର ପାହାଚ ଚଢ଼ୁଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରଣବ ପ୍ରସନ୍ନ ରଥ ଅନ୍ୟତମ। ଏକ ଘରୋଇ ବିଶ୍ୱବିଦ୍ୟାଳୟରୁ ବିଟେକ୍ କରିବା ପରେ କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନାରେ ମନୋନିବେଶ କରିଥିଲେ ସେ। ପୁରୀର ଏହି ଯୁବପ୍ରତିଭାଙ୍କୁ ପ୍ରଥମ ସୁଯୋଗ ଦେଇଥିଲେ ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ମଞ୍ଜରୀ ଟିଭିରେ ପ୍ରସାରିତ ସୋ' 'କିଡନାପ୍ କଂପାନି' ଜରିଆରେ ପ୍ରଣବଙ୍କ ପ୍ରବେଶ ଘଟିଥିଲା। ଏଥିରେ ତାଙ୍କ ଅଭିନୟ ବି ଦେଖିବାକୁ ମିଳିଥିଲା। ଏହା ପରେ ଅମିତ କୁମାର ଦାଶଙ୍କ ସହ ମିଶି ଅନୁପମ ପଟ୍ଟନାୟକ ଓ ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶିତ ୱେବ୍ ସିରିଜ୍ 'ଗ୍ୟାଙ୍ଗ୍ସ ଅଫ୍ ପୁରୀ'ର ସଂଳାପ ଲେଖିଥିଲେ। ତା'ପରେ ପ୍ରଣବ-ଅମିତ ଯୋଡ଼ି ବାବୁସାନଙ୍କ ଅଭିନୀତ 'ପାବାର୍'ର ସଂଳାପ ପ୍ରସ୍ତୁତ କରି ସଫଳତା ହାସଲ କରିଥିଲେ। ଏହାଛଡ଼ା ଦୁହେଁ ମିଶି ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ୱେବ୍ ସିରିଜ୍ 'ଗ୍ୟାଙ୍ଗ୍ସ ଅଫ୍ ପୁରୀ ୨'ରେ ବି କାମ କରିଥିଲେ। ଓଡ଼ିଆ ଛବି 'ଫାଲଗୁନ ଚୈତ୍ର'ର ଚିତ୍ରନାଟ୍ୟ ଓ ସଂଳାପ ମଧ୍ୟ ରଚନା କରିଥିଲେ ପ୍ରଣବ। ତେଣେ ଚିନ୍ମୟ ଦାସଙ୍କ ନିର୍ଦ୍ଦେଶିତ ଓଡ଼ିଆ ଛବି 'ପରବ', ଶିଶିର କୁମାର ସାହୁ-ପିନାକୀ ସିଂହଙ୍କ ନିର୍ଦ୍ଦେଶିତ 'ଫାଲଗୁନ ଚୈତ୍ର', ସ୍ନେହାଶିଷ ଦାସଙ୍କ ନିର୍ଦ୍ଦେଶିତ 'ଶୁକଭାଇର ସୋଲେ', ୱେବ୍ ସିରିଜ୍ 'ଗ୍ୟାଙ୍ଗ୍ସ ଅଫ୍ ପୁରୀ-୧' ଓ 'ଗ୍ୟାଙ୍ଗ୍ସ ଅଫ୍ ପୁରୀ ୨'ରେ ଅଭିନୟ ମଧ୍ୟ କରିଛନ୍ତି ପ୍ରଣବ। ଏବେ ତାଙ୍କ ହାତରେ ଚାରିଟି ନୂଆ ଓଡ଼ିଆ ଛବି ରହିଛି। ନିଜର ଭବିଷ୍ୟତ ଯୋଜନା ସଂପର୍କରେ ପ୍ରଣବ କହନ୍ତି, "ଯେହେତୁ ମୁଁ ଜଣେ ଅଭିନେତା ଓ ସୁଟିଂ ସେଟ୍‌ରେ ସଂଳାପ ବି ଲେଖିଛି, ଏଣୁ ଖୁବ୍ ଶୀଘ୍ର ନିର୍ଦ୍ଦେଶନା କ୍ଷେତ୍ରକୁ ଆସିବାକୁ ଚାହିବି।"

# ଭୁଲ୍ ସ୍ୱୀକାର କଲେ ସଲମାନ୍



ବଲିଉଡ୍‌ର ଭାଇଜାନ୍ ସଲ୍‌ମାନ୍ ଏବେ ତାଙ୍କ ଫିଲ୍ମ 'ସିକନ୍ଦର୍' ପାଇଁ ଚର୍ଚ୍ଚାରେ ଅଛନ୍ତି। ଇଦ୍ ଅବସରରେ ମୁକ୍ତିଲାଭ କରିଥିବା 'ସିକନ୍ଦର୍' ପ୍ରଥମ ଦିନ ଭଲ ଆୟ କରିଥିଲେ ବି ପରେ ବକ୍ସଅଫିସ୍‌ରେ ଏହାର ଆୟ କମିଯାଇଥିଲା। ୨୫୦ କୋଟିର ଏହି ଫିଲ୍ମର ଆୟ ୨୦୦ କୋଟି ପାର୍ କରିପାରିବ କି ନାହିଁ, ସେ ଚିନ୍ତା ଏବେ ନିର୍ମାତାଙ୍କୁ ଘାରିଲାଣି। କିଛି ବର୍ଷ ବ୍ୟବଧାନରେ ରିଲିଜ୍ ହୋଇଥିବା ସଲ୍‌ମାନ୍‌ଙ୍କ ଏହି ଫିଲ୍ମ ଭଲ ବ୍ୟବସାୟ କରିପାରି ନଥିବାରୁ ସେ ଭଲ ସ୍କ୍ରିପ୍ଟ ଓ ଭଲ ନିର୍ଦ୍ଦେଶକ ବାଛନ୍ତୁ ବୋଲି ସଲ୍‌ମାନ୍‌ଙ୍କୁ ତାଙ୍କ ପ୍ରଶଂସକମାନେ ପରାମର୍ଶ ଦେଇଛନ୍ତି।

ଏପ୍ରିଲ୍ ୫ରେ ସଲ୍‌ମାନ୍ ଖାନ୍ ନିଜର କିଛି ପ୍ରଶଂସକଙ୍କୁ ଭେଟିବା ସହ 'ସିକନ୍ଦର୍' ବିଷୟରେ ସେମାନଙ୍କ ମତାମତ ନେଇଥିଲେ। ଏହି ଆଲୋଚନା ସମୟରେ ପ୍ରଶଂସକମାନେ କହିଥିଲେ ଯେ, "ଫିଲ୍ମ 'ସିକନ୍ଦର୍' ଆଶା ଅନୁସାରେ ପ୍ରଦର୍ଶନ କରିପାରିନାହିଁ। ଏଣିକି ଭଲ ସ୍କ୍ରିପ୍ଟ ବାଛନ୍ତୁ। କେବଳ ସ୍କ୍ରିପ୍ଟ ନୁହେଁ, 'ସିକନ୍ଦର୍'ର ମାର୍କେଟିଂ ମଧ ବହୁତ ଖରାପ ଥିଲା। ଏ ବିଷୟରେ ଆମେ ସାଜିଦ୍ ନାଦିଆଦ୍‌ୱାଲାଙ୍କ ଟିମ୍‌କୁ ବି ଜଣାଇଥିଲୁ। କିନ୍ତୁ ସେମାନେ ଏତେ ଗୁରୁତ୍ୱ ଦେଇ ନଥିଲେ। ଆପଣ କବୀର୍ ଖାନ୍ ଏବଂ ଅଲି ଅବ୍ବାସ୍ ଜାଫର୍‌ଙ୍କ ଭଳି ନିର୍ଦ୍ଦେଶକଙ୍କ ସହ କାମ କରନ୍ତୁ, ଯେଉଁମାନେ ଆପଣଙ୍କୁ ବ୍ଲକ୍‌ବଷ୍ଟର୍ ଫିଲ୍ମ ଦେଇଥିଲେ। ଶାହରୁଖ୍ ଖାନ୍‌ଙ୍କ ମ୍ୟାନେଜର୍ ପୂଜା ଡଡ୍‌ଲାନୀ ଯେମିତି ପ୍ରଶଂସକଙ୍କ ସବୁ ବାର୍ତ୍ତା ତାଙ୍କୁ ଦେଉଛନ୍ତି, ଆପଣ ବି ସେମିତି ଜଣେ ବ୍ୟକ୍ତି ରଖିବା ଦରକାର।"

ପ୍ରଶଂସକଙ୍କ ମତାମତ ଶୁଣିବା ପରେ ସଲ୍‌ମାନ୍ ଆଗକୁ ଏସବୁ ଦିଗ ଉପରେ ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ସେ ସ୍ୱୀକାର କରିଛନ୍ତି ଯେ, ଗୋଟିଏ ବଡ଼ ଫିଲ୍ମ ଯେଭଳି ନିର୍ମାଣ ହେବା କଥା 'ସିକନ୍ଦର୍'ର କାମ ସେହି ଢଙ୍ଗରେ ହେଉନାହିଁ ବୋଲି ପ୍ରଥମରୁ ହିଁ ସେ ଅନୁଭବ କରିଥିଲେ।

## ସବୁ ଜାଣି ଅଧିକାରୀ ନିରବଦ୍ରଷ୍ଟା

# କୋମଳମତି ଛାତ୍ର ଛାତ୍ରୀଙ୍କ ପୋଷାକ ବଣ୍ଟନରେ ଦୁର୍ନୀତି




**କଳାହାଣ୍ଡି,୧୫।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ୨ ଶହ ରୁ ଉର୍ଦ୍ଧ୍ୱ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ତିରିଶ ରୁ ଉର୍ଦ୍ଧ୍ୱ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ପ୍ରତିବର୍ଷ ସରକାର ହଜାର ହଜାର ବିଦ୍ୟାର୍ଥୀ ମାନଙ୍କ ନିମନ୍ତେ ୧୦୦୦ ଟଙ୍କା ସ୍କୁଲ ପୋଷାକ ଓ ଜୋତା ପାଇଁ ସରକାର ଖର୍ଚ୍ଚ କରିଥାନ୍ତି। କିନ୍ତୁ କୋମଳମତି ଛାତ୍ର ଛାତ୍ରୀ ମାନଙ୍କ ସ୍କୁଲ ପୋଷାକ ଯୋଗାଣ ପାଇଁ ପଞ୍ଜୀକୃତ ଅସାଧୁ ବ୍ୟବସାୟୀ ମାନେ କୋମଳ ମତି ଛାତ୍ର ଛାତ୍ରୀ ମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ବାରମ୍ବାର ସାମ୍ନା କୁ ଆସୁଛି।କାରଣ ସ୍କୁଲ ମାନଙ୍କରେ ପୋଷାକ ଯୋଗାଇବା ପାଇଁ ରୁପ୍ରାରୋଡ ଗ୍ରାମର କିଛି ଅସାଧୁ ବ୍ୟବସାୟୀମାନେ ପ୍ରତିବର୍ଷ ନିମ୍ନ ମାନର ପୋଷାକଯୋଗାଇ ବା ଓ ସରକାର ଙ୍କୁ ଟ୍ୟାକ୍ସ ଫାଙ୍କି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରି ଆସୁଥିବା ବିଭିନ୍ନ ସ୍କୁଲ ର ଛାତ୍ର ଅଭିଭାବକ ଓ ଶିକ୍ଷା ପରିଚାଳନା କମିଟି ମାନେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି।କିନ୍ତୁ ଏଥି ପ୍ରତି କୌଣସି ବିଭାଗୀୟ ଅଧିକାରୀ ମାନେ କର୍ଣ୍ଣପାତ କରୁ ନ ଥିବା ବେଳେ, ଓଲଟା ଶିକ୍ଷା ଅଧିକାରୀ ମାନେ ଏହି ଅସାଧୁ ବ୍ୟବସାୟୀ ମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଉ ଥିବା ଦେଖିବାକୁ ମିଳୁଛି।ସେହି କଳାବଜାରୀ ମାନଙ୍କ ପୋଷାକ ନ କିଣିଲେ ସଂପୃକ୍ତ ସ୍କୁଲ ର ପ୍ରଧାନ ଶିକ୍ଷକ ମାନଙ୍କ ଦରମା ବନ୍ଦ କରିଦିଆଯିବ ବୋଲି ମଧ୍ୟ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏପରିକି ଏହି ଅସାଧୁ ବ୍ୟବସାୟୀ ମାନଙ୍କ ଠାରୁ ପୋଷାକ ନ କିଣି ନିଜ ନିଜ ସ୍କୁଲ ର ପୋଷାକ ସଂପୃକ୍ତ ସ୍କୁଲ ର ଶିକ୍ଷା ପରିଚାଳନା କମିଟି ମାନେ ନିଜେ କ୍ରୟ କରିବା ପାଇଁ ଆଗ୍ରହ ଥିଲେ ମଧ୍ୟ ବ୍ଲକ ଶିକ୍ଷାଧିକାରୀ ମହୋଦୟ ବାଧକ ସାଜୁଥିବା ଅନେକ ଶିକ୍ଷା ପରିଚାଳନା କମିଟି ଅଭିଯୋଗ ଆଣିଛନ୍ତି। ଏଭଳିକି ରୁପ୍ରା ରୋଡ ଗ୍ରାମର ସିଦ୍ଧାର୍ଥ କ୍ଲଥ ଷ୍ଟୋର, ରାମାନୁଜ ଟ୍ରେଡର୍ସ, ମାଁ ମାଣିକେଶ୍ୱରୀ ଇଣ୍ଡଷ୍ଟ୍ରି, ଆଲୋକ କ୍ଲଥ ଷ୍ଟୋର,, କମଲ ଘଢଞ୍ଚ, ଏମ୍ /ଏସ୍ ଆଲୋକ କ୍ଲଥ ଷ୍ଟୋର, ଏହି ସବୁ ଅସାଧୁ ବ୍ୟବସାୟୀ ଙ୍କ ସହ ନର୍ଲା ବ୍ଲକ ର ଜଣେ ପଦସ୍ଥ ବି.ଆର୍.ସି ସଲା ସୁତୁରା ହୋଇ ବିଭାଗ ପାଇଁ ମୋଟା ଅଙ୍କର ପିଶି ନେଇ ବାରମ୍ବାର ଦୁର୍ନୀତି ରେ ଲିପ୍ତ ଥିବା ଅଭିଯୋଗ ହୋଇ ଆସୁଥିବା ବ୍ୟବସାୟୀ ମାନଙ୍କୁ ପୂର୍ଣ୍ଣ ସହଯୋଗ କରୁଥିବା ଅଭିଯୋଗ ହୋଇଛି।ଏହି ଦୁର୍ନୀତି ଗ୍ରସ୍ତ ଅଧିକାରୀ ଜଣକ ନର୍ଲା ବ୍ଲକର ବାସିନ୍ଦା ହୋଇଥିବାରୁ ଶିକ୍ଷା ବିଭାଗ ରେ ଛାତ୍ର ଛାତ୍ରୀ ଙ୍କୁ ଶୋଷଣ କରିବା ପାଇଁ ସହଜ ସାଧ୍ୟ ହେଉଥିବା କୁହାଯାଉଛି।ଏଣୁ ଏହି ଅସାଧୁ ଅଧିକାରୀ ଓ ଦୁର୍ନୀତି ଗ୍ରସ୍ତ ବ୍ୟବସାୟୀ ଙ୍କ ବିରୋଧରେ ରାଜ୍ୟ ସରକାର ଙ୍କ ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଶିକ୍ଷା ପରିଚାଳନା କମିଟି ର ସଦସ୍ୟ ମାନେ ଅଭିଯୋଗ ଆଣିଛନ୍ତି।

● ଉଲିବେଡା ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ

## ବ୍ଲକ ଅଫିସରେ ପହଞ୍ଚିଲା ଗାଁର ବିବାଦ

**କଳିଙ୍ଗନଗର,୧୫।୪(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକର ଶାଳୀଜଙ୍ଗା ପଞ୍ଚାୟତର ଉଲିବେଡା ଗାଁ ରେ ନିର୍ମାଣ ହେବାକୁ ଥିବା ବିଦ୍ୟାଳୟ ଗୃହ କାମ କୁ ନେଇ ଯେଉଁ ବିବାଦ ଚାଲିଥିଲା ତାହା ଆଜି ବ୍ଲକ ଅଫିସରେ ପହଁଚିଛି, ଗ୍ରାମବାସୀ ମାନେ ଗାଁ ରେ ବୈଠକ କରି ଏକାଠି ହୋଇ ଦାନଗଦି ବ୍ଲକ ଅଫିସକୁ ଲିଖିତ ଅଭିଯୋଗ ଦେବାପାଇଁ ଆସିଥିବାର ଦେଖିବାକୁ ମିଳିଥିଲା, ବ୍ଲକ ରେ ବି. ଡି. ଓ ଅନୁପସ୍ଥିତ ଥିବାରୁ ଦାୟିତ୍ୱ ରେ ଥିବା ଏବିଡିଓ ଦିବ୍ୟା ମିଶ୍ର ଙ୍କୁ ଗ୍ରାମବାସୀ ମାନେ ଅଭିଯୋଗ ଫର୍ଦ ଦେଇଥିଲେ, ଏବିଡ଼ିଓ ବିଡ଼ିଓ ଙ୍କ ସହ କଥା ହୋଇ ଏ ଘଟଣାର ତଦନ୍ତ ଖୁବ ଶୀଘ୍ର କରିବେ ବୋଲି କହିଛନ୍ତି, ସୂଚନା ଥାଉକି ଉଲିବେଡାଗାଁ ରେ ବି ଦ୍ୟାଳୟ ଗୃହ ନିର୍ମାଣ ପାଇଁ ଜିଲ୍ଲା ଖଣିଜ ପାଣ୍ଠି ରୁ ଆସିଥିବା ୪୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାମକୁ ଗ୍ରାମବାସୀ ମାନେ ମିଳିତ ଭାବେ ଦେଖାଶୁଣା କରି କରିବା ପାଇଁ ଏକ ବୈଠକ କରି ଯନ୍ତ୍ରୀଙ୍କୁ ଜଣାଇଥିଲେ,



କିନ୍ତୁ ଜଣଙ୍କ ନାମ ରେ କାମ ନେଇ ଅନ୍ୟ ଜଣ ବାହାର ଲୋକଙ୍କୁ ରାଜନୀତି କରି କାମ ବିକି ଦେଇଥିଲେ, ଅନ୍ୟ ଜଣେ ଠିକାଦାର ଜେସିବି ମେସିନ ଦ୍ୱାରା କାମ ଆରମ୍ଭ କରୁଥିବା ବେଳେ ଗ୍ରାମବାସୀ ମାନେ ଏକାଠି ହୋଇ ଗତ ଶନିବାର ଦିନ ବିରୋଧ କରି କାମ ବନ୍ଦ କରିଥିଲେ, ଗ୍ରାମବାସୀ ଙ୍କ ଅଭିଯୋଗ ହେଉଛି ଆଦିବାସୀ ପଲ୍ଲୀ ଅଞ୍ଚଳ ହେଉଥିବାରୁ ଠିକାଦାର ମାନେ ନିମ୍ନ ମାନର କାମ କରି ଦେଇ ଠକି ଦେଉଛନ୍ତି, ତେଣୁ ଆମ ଗ୍ରାମବାସୀ କାମ କରିବୁ, ଆମେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବାରମ୍ବାର ଆମେ କାମ କରିବୁ ବୋଲି ସ୍ଥାନୀୟ ନେତା ଜାଣିଛନ୍ତି, ତାପରେ ଗ୍ରାମବାସୀ ମାନଙ୍କୁ ନ ପଚାରି କିପରି କାମ ହେବ, ଆଜି ଗ୍ରାମବାସୀ ମାନେ କହିଛନ୍ତି ଯଦି ବିଡ଼ିଓ କିଛି ବିଚାର ନ କରନ୍ତି ଆମେ ବ୍ଲକ ସମ୍ମୁଖରେ ଗ୍ରାମବାସୀ ମାନେ ଧାରଣା ଦେବୁ କେବେ ମଧ୍ୟ ବାହାର ଠିକାଦାରକୁ ଗାଁ ରେ ପୁରାଇ ଦେବୁନାହଁ, କାମ ହେଲେ ଘୋର ବିରୋଧ କରି ବନ୍ଦ କରିବୁ, ଯାହା ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ।

## ବାବା ସାହେବ ଆମ୍ବେଦକରଙ୍କ ଜନ୍ମଜୟନ୍ତୀ ପାଳିତ



**ସୁନ୍ଦରଗଡ଼,୧୫।୪(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଆମ୍ବେଦକର ପରିବାର ତରଫରୁ ସୋମବାର ଅପରାହ୍ନ ୪ ଟା ସମୟରେ ବିର୍ସା ମୁଣ୍ଡା ଛକରୁ ଏକ ବିରାଟ ଶୋଭା ଯାତ୍ରାରେ ବାହାରିଥିଲେ। ଦୁଲଦୁଲି ବାଜା ସହିତ ଆଦିବାସୀ ନୃତ୍ୟ ଏବଂ ଭବ୍ୟ ଶୋଭାଯାତ୍ରା ବାହାରିଥିଲେ। ପ୍ରଥମେ ପୁରୁଣା ବସ ଷ୍ଟାଣ୍ଡରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଆମ୍ବେଦକର ପରିବାର ତରଫରୁ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ଡିଆରଡିଏ ଛକ, ହସ୍ପିଟାଲ୍ ଛକ ରଙ୍ଗାଢିପକ୍ଷ ଛକ ଦେଇ ଯାତ୍ରା ପଡ଼ିଆ କୁ ପହଂଚିଥିଲେ। ସେଠାରେ ଏକ ବିରାଟ ସଭାର ଆୟୋଜନ କରା ଯାଇଥିଲା। ମୁଖ୍ୟ ଅତିଥି ଭାବେ ଆଦିବାସୀ ବ୍ୟାପାର କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ। ତାଙ୍କ ସହ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ସଦର ବିଧାୟକ ଯୋଗେଶ କୁମାର ସିଂ, ରାଜଗାଙ୍ଗପୁର ବିଧାୟକ ଡ.ସିଏସ ରକ୍ଷଜେନ ଏକ୍କା, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପୂର୍ବତନ ନଗରପକ୍ଷଳ ରାଜ କିଶୋର ଷଡଙ୍ଗୀ, ପୌର ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ବେଣୁ ମାଧବ ତ୍ରିପାଠୀ, ଜୟ ନାରାୟଣ ତ୍ରିପାଠୀ, ରଜନି ରୋହିଦକ୍ଷସ ପ୍ରମୁଖ ଯୋଗଦାନ କରି ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆମ୍ବେଦକର ପରିବାରର ସଭାପତି ପ୍ରଫୁଲ୍ଲ କୁମାର ସୁନ୍ୟାନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସଫଳ ହୋଇଥିଲା। ପ୍ରିୟଙ୍କକ୍ଷ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚକ୍ଷବାର୍ଲକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଏହି ମହାନ ଉତ୍ସବକୁ ଅବିସ୍ମରଣୀୟ କରିବା ପାଇଁ ପଶ୍ଚିମ ଓଡ଼ିଶାର ଖ୍ୟାତିନାମା କଣ୍ଠ ଶିଳ୍ପୀମାନେ ମଞ୍ଚ ଅଳଙ୍କାର କରି ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ।

## ମଦ ଚୋରାଚାଲାଣ ବେଳେ ଧରିଲେ ଗ୍ରାମବାସୀ

**ବେହେରା,୧୫।୪ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଠାରେ ଥିବା ବିଦେଶୀ ମଦ ଦୋକାନର ଦୁଇଜଣ କର୍ମଚାରୀ ବିଦେଶୀ ମଦ ଚୋରା ଚାଲାଣ କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡିଛନ୍ତି। ବିଦେଶୀ ମଦ ଦୋକାନରୁ ୨ଜଣ କର୍ମଚାରୀ ଏକ ବାଇକ୍ (ଓଆର୦୮ଏଫ ୦୪୦୩) ରେ ପ୍ରାୟ ୪୮ଲିଟର ବିଅର ନେଉଥିବା ବେଳେ ଗ୍ରାମର ସଚେତନ ଯୁବକ ଅଟକାଇ କୋକସରା ଥାନାକୁ ଖବର ଦେଇଥିଲେ। କୋକସରା ଥାନା ଏସ୍ଆଇ ହେମନ୍ତ କୁମାର ପାତ୍ର, ଏଏସ୍ଆଇ ସନ୍ତୋଷ କୁମାର ନାଏକ, ଗ୍ରାମରକ୍ଷୀ ଭୋଳାନାଥ ଭରତିଆ ଘଟଣାସ୍ଥଳରେ ପହଞ୍ଚି ମଦ ସହ ୨ କର୍ମଚାରୀଙ୍କୁ ଥାନାକୁ ନେଇଥିଲେ । ପୋଲିସ ସେମାନଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି।

## ପ୍ଲାଷ୍ଟିକ ଓ ପଲିଥିନ୍ ବର୍ଜନ ସଚେତନତା ପଦଯାତ୍ରା

● କାଗଜରେ ଠୁଙ୍ଗା, ମୁଣି ତିଆରି କରି ଗ୍ରାମବାସୀଙ୍କୁ ସଚେତନ କରାଇଲେ ଛାତ୍ରଛାତ୍ରୀ




**ନୟାଗଡ଼,୧୫।୪ (ସଂଚାର ବ୍ୟୁରୋ):** ଦିନକୁ ଦିନ ପଲିଥିନ ଓ ପ୍ଲାଷ୍ଟିକ ଜାତ ଦ୍ରବ୍ୟର ବ୍ୟବହାର ଏ ମଣିଷ ଏତେ ମାତ୍ରାରେ ବୃଦ୍ଧି କରି ଚାଲିଛି ଯେ, ନିଜେ ନିଜର ପରବର୍ତ୍ତୀ ପିଢ଼ିର କ୍ଷତିର ଭୟାବହତା ନିଜେ ଜାଣି ମଧ୍ୟ ଭୁଲ ପରେ ଭୁଲ କରିଚାଲିଛେ। ଏ ପଲିଥିନ ଓ ପ୍ଲାଷ୍ଟିକ କ୍ୟାନ୍ସର ରୋଗ ବୃଦ୍ଧି ସହିତ ଭୂତଳ ଜଳସ୍ତର ହ୍ରାସର ମୁଖ୍ୟ କାରଣ ପାଲଟିଛି। ସେଥିପ୍ରତି ତିଳେ ମାତ୍ର ମନୁଷ୍ୟ ଦୃଷ୍ଟି ନିକ୍ଷେପ କରିପାରୁନାହିଁ। ଖାଲି ସେତିକି ନୁହେଁ, ମନୁଷ୍ୟ ସହିତ ଜଡିତ ପଶୁ ପକ୍ଷୀ ଓ ଉପକାରୀ ଜୀବ ପଲିଥିନ ଖାଇ ନାନା ରୋଗରେ ପଡ଼ି ମୃତ୍ୟୁ ବରଣ କରୁଛନ୍ତି। ଖାଲି ସେତିକି ନୁହେଁ ଏ ପ୍ଲାଷ୍ଟିକ ଓ ପଲିଥିନ୍ ଉଦ୍ଭିଦର ବୃଦ୍ଧିରେ କ୍ଷତିକାରୀ ହେଲାଣି ଜାଣି ମଧ୍ୟ ଏ ଧାରା ପୃଷ୍ଠରେ ନିଜକୁ ଏକକ ଚକ୍ର ବର୍ତ୍ତି ବୀର ମନେକରି ଅନ୍ୟର ଧ୍ୱଂସ ସହିତ ନିଜର ଧ୍ୱଂସ କରିଚାଲିଛେ। ସେଥିପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଭିନ୍ନ ପ୍ରୟାସ ଆରମ୍ଭ କରିଛନ୍ତି। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅର୍ନ୍ତଗତ ସରକାରୀ ଉଚ୍ଚ ବିଦ୍ୟାଳୟ ରୋହିବାଙ୍କର ସ୍କାଉଟ ଗାଇଡ ଓ ଇକୋ କ୍ଲବ ର ଛାତ୍ର ଛାତ୍ରୀମାନେ ମିଶି ଏକ ଭିର୍ଣ୍ଣ ଢଙ୍ଗରେ ସଚେତନତା ବାର୍ତ୍ତା ପ୍ରେରଣ କରିଛନ୍ତି। ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ କାଗଜ ଠୁଙ୍ଗାର ପ୍ରସ୍ତୁତି ପ୍ରଣାଳୀକୁ ଆଧାର କରି ଶିକ୍ଷୟିତ୍ରୀ ଅବନ୍ତି ବେହେରା ଓ ଶିକ୍ଷକ ଆଲୋକ ନାୟକ ପିଲାଙ୍କୁ ନେଇ ପ୍ରଥମେ ପୁରୁଣା ଖବର କାଗଜରେ ଠୁଙ୍ଗା ଓ ମୁଣି ତିଆରି କରିଥିଲେ। କେବଳ ସେତିକି ନୁହେଁ ପିଲାମାନେ ଲେଖିସାରିଲା ପରେ ଫିଙ୍ଗି ଦେଉଥିବା ପେନ୍ ଗୁଡ଼ିକୁ ନେଇ ସୁନ୍ଦର ଘର ସଜ୍ଜା ଉପକରଣ ସହିତ, ଫିଙ୍ଗି ଦିଆଥିବା ବୋତଲ କୁ କାଟି ପେନ୍ ଷ୍ଟାଣ୍ଡ ଆଦି ବହୁତ ଉପକରଣ ତିଆରି ପ୍ରଣାଳି ଶିକ୍ଷା ଦେଇଥିଲେ। ଏହା ପରେ ସମସ୍ତ ଛାତ୍ର ଛାତ୍ରୀମାନଙ୍କୁ ନେଇ ଜଳ ଓ ଶକ୍ତି ସଂରକ୍ଷଣ କରିବା, ଜଳାଶୟ ଓ ସର୍ବସାଧାରଣ ସ୍ଥାନକୁ ସଫାରଖିବା, ଯେତେ ସମ୍ଭବ ନିଜ ପାଣି ବୋତଲ ସାଥିରେ ନେବା, ଅଧିକ ବୃକ୍ଷ ରୋପଣ ସହିତ ଏହାର ସଂରକ୍ଷଣ କରିବା, ବର୍ଜ୍ୟବସ୍ତୁର ହ୍ରାସ ନିମନ୍ତେ ଅଭ୍ୟାସ ଜାରି ରଖିବା ଆଦିକୁ ନେଇ ଶପଥ ପାଠ କରାଯାଇ ଥିଲା।

## ମା’ ଠାକୁରାଣୀ ବାର୍ଷିକ ଯାତ୍ରାରେ ଯୋଗଦେଲେ ସାଂସଦ ମାଳବିକା ଦେବୀ

**ଭବାନୀପାଟଣା,୧୫।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡା ଗ୍ରାମର ମା ଠାକୁରାଣୀ ଙ୍କ ବାର୍ଷିକ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବାସୀଙ୍କ ଅନୁରୋଧ ରକ୍ଷା ପୂର୍ବକ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେଓ ଯୋଗଦେଇ ମା’ଙ୍କ ଦର୍ଶନ ଲାଭ କରିବା ପରେ ପୂଜା କମିଟି ଦ୍ୱାରା ଆୟୋଜିତ ସଭାରେ ଯୋଗଦେଇ ଗ୍ରାମବାସୀ ଙ୍କୁ ମା ଠାକୁରାଣୀ ଙ୍କ ବାର୍ଷିକ ଯାତ୍ରାର ଶୁଭେଚ୍ଛା ଜଣେଇବା ସହ ଅଞ୍ଚଳବାସୀ ଙ୍କ ରହିଥିବା ଉନ୍ନୟନ ମୂଳକ କାର୍ଯ୍ୟ ଓ ଦାବି କୁ ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ଗୋଦାବରୀଶ ପାତ୍ର, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ବରିଷ୍ଠ ଆଦିବାସୀ ବିଜେପି ନେତା ଗୋପିଚନ ନାଏକ, ସମିତି ସଭ୍ୟ ଘନଶ୍ୟାମ ନାଏକ, ଚକ୍ରଧର ବେଶ୍ରା, ସନାତନ ସୁନାନି, ନକୁଲ ନାଏକ, ଦୁର୍ଗା ପ୍ରସାଦ ପ୍ରଧାନୀ, ପ୍ରମୋଦ ପ୍ରଧାନୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଅଞ୍ଚଳ ର ବିଭିନ୍ନ ସମସ୍ୟା ଓ ତାର ସମାଧାନ ନେଇ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



● କେନ୍ଦୁଝରରେ ତାଣ୍ଡବ ରଚିଲା କାଳବୈଶାଖୀ

## ବର୍ଷା ପବନ ସାଙ୍ଗକୁ କୁଆପଥର ମାଡ଼, ଉପୁଡ଼ିଲା ଗଛ



**ପାଟଣା,୧୫।୪(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାରେ କାଳବୈଶାଖୀ ପ୍ରଭାବ । ବର୍ଷା ଓ ପବନ ସାଙ୍ଗକୁ କୁଆପଥର ମାଡ଼ ହୋଇଛି । କାଳବୈଶାଖୀ ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ଗଛ ଉପୁଡ଼ିପଡ଼ିଛି । କେନ୍ଦୁଝର ଜିଲ୍ଲା ପାଟଣା, ସାହାରପଡ଼ା, ଉଖୁଣ୍ଡା ଓ ବୁରୁଗୁଙ୍ଗା ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ସାଙ୍ଗକୁ କୁଆପଥର ମାଡ଼ ହୋଇଛି । ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି । ବାର୍ଣ୍ଣୋଳି-ଚମ୍ପୁଆ ରାସ୍ତାର କାଶିଆ ନିକଟରେ ରାସ୍ତା ଉପରେ ଗଛ ପଡ଼ିଥିବାରୁ ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି । ଏହିସହ ବୁରୁଗୁଙ୍ଗା ବିଦ୍ୟୁତ ସବ୍ ଷ୍ଟେସନ ଟ୍ରାନ୍ସଫର୍ମର ଉପରେ ଗଛ ଡାଳ ଖସି ପଡ଼ିଛି । କୁଆପଥର ମାଡ଼ରେ ଅଞ୍ଚଳରେ ହୋଇଥିବା ପନିପରିବା ଚାଷ ନଷ୍ଟ ହୋଇଛି । କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ଯୋଗୁଁ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ଅଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି ।

## ଉତ୍କଳ ଗୌରବ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଯାପିତ



**ଦଶରଥପୁର,୧୫।୪(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଆଲକୁଣ୍ଡି ପଞ୍ଚାୟତ ବରିଶିଆଳ ସ୍ଥିତ ଉତ୍କଳ ଗୌରବ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ଆୟୋଜିତ ସଭାରେ ପ୍ରାକ୍ତନ ଛାତ୍ର ନରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ ସରକାରଙ୍କ ଶିକ୍ଷା ନୀତିକୁ ବିରୋଧ କରିଥିଲେ, ବିଦ୍ୟାଳୟରେ ରଙ୍ଗ ମାରିଦେଲେ ହେବ ନାହିଁ ଆବଶ୍ୟକ ଭିତ୍ତିଭୂମି ଉନ୍ନତି, କୁଶଳୀ ଶିକ୍ଷକ, ବିଜ୍ଞାନାଗାର ଆଦିକୁ ସରକାର ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଏସୟୁସିଆଇ ରାଜ୍ୟ କମିଟି ସଭ୍ୟ ଅଶୋକ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ରାଜ୍ୟ ସଭା ସାଂସଦ ତଥା ରାଜ୍ୟ ଆଇଏନଟିୟୁସି ସଭାପତି ଡ଼ ରାମ ଚନ୍ଦ୍ର ଖୁଣ୍ଟିଆ କେନ୍ଦ୍ରର ପୂର୍ବର କଂଗ୍ରେସ ସରକାରଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ, ଶିକ୍ଷା ଆଇନ, ମିଡ଼ମିଲ, ସ୍କଲରସିପ, ମାଗଣା ବହି ଶିକ୍ଷା ଋଣ ଆଦି ବ୍ୟବସ୍ଥା କରାଯାଇଥିଲା। ମାତ୍ର ବର୍ତ୍ତମାନ ବିଜେପି ସରକାର ଘରୋଇ ବିଦ୍ୟାଳୟକୁ ପ୍ରାଧାନ୍ୟ ଦେଉଥିବା ଅଭିଯୋଗ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ କହିଥିଲେ ବିଦ୍ୟାଳୟର ନାମ କାରଣ ଅନୁସାରେ ଏହି ଅଞ୍ଚଳର ମେଧାବୀ ପିଲା ଉତ୍କଳର ନାମକୁ ପରିଚିତ କରି ଅଞ୍ଚଳର ଗୌରବ ଆଣନ୍ତୁ ତେବେ ବିଦ୍ୟାଳୟର ନାମକରଣ ଯଥାର୍ଥ ରହିବ। ଅନ୍ୟତମ ସମ୍ମାନିତ ଅତିଥିଭାବେ ମହିଳା ସାଂସ୍କୃତିକ ସଂଗଠନ ରାଜ୍ୟ ସଭାନେତ୍ରୀ ସ୍ୱପ୍ନପ୍ରଭା ନାୟକ, କଂଗ୍ରେସ ନେତା ସନ୍ତୋଷ ନନ୍ଦ, କନକଲତା ମଲ୍ଲିକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ସାମଲ, ପୁରାତନ ଛାତ୍ର ସାଂସଦ ଅଧ୍ୟକ୍ଷ କୁମାର ପରିଡାଙ୍କ ସମେତ ପୁରାତନ ଛାତ୍ର ଅଧ୍ୟାପକ ଲକ୍ଷ୍ମୀଧର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ପରିଶେଷରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି ଅବସରରେ ଜାଫରପୁର ପଞ୍ଚାୟତ ଚାଉଳିଆ ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭାଗିରଥି ରାୟଙ୍କ ଷ୍ଟାଚୁରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦଶରଥପୁର ବ୍ଲକ କଂଗ୍ରେସ ପକ୍ଷରୁ ଅତିଥିମାନଙ୍କୁ ମଙ୍ଗଳପୁର ବଜାରରୁ ଏକ ବାଇକ ଶୋଭାଯାତ୍ରାରେ ସ୍ୱାଗତ ଜଣାଇ ବିଦ୍ୟାଳୟ ନିକଟରେ ପହଞ୍ଚାଥିଲେ।

## ମା’ ବୁଢ଼ୀମଙ୍ଗଳାଙ୍କ ବାର୍ଷିକ ଉତ୍ସବ



**ବାଲେଶ୍ୱର,୧୫।୪(ସଂଚାର ବ୍ୟୁରୋ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ, ଓଡ଼ିଆ ନୂଆବର୍ଷ ଏବଂ ଭାରତରତ୍ନ ଡ. ବାବା ସାହେବଙ୍କ ୧୩୪ତମ ଜୟନ୍ତୀ ଅବସରରେ ସୁଏଲପୁରସ୍ଥିତ ମା’ ବୁଢ଼ୀମଙ୍ଗଳା ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ପାରମ୍ପରିକ ପୂଜାବିଧି ଓ ପ୍ରସାଦସେବନ କାର୍ଯ୍ୟକ୍ରମ ପ୍ରଭୃତି ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ସମାପ୍ତ ହୋଇଛି। ଏହି ଅବସରରେ ‘ମା’ ବୁଢ଼ୀମଙ୍ଗଳା ଚ୍ୟାରିଟେବୁଲ୍ ଟ୍ରଷ୍ଟ’ ନାମରେ ଏକ ସଂଗଠନ ପ୍ରତିଷ୍ଠା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଗ୍ରାମର ଆର୍ଥିକ ଅନଗ୍ରସର ଓ ଶାରୀରିକ ଅକ୍ଷମ ୫ ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସ୍ୱର୍ଗତ ଗଣେଶ ଚନ୍ଦ୍ର ସାହୁ ଓ ତାଙ୍କ ପତ୍ନୀ ସାବିତ୍ରୀ ସାହୁଙ୍କ ପରିବାର ପକ୍ଷରୁ ଏଥିପାଇଁ ଆର୍ଥିକ ଅନୁଦାନ ଗ୍ରହଣ କରାଯାଇଥିଲା।

## ରାସ୍ତା କଡ଼ରେ ବାଇକ ଜାଳିଦେଲେ ଦୁର୍ବୃତ୍ତ, ପୁଲିସ ତଦନ୍ତ ଜାରି ରଖିଛି



**ଫୁଲବାଣୀ,୧୫।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନୀ ପଦର ପଞ୍ଚାୟତ ବରେବାଟା ଗାଁ ରାସ୍ତା କଡରେ ଦୁର୍ବୃତ୍ତ ବାଇକ ପୋଡି ଦେଇଥିବା ଦେଖିବାକୁ ମିଳିଛି। ତେର ତାରିଖ ଦିନ ରବିବାର ଦିନ ବିଳମ୍ବ ରାତି ରେ ଗତ କାଲି କାଶିନୀ ପଦର ଠାରେ ଦଣ୍ଡ ଯାତ୍ରା ମେରୁ ଅନୁଷ୍ଠିତ ହେଉଥିଲା ପ୍ରବଳ ଗହଳି ଚହଳି ଲାଗି ରହିଥିଲା। ବରେବାଟା ଗାଁର ଶ୍ରୀକାନ୍ତ କହଁର ନାମକ ଯୁବକ ନିଜ ଗାଁ ଘର ପାଖ ରାସ୍ତା କଡରେ ନିଜ ବାଇକ ରଖି ଘରକୁ ଯାଇଥଲେ ଗହଳି ଲାଗିରହିଥିବା ରୁ ବାଇକ ଟିକୁ ଘରକୁ ନେଇଁ ନଥିଲେ ତେବେ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଗାଡ଼ିରେ ନିଆଁ ଲଗାଇ ଦେଇଥିବା ବେଳେ ଗାଡିଟି ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇ ଯାଇଛି। ଗାଡି ପାଖକୁ ଜାଇ ଗାଡିଟି ପୋଡି ଯାଇଥିବାରୁ ଗତ କାଲି ରବିବାର ଦିନ ଅଭିଯୋଗ କରିଛନ୍ତି ଫିରିଙ୍ଗିଆ ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥୁବା ଜଣା ପଡ଼ିଛି। ଗାଡି ପୋଡି ଘଟଣା ପୂର୍ବ ଶତ୍ରୁତା ନା ଆଉ କଣ ରହିଛି କିଛି ଜଣା ପଡ଼ିନଥିବା ବେଳେ ଫିରିଙ୍ଗିଆ ପୋଲିସ ଗୋପିନାଥ ବେହେରା ଏହାର ତଦନ୍ତ କରୁଥିବା ସୂଚନା ମିଳିଛି ।

## ବିଞ୍ଝାରପୁର ପ୍ରେସ ଫୋରମ୍‌ର ଉଦ୍‌ଘାନୀ ଉତ୍ସବ




**ବିଞ୍ଝାରପୁର,୧୫।୪(ସଂଚାର ବ୍ୟୁରୋ):** ମୁଁ ସାତ ସାତ ଥର ବିଧାୟିକା ହେବାରେ ସାମ୍ବାଦିକ ମାନଙ୍କ ର ପ୍ରମୁଖ ଭୂମିକା ରହିଛି। ସାଧାରଣ ଲୋକ ରୁ ବିଧାୟିକା ଆଉ ବିଧାୟିକା ରୁ ମୁଁ ବାଚସ୍ପତି ହେବା ପର୍ଯ୍ୟନ୍ତ ସାମ୍ବାଦିକ ମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।ଆଜି ବିଂଝାରପୁର ସଦର ମହକୁମା ସ୍ଥିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ପ୍ରେସ ଫୋରମର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସାମ୍ବାଦିକ ମାନଙ୍କ ଉଦ୍ଦେଶ୍ୟ ରେ ଏଭଳି କିଛି କହିଛନ୍ତି ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ। ପ୍ରେସ ଫୋରମର ସଭାପତି ରାଣାପ୍ରତାପ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲିକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଆମ ଓଡ଼ିଶା ର ଅଧକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଅମୀୟ ପାଣ୍ଡବ, ଏସୟୁଜେ ସଂଘର ରାଜ୍ୟ ସଭାପତି ସାମ୍ବାଦିକ କୈଳାସ ଚନ୍ଦ୍ର ନାୟକ, ଫୋକସ ପ୍ଲସର ସମ୍ପାଦକ ତଥା ଆଉରା ସଂଘର ସଭାପତି ଡ଼ଃ ସୁଧାଂଶୁ ଶେଖର ରାଉତ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ପ୍ରେସ ଫୋରମର ସମ୍ପାଦକ ଶୁଭକାନ୍ତ ଦାସ ପ୍ରମୁଖ ଯୋଗଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାସହ ସାମ୍ବାଦିକ ଓ କାର୍ଯ୍ୟ ନିବୃତ୍ତ ସାମ୍ବାଦିକ ମାନଙ୍କ ପାଇଁ ସରକାର ମାସକୁ ୨୫ ହଜାର ଟଙ୍କା ଲେଖା ଭତ୍ତା, ଗୋପବନ୍ଧୁ ସ୍ୱାସ୍ଥ୍ୟ ଯୋଜନାରେ ସୁବିଧା ପାଉଥିବା ସାମ୍ବାଦିକଙ୍କୁ ସ୍ୱୀକୃତି ପ୍ରାପ୍ତ ସାମ୍ବାଦିକର ମାନ୍ୟତା, ଭୁବନେଶ୍ୱରଠାରେ ୨ ଶହ ଶଯ୍ୟା ବିଶିଷ୍ଟ ସାମ୍ବାଦିକ ଅତିଥିଭବନ ନିର୍ମାଣ ଏବଂ ପ୍ରତି ଜିଲ୍ଲା ସଦର ମହକୁମାରେ ସାମ୍ବାଦିକ ଭବନ ନିର୍ମାଣ କରିବାକୁ ବିଧାୟିକାଙ୍କ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି କରିଥିଲେ। ସାମ୍ବାଦିକ ମାନଙ୍କ ସମସ୍ୟା ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ମଲିକ କହିବାସହ ସାମ୍ବାଦିକମାନେ ସତ୍ୟ ଖବର ଉପରେ ଗୁରୁତ୍ୱ ଦେବାସହ ନିରପେକ୍ଷତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ରେ ବସି ଆତ୍ମଘୋଷିତ ସଭାପତି ମାନେ ବିଞ୍ଝାରପୁର ର ସାମ୍ବାଦିକ ମାନଙ୍କ ଭିତରେ ବିଭାଜନ କରିବାକୁ ଚେଷ୍ଟା ନ କରିବାକୁ କହିଥିଲେ ଷ୍ଟେଟ୍ ୟୁନିଅନ ଅଫ ଜର୍ନାଲିଷ୍ଟ ର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ। ଏହି ଅବସରରେ କଳା କ୍ଷେତ୍ରରେ ତପସ୍ୱିନୀ ମଲିକ, ଶିକ୍ଷା କ୍ଷେତ୍ରରେ ଶିକ୍ଷାବିତ୍ ଉମାକାନ୍ତ ସାମଲ, ସମାଜସେବା କ୍ଷେତ୍ରରେ ସମାଜସେବୀ ସୁରେନ୍ଦ୍ର କୁମାର ମହାଲିକ ଓ ଭରତ ବାଈ, ପରିବେଶବିତ୍ ଭାବେ ଉମେଶ ଚନ୍ଦ୍ର ନାୟକ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୈଳାସ ଚନ୍ଦ୍ର ଜେନା, ସାମ୍ବାଦିକତା କ୍ଷେତ୍ରରେ ଦେବେନ୍ଦ୍ର ସାମଲ, ସମ୍ବାଦ ପତ୍ର ବିତରକ ଭାବେ କାଶୀନାଥ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନାରୀ ନିର୍ଯାତନା ବିରୁଦ୍ଧରେ କଂଗ୍ରେସର ମଶାଲ ଶୋଭାଯାତ୍ରା

**ବେତନଟୀ,୧୫।୪(ସଂଚାର ବ୍ୟୁରୋ):** ରାଜ୍ୟରେ ନାରୀମାନଙ୍କୁ ନିର୍ଯାତନା ଦିନକୁ ଦିନ ବଢୁଥିବାବେଳେ ସରକାରଙ୍କ ବିରୁଦ୍ଧରେ ବେତନଟୀ ବ୍ଲକ କଂଗ୍ରେସ ପକ୍ଷରୁ ଶନିବାର ଦିନ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ନୂତନ ସରକାର ଆସିବା ପରଠୁ ନାରୀ ନିର୍ଯାତନା ଘଟଣା ସାମ୍ନକୁ ଆସୁଥିବା ବେଳେ ସରକାର ଏଦିଗରେ ରୋକ ଲଗେଇବା ପାଇଁ ଆଗାମୀ ଦିନରେ କିପରି ଆଇନ ବ୍ୟବସ୍ଥାକୁ କଡାକଡି କରିବେ ସେ ଦିଗରେ ପଦକ୍ଷେପ ନେବାକୁ ଦାବି ରଖିଥିଲେ। କଂଗ୍ରେସ ବ୍ଲକ ସଭାପତି କୁଶଧର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ମଶାଲ ଶୋଭାଯାତ୍ରାରେ ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ଜଶବନ୍ତ ନାରାୟଣ ଲାଗୁରି, ବେତନଟୀ କଂଗ୍ରେସ ପର୍ଯ୍ୟବେକ୍ଷକ ପ୍ରକାଶ କର ମହାପାତ୍ର, ଆଇନ ଜୀବି ପ୍ରବୀର କୁମାର ବାରିକ, ବିଧାୟକ ପ୍ରାର୍ଥୀ କ୍ଷୀରୋଦ ଚନ୍ଦ୍ର ପାତ୍ର, ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରାକୁ ସଫଳ କରାଇଥିଲେ।